


ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶନିବାର ୨୫ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 25 April 2026

Vol.No. 36 ■ No.108 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଖୁବ୍ ଶୀଘ୍ର ଆସୁଛି

ସାଗରିକା

(ବିଷୁବସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


# ରାଘବ ଚଡ୍ଢାଙ୍କ ସମେତ ଦଳ ଛାଡିଲେ ଆମ୍ ଆଦମୀ ପାର୍ଟିର ୭ ସାଂସଦ : ମିଶିଲେ ବିଜେପିରେ

ନୂଆଦିଲ୍ଲୀ, ୨୪ ଏପ୍ରିଲ (ହି.ସ.)। ପଞ୍ଜାବରେ କ୍ଷମତାସୀନ ଆମ ଆଦମୀ ପାର୍ଟି (ଆଆପା)ର ରାଜ୍ୟସଭାର ସାତଜଣ ସଦସ୍ୟ ନିଜ ଦଳର ସଦସ୍ୟତାରୁ ପଦତ୍ୟାଗ କରି ଭାରତୀୟ ଜନତା ପାର୍ଟି (ବିଜେପି)ରେ ମିଶିବାକୁ ନିଷ୍ପତି ନେଇଛନ୍ତି। ପାର୍ଟିର ସାଂସଦ—ରାଘବ ଚଡ୍ଢା, ଅଶୋକ ମିତ୍ତଲ ଏବଂ ସନ୍ଦୀ ପାଠକ ଶୁକ୍ରବାର ଏଠାରେ ସଂବିଧାନ କ୍ଲବରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହାର ଘୋଷଣା କରିଛନ୍ତି। ଚଡ୍ଢା କହିଛନ୍ତି, "ରାଜ୍ୟସଭାରେ ଆଆପାର ୧୦ଜଣ ସାଂସଦ ଅଛନ୍ତି, ସେମାନଙ୍କ ମଧ୍ୟରୁ ଦୁଇ-ତୃତୀୟାଂଶରୁ ଅଧିକ ଆମ ସହିତ ଅଛନ୍ତି। ସେମାନେ ଠିକ କରିଛନ୍ତି ଏବଂ ଆଜି ସକାଳେ ଆମେ ରାଜ୍ୟସଭାର ସଭାପତିଙ୍କୁ ସ୍ୱାକ୍ଷର ପତ୍ର ଏବଂ ଡକ୍ୟୁମେଣ୍ଟ ଦେଇଛୁ। ସେମାନଙ୍କ ମଧ୍ୟରୁ ୩ଜଣ ଏଠାରେ ଆପଣମାନଙ୍କ ସମ୍ମୁଖରେ ଅଛନ୍ତି। ଆମ ସହିତ ହରଭଜନ ସିଂହ, ରାଜିନ୍ଦର ଗୁପ୍ତା, ବିକ୍ରମ ସାହନୀ ଏବଂ ସ୍ୱାତି ମାଲିୱାଲ ମଧ୍ୟ ଅଛନ୍ତି।" ରାଘବ ଚଡ୍ଢା କହିଛନ୍ତି, "ଆଆପା, ।ହାକୁ ମୁଁ ମୋର ରକ୍ତ-ଝାଳରେ ଗଢ଼ିଛି ଏବଂ ମୋର ଯୁବାବସ୍ଥାର ୧୫ ବର୍ଷ ଦେଇଛି, ଏବେ ତାହା ନିଜର ସିଦ୍ଧାନ୍ତ, ମୂଲ୍ୟବୋଧ ଏବଂ ମୂଳ ନୀତିରୁ ଭ୍ରଷ୍ଟ ହୋଇଯାଇଛି। ଏବେ ଏହି ପାର୍ଟି ଦେଶର ହିତରେ ନୁହେଁ, ବରଂ ନିଜସ୍ୱ ସ୍ୱାର୍ଥ ପାଇଁ କାମ କରୁଛି । ଗତ କିଛି ବର୍ଷ ଧରି ମୋତେ ଏହା ଅନୁଭବ ହେଉଥିଲା ମୁଁ ଭୁଲ ପାର୍ଟିରେ ଠିକ୍ ଲୋକ ଅଟେ। ସେଥିପାଇଁ ଆଜି ଆମେ ଏହା ଘୋଷଣା କରୁଛୁ ଯେ ମୁଁ ଆଆପାରୁ ନିଜକୁ ଅଲଗା କରୁଛି ଏବଂ ଜନତାଙ୍କ ନିକଟକୁ ଯାଉଛି।" ସଂସଦର ଉଚ୍ଚ ସଦନରେ ଆଆପାର ପୂର୍ବତନ ଉପନେତା ଥିବା ଚଡ୍ଢା କହିଛନ୍ତି, "ଆମେ ନିଷ୍ପତ୍ତି ନେଇଛୁ ଯେ ଆମେ ରାଜ୍ୟସଭାରେ ଆଆପାର ଦୁଇ-ତୃତୀୟାଂଶ ସଦସ୍ୟ ଭାରତୀୟ ସଂବିଧାନର ପ୍ରାବଧାନକୁ ଅନୁସରଣ କରି (ଏକ ପାର୍ଟି ଭାବେ) ନିଜକୁ ବିଜେପିରେ ମିଶାଇଦେବୁ।" ରାଘବ ଚଡ୍ଢା କହିଛନ୍ତି, "ଗତ ୧୨ ବର୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏମିତି ଅନେକ ନିଷ୍ପତି ନେଇଛି ଯାହା ପୂର୍ବରୁ ଅନେକ ନେତା ନେବାକୁ ଭୟ କରୁଥିଲେ। ଏହି ନେତୃତ୍ୱକୁ ଜନତା ଗୋଟିଏଥର ନୁହେଁ, ତିନିଥର ସମର୍ଥନ ଦେଇଛନ୍ତି। ଆମେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଦେଶ ପାଇଁ କାମ କରିବୁ।"



## ଆଗାମୀ ୫ ମଇ ଦିନ ବିଜେପି ସରକାର ଗଠନ କରିବାକୁ ଯାଉଛି: ଅମିତ ଶାହ



ହୁଗଲି, ୨୪/୪: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଆଗାମୀ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପୂର୍ବରୁ ପ୍ରଚାର ଜୋରଦାର ହୋଇଛି। ଏହି କ୍ରମରେ, ବରିଷ୍ଠ ଭାରତୀୟ ଜନତା ପାର୍ଟି (ବିଜେପି) ନେତା ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଶୁକ୍ରବାର ଦିନ ହୁଗୁଳି ଜିଲ୍ଲାର କୋନ୍ନଗରର ଆଲକାଲି ମଇଦାନରେ ଏକ ଜନସଭାକୁ ସମ୍ବୋଧିତ କରିଥିଲେ। ନିଜ ଅଭିଭାଷଣର ପ୍ରାରମ୍ଭରେ ଅମିତ ଶାହ ସ୍ଥାନୀୟ ମନ୍ଦିର ଏବଂ ମହାନ ଚିନ୍ତାନାୟକ ଋଷି ଅରବିନ୍ଦ ଘୋଷଙ୍କୁ ପ୍ରଣାମ କରି ଭାଷଣ ଆରମ୍ଭ କରିଥିଲେ। ସେ ଦାବି କରିଛନ୍ତି ଯେ ପ୍ରଥମ ପର୍ଯ୍ୟାୟ ମତଦାନରେ ବିଜେପି ୧୧୦ରୁ ଅଧିକ ଆସନ ଜିତିବ ବୋଲି ଆକଳନ କରାଯାଇଛି ଏବଂ ୫ ମଇରେ ରାଜ୍ୟରେ ସରକାର ଗଠନ କରିବାକୁ ଯାଉଛି। ଅମିତ ଶାହା ବେଆଇନ ଅନୁପ୍ରବେଶ ପ୍ରସଙ୍ଗ ଉଠାଇଥିଲେ ଏବଂ କହିଥିଲେ ଯେ ଯଦି ବିଜେପି ସରକାର ଗଠନ କରେ ତେବେ 'ପ୍ରତ୍ୟେକ ଅନୁପ୍ରବେଶକାରୀ'ଙ୍କୁ ରାଜ୍ୟରୁ ବାହାର କରି ଦିଆଯିବ। ସେ ଅଭିଯୋଗ କରିଛନ୍ତି ଯେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେମାନଙ୍କୁ ନିଜର ଭୋଟ ବ୍ୟାଙ୍କରେ ପରିଣତ କରିଛନ୍ତି। ରାଜ୍ୟରେ କଥିତ 'ସିଣ୍ଡିକେଟ୍ ରାଜ୍' କୁ ସମାପ୍ତ କରିବାକୁ ମଧ୍ୟ ସେ ପ୍ରତିଶ୍ରୁତି ଦେଇଛନ୍ତି।

## ଯୁଦ୍ଧ ଜାରି ରଖିବାକୁ ଟ୍ରମ୍ପଙ୍କ ପାଖରେ ସପ୍ତାହେ ସମୟ : ମେ ୧ ପୂର୍ବରୁ କଂଗ୍ରେସର ଅନୁମୋଦନ ଆବଶ୍ୟକ

ୱାଶିଂଟନ, ୨୪/୦୪ : ମେ ୧ ତାରିଖ ପୂର୍ବରୁ ଟ୍ରମ୍ପଙ୍କୁ ଯୁଦ୍ଧ ଜାରି ରଖିବାକୁ ଆମେରିକା କଂଗ୍ରେସ (ଆମେରିକା ସଂସଦ)ରୁ ଅନୁମତି ନେବାକୁ ପଡ଼ିବ। ତେବେ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ସଂସଦର ସମ୍ମୁଖୀନ ହେବାକୁ ଚାହୁଁନାହାନ୍ତି। ୧୦୦ ସଦସ୍ୟ ବିଶିଷ୍ଟ ସିନେଟ୍‌ରେ ଟ୍ରମ୍ପଙ୍କର ୫୩ ସାଂସଦ ଅଛନ୍ତି। ବିରୋଧୀ କମଲା ହାରିସ୍‌ଙ୍କ ଡେମୋକ୍ରାଟିକ ପାର୍ଟିର ୪୭ ସାଂସଦ ଅଛନ୍ତି । ଇରାନ ସହିତ ଯୁଦ୍ଧ ଜାରି ରଖିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପାଖରେ ଆଉ ମାତ୍ର ୭ ଦିନ ସମୟ ବାକି ରହିଛି। ଆମେରିକା ସମ୍ବିଧାନ ଅନୁଯାୟୀ କୌଣସି ଯୁଦ୍ଧ ୬୦ ଦିନ ମଧ୍ୟରେ ଆମେରିକା କଂଗ୍ରେସର ଅନୁମୋଦନ ନେବାକୁ ପଡ଼ିବ । ମେ ୧ ତାରିଖ ପୂର୍ବରୁ ଟ୍ରମ୍ପଙ୍କୁ ଯୁଦ୍ଧ ଜାରି ରଖିବାକୁ ଆମେରିକା କଂଗ୍ରେସ (ଆମେରିକା ସଂସଦ)ରୁ ଅନୁମତି ନେବାକୁ ପଡ଼ିବ। ତେବେ ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ସଂସଦର ସମ୍ମୁଖୀନ ହେବାକୁ ଚାହୁଁନାହାନ୍ତି। ୧୦୦ ସଦସ୍ୟ ବିଶିଷ୍ଟ ସିନେଟ୍‌ରେ ଟ୍ରମ୍ପଙ୍କର ୫୩ ସାଂସଦ ଅଛନ୍ତି । ବିରୋଧୀ କମଲା ହାରିସ୍‌ଙ୍କ ଡେମୋକ୍ରାଟିକ ପାର୍ଟିର ୪୭ ସାଂସଦ ଅଛନ୍ତି। ଟ୍ରମ୍ପଙ୍କ ରିପବ୍ଲିକାନ ପାର୍ଟିର ୧୦ ସାଂସଦ ଯୁଦ୍ଧ ବିରୋଧରେ ସ୍ୱର ଉଠାଇ ସାରିଛନ୍ତି। ଅନ୍ୟପକ୍ଷରେ ବିରୋଧୀ ଡେମୋକ୍ରାଟ ଏକଜୁଟ ରହିବେ। ଏପରି ସ୍ଥିତିରେ ଟ୍ରମ୍ପ ୧ ତାରିଖ ସୁଦ୍ଧା ଯେପରି ହେଉ ଯୁଦ୍ଧ ଶେଷ କରିବାକୁ ଚାହିଁବେ। ଏହି ଆଇନରେ ୬୦ ଦିନ ପରେ ଆଉ ଏକ ବିକଳ୍ପ ରହିଛି। ରାଷ୍ଟ୍ରପତି ଏକାଥରକେ ୩୦ ଦିନ ପାଇଁ ଅତିରିକ୍ତ ସମୟ ନେଇପାରିବେ। କିନ୍ତୁ ଏହା କେବଳ ସେକ୍ଯୁନିକଙ୍କୁ ସୁରକ୍ଷିତ ଫେରାଇ ଆଣିବା ପାଇଁ ଉଦ୍ଦିଷ୍ଟ ହୋଇଥାଏ। ଯୁଦ୍ଧ ଜାରି ରଖିବା ପାଇଁ ଟ୍ରମ୍ପ ଏହି ବିକଳ୍ପ ବ୍ୟବହାର କରିପାରିବେ ନାହିଁ। ଅନ୍ୟପକ୍ଷରେ ଟ୍ରମ୍ପ ଏହି ନିୟମକୁ ଅଣଦେଖା କରିପାରନ୍ତି। ୨୦୧୧ରେ ଲିବ୍ୟା ଯୁଦ୍ଧରେ ତତ୍‌କାଳୀନ ରାଷ୍ଟ୍ରପତି ବାରାକ ଓବାମା ୬୦ ଦିନ ପରେ ବି ଯୁଦ୍ଧ ଜାରି ରଖିଥିଲେ। ସେଠାରେ ଲଗାତାର ଯୁଦ୍ଧ ସ୍ଥିତି ଲାଗି ରହିନଥିବାରୁ ଏହି ନିୟମ ଲାଗୁ ହେଉନାହିଁ ବୋଲି ଓବାମା ପ୍ରଶାସନ ଯୁକ୍ତି ରଖିଥିଲା। ତେବେ ଟ୍ରମ୍ପ କିନ୍ତୁ ୬୦ ଦିନ ସୀମାକୁ ଅଣଦେଖା କଲେ ଏହା ରିପବ୍ଲିକାନ ପାର୍ଟି ପାଇଁ ସମସ୍ୟା ସୃଷ୍ଟି ହେବ।



## ଭାରତର ଆଡଭାଇଜରୀ : ନାଗରିକଙ୍କୁ ଇରାନ ଯାତ୍ରାରୁ ଦୂରେଇ ରହିବା ଓ ସେଠାରୁ ଶୀଘ୍ର ବାହାରିବାକୁ ପରାମର୍ଶ

ନୂଆଦିଲ୍ଲୀ, ୨୪/୦୪ : ଭାରତ ସରକାର ନିଜ ନାଗରିକମାନଙ୍କୁ ଇରାନକୁ ଯାତ୍ରା ନ କରିବାକୁ ଆଡଭାଇଜରୀ ଜାରି କରିଛନ୍ତି। ବିଦେଶ ମନ୍ତ୍ରାଳୟ କହିଛି ଯେ ବର୍ତ୍ତମାନ ପରିସ୍ଥିତିକୁ ଦେଖି ଲୋକମାନେ ଆକାଶ ପଥ ଓ ସ୍ଥଳ ପଥ- ଉଭୟ ଉପାୟରେ ଇରାନକୁ ଯିବାରୁ ଦୂରେଇ ରହିବା ଉଚିତ। ବିଦେଶ ମନ୍ତ୍ରାଳୟର ଆଡଭାଇଜରି ଅନୁସାରେ, ଇରାନ ପାଇଁ ସୀମିତ ଉଡାଣ ସେବା ଆରମ୍ଭ ହୋଇଥିଲେ ମଧ୍ୟ, ଆକାଶ ପଥରେ ପ୍ରତିବନ୍ଧ ଓ ସଞ୍ଚାଳନ ସମ୍ବନ୍ଧୀୟ ଅନିଶ୍ଚିତତା ଏପର୍ଯ୍ୟନ୍ତ ରହିଛି। ଏହା ଯାତ୍ରୀମାନଙ୍କ ସୁରକ୍ଷା ପାଇଁ ବିପଦ ସୃଷ୍ଟି କରିପାରେ। ସରକାର ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଯେଉଁ ଭାରତୀୟ ନାଗରିକମାନେ ବର୍ତ୍ତମାନ ଇରାନରେ ଅଛନ୍ତି, ସେମାନଙ୍କୁ ତୁରନ୍ତ ସେଠାରୁ ବାହାରିବାକୁ ପରାମର୍ଶ ଦିଆଯାଇଛି। ଏହିପାଇଁ ନିର୍ଦ୍ଧାରିତ ସ୍ଥଳପଥ ବ୍ୟବହାର କରି ସୁରକ୍ଷିତ ଭାବରେ ଦେଶକୁ ଫେରିବାକୁ କୁହାଯାଇଛି। ଆଡଭାଇଜରିରେ ନାଗରିକମାନଙ୍କୁ ବିଶେଷ ଭାବେ ନିର୍ଦ୍ଦେଶ ଦିଆଯାଇଛି ଯେ, କୌଣସି ସୀମା ଅତିକ୍ରମ କରିବା ପୂର୍ବରୁ ସେମାନେ ସମ୍ପର୍କିତ ଅଞ୍ଚଳରେ ଥିବା ଭାରତୀୟ ଦୂତାବାସ ସହ ସମନ୍ୱୟ କରନ୍ତୁ। ଏହା ଦ୍ୱାରା ନିକାସ ପ୍ରକ୍ରିୟାକୁ ସୁରକ୍ଷିତ ଓ ସୁଚାରୁ ଭାବରେ କରାଯାଇପାରିବ।

## ଆଗୁଆ ଖରାଛୁଟି ଘୋଷଣା କଲେ ମୁଖ୍ୟମନ୍ତ୍ରୀ: ଏପ୍ରିଲ ୨୭ରୁ ସମସ୍ତ ସ୍କୁଲ ବନ୍ଦ ରହିବ

ଭୁବନେଶ୍ୱର , ୨୪ ଏପ୍ରିଲ (ହି.ସ) ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ରାଜ୍ୟରେ ଚାଲିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଗୁଆ ଖରାଛୁଟି ଘୋଷଣା କରିଛନ୍ତି। ପିଲାମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ଏହି ନିଷ୍ପତ୍ତି ଅନୁଯାୟୀ ଏପ୍ରିଲ ୨୭ ତାରିଖରୁ ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟ ବନ୍ଦ ରହିବ। ତେବେ, ପୂର୍ବ ନିର୍ଦ୍ଧାରିତ ପରୀକ୍ଷା, ଜନଗଣନା କାର୍ଯ୍ୟ ଓ ଅନ୍ୟାନ୍ୟ ଅଫିସ କାମ ପୂର୍ବପରି ଜାରି ରହିବ।



## ଦୁର୍ଦ୍ଦାନ୍ତ ଅପରାଧି ରାଜା ସାହାଣୀଙ୍କୁ ବ୍ରହ୍ମପୁର ସର୍କଲ ଜେଲକୁ କରାଗଲା ସ୍ଥାନାନ୍ତର : ଗୋଡରେ ପଡିବ ବେଡି !

ଭୁବନେଶ୍ୱର, ୨୪/୦୪ : (ନି.ପ୍ର) ଚୌଦ୍ୱାର ଜେଲରୁ ଫେରାର ହୋଇ ଧରାପଡ଼ିଥିବା ଦୁର୍ଦ୍ଦାନ୍ତ ଅପରାଧି ରାଜା ସାହାଣୀ ବ୍ରହ୍ମପୁର ସର୍କଲ ଜେଲକୁ ସ୍ଥାନାନ୍ତର କରାଯାଇଛି। ଆଜି କଡା ସୁରକ୍ଷା ମଧ୍ୟରେ ତାକୁ ସ୍ଥାନତର କରାଯାଇଛି। ଚୌଦ୍ୱାର ଜେଲରୁ ଫେରାର ହୋଇ ଧରାପଡ଼ିଥିବା ଦୁର୍ଦ୍ଦାନ୍ତ ଅପରାଧି ରାଜା ସାହାଣୀ ବ୍ରହ୍ମପୁର ସର୍କଲ ଜେଲକୁ ସ୍ଥାନାନ୍ତର କରାଯାଇଛି। ଆଜି କଡା ସୁରକ୍ଷା ମଧ୍ୟରେ ତାକୁ ସ୍ଥାନାନ୍ତର କରାଯାଇଛି। ଜଣେ ଆଇଆଇସି, ଦୁଇ ଜଣ ସ୍ୱତନ୍ତ୍ର ସ୍କାର୍ଡ କର୍ମଚାରୀ, ଏବଂ ଗୋଟିଏ ସେକ୍ସନ ଫୋର୍ସ କୁ ଏଥିରେ ନିୟୋଜିତ କରାଯାଇଥିଲା। ଚୌଦ୍ୱାର ଜେଲରୁ ଦୁଇ ଦୁଇ ଥର ଖସିବାକୁ ଉଦ୍ୟମ କରି ପରେ ଜେଲ୍ ସୁରକ୍ଷା ବଳୟ ଭେଦି ଚମ୍ପଟ ମରିଥିଲା। ସୁରକ୍ଷା ଦୃଷ୍ଟି କୋଣରୁ ତାକୁ ଚୌଦ୍ୱାର ଜେଲରୁ ବ୍ରହ୍ମପୁର ଜେଲ୍‌କୁ ସ୍ଥାନାନ୍ତର କରାଯିବା ସହ ତା' ଗୋଡରେ ବେଡି ପଡିବ ବୋଲି ନିଷ୍ପତ୍ତି ନିଆଯାଇଛି । ନିକଟରେ ରାଜା ସାହାଣୀକୁ କର୍ଣ୍ଣାଟକ ପୋଲିସ ସେଠାକାର ୨୦ କୋଟି ଗହଣା ଡକାୟତି ମାମଲାରେ ରିମାଣ୍ଡରେ ନେଇଥିଲା।



## ଇସ୍ରାଏଲ-ଲେବାନନ ମଧ୍ୟରେ ତିନି ସପ୍ତାହ ସଂଘର୍ଷ ବିରାମ ଘୋଷଣା କଲେ ଟ୍ରମ୍ପ

ୱାଶିଂଟନ, ୨୪/୦୪ : ଆମେରିକାର ଆୟୋଜନରେ ଇସ୍ରାଏଲ ଓ ଲେବାନନ ମଧ୍ୟରେ ୱାଶିଂଟନରେ ଗୁରୁବାର ରାଜଦୂତ ସ୍ତରର ଆଲୋଚନା ହୋଇଥିଲା, ଯେଉଁଠାରେ ତିନି ସପ୍ତାହର ସାମରିକ ବିରତି ଉପରେ ସମ୍ମତି ହୋଇଛି। ବୈଠକର ଶେଷରେ ଦୁଇପକ୍ଷ ସହ ଆଲୋଚନା କରିବା ପରେ ଏହି ଘୋଷଣା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କରିଥିଲେ। ଆମେରିକାର ବିଦେଶ ମନ୍ତ୍ରାଳୟର ମଧ୍ୟସ୍ଥତାରେ ହୋଇଥିବା ଏହି ଶାନ୍ତି ଆଲୋଚନାର ସଫଳତା ପ୍ରତି ଟ୍ରମ୍ପ ଖୁସି ବ୍ୟକ୍ତ କରିଛନ୍ତି।

## ମମତା ବାନାର୍ଜୀଙ୍କ ସମର୍ଥନରେ ପ୍ରଚାର କରିବାକୁ କୋଲକାତା ଆସିବେ ଅରବିନ୍ଦ କେଜ୍ରିୱାଲ

କୋଲକାତା, ୨୪/୦୪ : ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଟିଏମସି ମୁଖ୍ୟ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପାଇଁ ପ୍ରଚାର କରିବାକୁ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟି (ଆପ୍) ମୁଖ୍ୟ ଅରବିନ୍ଦ କେଜ୍ରିୱାଲ କୋଲକାତା ଆସିବାର କାର୍ଯ୍ୟକ୍ରମ ରହିଛି । ଆପ୍ ସୂତ୍ର ଅନୁଯାୟୀ, କେଜ୍ରିୱାଲ ତୃଣମୂଳ କଂଗ୍ରେସର ନିମନ୍ତ୍ରଣ କ୍ରମେ କୋଲକାତାର ଭବାନୀପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଆଗାମୀ ଅପ୍ରେଲ ୨୬ ଓ ୨୭ ତାରିଖରେ ମମତା ବାନାର୍ଜୀଙ୍କ ସପକ୍ଷରେ ପ୍ରଚାର କରିବେ। ଉଲ୍ଲେଖନୀୟ ଯୋଗ୍ୟ, ରାଜ୍ୟରେ ପ୍ରଥମ ପର୍ଯ୍ୟାୟ ଭୋଟ୍ ଗ୍ରହଣ ଅପ୍ରେଲ ୨୩ ତାରିଖରେ ଅନୁଷ୍ଠିତ ହୋଇଛି । ଏହାପୂର୍ବରୁ ବୁଧବାର ଦିନ ଅରବିନ୍ଦ କେଜ୍ରିୱାଲ ମମତା ବାନାର୍ଜୀଙ୍କ ସହ ଫୋନରେ କଥା ହୋଇଥିଲେ। ପରେ ସେ ସୋସିଆଲ ମିଡିଆରେ ଏହି ଖବର ସେୟାର କରିଥିଲେ।



## ସରକାରୀ ଯୋଜନାରେ ଆସିପାରେ ବଡ଼ ସଂସ୍କାର: ବନ୍ଦ ହୋଇପାରେ ବହୁ ପୁରୁଣା ସରକାରୀ ଯୋଜନା

ଭୁବନେଶ୍ୱର, ୨୪/୦୪ : (ନି.ପ୍ର) ସରକାରୀ ଯୋଜନାରେ ଆସିବ ବଡ଼ ସଂସ୍କାର। ଅଦରକାରୀ ଯୋଜନା ହୋଇପାରେ ବନ୍ଦ। ୧୫ ଦିନ ମଧ୍ୟରେ ଉନ୍ନୟନ କମିସନ ଏନେଇ ଚିଠି ଲେଖି ରିପୋର୍ଟ ମାଗିଛନ୍ତି। ରାଜ୍ୟରେ ଚାଲୁଥିବା ବିଭିନ୍ନ ସରକାରୀ ଯୋଜନାଗୁଡ଼ିକୁ ଅଧିକ ପ୍ରଭାବଶାଳୀ ଓ ଶୃଙ୍ଖଳିତ କରିବା ପାଇଁ ଓଡ଼ିଶା ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏଣିକି ପ୍ରାଶାସନିକ ଦକ୍ଷତା ବଢ଼ାଇବା ଏବଂ ସମ୍ବଳର ସଠିକ୍ ବିନିଯୋଗ ପାଇଁ ଅଦରକାରୀ ବା କମ୍ ପ୍ରଭାବୀ ଯୋଜନାଗୁଡ଼ିକୁ ବନ୍ଦ କରାଯାଇପାରେ କିମ୍ବା ଅନ୍ୟ ବଡ଼ ଯୋଜନା ସହ ମିଶ୍ରଣ କରାଯାଇପାରେ । ବଦଳିଯିବ ଢାଞ୍ଚା। ଅଦରକାରୀ ଯୋଜନାକୁ ଡଷ୍ଟବିନକୁ ଫିଙ୍ଗିଦେଇ ନୂଆ ରୂପରେଖ ସହ ଯୋଜନାର ହେବ ନବକଳେବର। ଏପରିକି ଲୋକଙ୍କୁ ସୁହାଉଥିବା ଯୋଜନାର ବର୍ଗୀକରଣ କରି ପ୍ରାଶାସନିକ କଳକୁ ଆହୁରି ଚଳଚଞ୍ଚଳ କରାଯିବ। ୨୦୩୬ ବିକଶିତ ଓଡ଼ିଶାର ସ୍ୱପ୍ନକୁ ବଳ ଦେବ ଲୋକଙ୍କ ସରକାରଙ୍କ ଏହି ନୂଆ ପ୍ରୟାସ। ସରକାରୀ ଯୋଜନାରେ ଆସିବ ବଡ଼ ସଂସ୍କାର। ଅଦରକାରୀ ଯୋଜନା ହୋଇପାରେ ବନ୍ଦ। ୧୫ ଦିନ ମଧ୍ୟରେ ଉନ୍ନୟନ କମିସନ ଏନେଇ ଚିଠି ଲେଖି ରିପୋର୍ଟ ମାଗିଛନ୍ତି। ରାଜ୍ୟରେ ଚାଲୁଥିବା ବିଭିନ୍ନ ସରକାରୀ ଯୋଜନାଗୁଡ଼ିକୁ ଅଧିକ ପ୍ରଭାବଶାଳୀ ଓ ଶୃଙ୍ଖଳିତ କରିବା ପାଇଁ ଓଡ଼ିଶା ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଏଣିକି ପ୍ରାଶାସନିକ ଦକ୍ଷତା ବଢ଼ାଇବା ଏବଂ ସମ୍ବଳର ସଠିକ୍ ବିନିଯୋଗ ପାଇଁ ଅଦରକାରୀ ବା କମ୍ ପ୍ରଭାବୀ ଯୋଜନାଗୁଡ଼ିକୁ ବନ୍ଦ କରାଯାଇପାରେ କିମ୍ବା ଅନ୍ୟ ବଡ଼ ଯୋଜନା ସହ ମିଶ୍ରଣ କରାଯାଇପାରେ। ଗତ ୩-୪ ବର୍ଷ ହେବ ବଜେଟ୍ ?ରେ ଅର୍ଥବରାଦ ହେଉନଥିବା କିମ୍ବା ସାମାନ୍ୟ ଆର୍ଥିକ ଅନୁଦାନ ପାଉଥିବା ଯୋଜନାକୁ ବନ୍ଦ କରିବା ପାଇଁ ବିଭାଗଗୁଡ଼ିକୁ ପରାମର୍ଶ ଦିଆଯାଇଛି। ସମସ୍ତ ବିଭାଗ ଆଣିଥିବା ଯୋଜନାକୁ ଲୋକଙ୍କ ଉପରେ ପଡୁଥିବା ପ୍ରଭାବ ଆଧାରରେ 'ଉଚ୍ଚ', 'ମଧ୍ୟମ' ଓ 'ନିମ୍ନ' ପ୍ରାଥମିକତା ଶ୍ରେଣୀରେ ବିଭକ୍ତ କରିବେ। ◆◆ପୃଷ୍ଠା ୭



## ତତଲା ଝାଞ୍ଜିରେ ତ୍ରାହି ତ୍ରାହି ଡାକୁଛି ସାରା ଓଡ଼ିଶା : ଅଗ୍ନିବର୍ଷାରେ ଆକ୍ରାମାକ୍ରା ଜନଜୀବନ

ଭୁବନେଶ୍ୱର, ୨୪/୦୪ : (ନି.ପ୍ର) ୨୪ଘଣ୍ଟା ପାଇଁ ୧୩ଜିଲ୍ଲାକୁ ଚେତାବନୀ ଜାରି ହୋଇଛି। ମୟୁରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି ଜିଲ୍ଲାକୁ ଗରମ ଗୁଳୁଗୁଳି ନେଇ ଏଲୋ ଆଲର୍ଟ ଜାରି କରିଛି ଆଂଚଳିକ ପାଣିପାଗ କେନ୍ଦ୍ର। ସାରାରାଜ୍ୟରେ ଲାଗି ରହିଛି ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ। ପୂର୍ବରୁ ପଶ୍ଚିମ, ଉପକୂଳରୁ ଦକ୍ଷିଣ ସବୁଠି ଉପରମୁହାଁ ତାପମାତ୍ରା। ଆକାଶରୁ ଯେମିତି ନିଆଁ ଗଳୁଛି। ପଶ୍ଚିମରେ ସ୍ଥିତି ଅସମ୍ଭାଳ ହେଲାଣି। ଝାରସୁଗୁଡା, ବଲାଙ୍ଗୀର, ସମ୍ବଲପୁର,ସୁନ୍ଦରଗଡ଼ ତାତି ରେକର୍ଡ ଭାଂଗୁଛି। ଆଭ୍ୟନ୍ତରୀଣ ଓ ଉପକୂଳରେ ତତଲା ଝାଞ୍ଜି ପବନ ଅସ୍ତବ୍ୟସ୍ତ କରୁଛି। ସ୍ଥିତି ଦେଖି ଆଗୁଆ ସ୍କୁଲ ଖରା ଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର। ଟାଇଁ ଟାଇଁ ଖରା ଦେହରେ କଣ୍ଟା ଫୋଡ଼ି ପକାଇଲା ଭଳି ଲାଗୁଛି। ତତଲା ଝାଞ୍ଜିରେ ଦେହ ମୁହଁ ପୋଡ଼ି ଯାଉଛି। ସକାଳ ୮ଟା ପରେ ଆକାଶରୁ ଯେମିତି ନିଆଁ ପିଣ୍ଡୁଳା ଖସୁଛି। ଘର ଭିତରେ ବାହାରେ ଅସହ୍ୟ ଗୁଳୁଗୁଳି ଅନୁଭୂତ ହେଉଛି। ଗମ୍ ଗମ୍ ହୋଇ ଝାଳ ବୋହୁଛି। ଦୁଇ ସପ୍ତାହ ହେଲାଣି ଲାଗି ରହିଛି ଏମିତି ସ୍ଥିତି। ଆଜି ବି ଝାରସୁଗୁଡ଼ା ତାପମାତ୍ରା ୪୪ଡିଗ୍ରି ଉପରେ ରହି ଉତ୍ତପ୍ତ ସହର ତାଲିକାରେ ଶୀର୍ଷରେ ରହି ଅଲୋଡା ରେକର୍ଡ କରିଛି। ◆◆ପୃଷ୍ଠା ୭



# ବ୍ୟାଙ୍କ ଅଫ୍ ବରୋଦାର ବାର୍ଷିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ସମ୍ବଲପୁର, ୨୪/୦୪ (ନି.ପ୍ର):- ବ୍ୟାଙ୍କ ଅଫ୍ ବରୋଦା ସମ୍ବଲପୁର ଅଂଚଳ ପକ୍ଷରୁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବାର୍ଷିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ପ୍ରବଳ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ସମ୍ପର୍ଣ୍ଣ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ୟାଙ୍କ ଅଫ୍ ବରୋଦା ଭୁବନେଶ୍ୱର ଅଂଚଳର ମହାପ୍ରବନ୍ଧକ ଶରତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ ବ୍ୟାଙ୍କ ଉପ-ମହାପ୍ରବନ୍ଧକ ତଥା ଆଂଚଳିକ ମୁଖ୍ୟ ଦେବୀ ପ୍ରସାଦ ମହାନ୍ତି ସ୍ୱାଗତ ଭାଷଣ ଦେଇ ସମ୍ବଲପୁର ଅଂଚଳର ୨୦୨୫-୨୬ ଆର୍ଥିକ ବର୍ଷର ଉଲ୍ଲେଖନୀୟ ସଫଳତା ଓ କାର୍ଯ୍ୟଦକ୍ଷତାକୁ ଉଚ୍ଚ ପ୍ରଶଂସା କରିଥିଲେ । ସେ ସମସ୍ତ ଶାଖା ପ୍ରବନ୍ଧକଙ୍କ ନିଷ୍ଠାପୂର୍ଣ୍ଣ ପ୍ରୟାସ ଓ ମୂଲ୍ୟବାନ ଅବଦାନକୁ ଉଲ୍ଲେଖ କରି ଆଗାମୀ ଆର୍ଥିକ ବର୍ଷ ୨୦୨୬-୨୭ରେ ଅଧିକ ଉତ୍କୃଷ୍ଟ ଫଳାଫଳ କରିବା ପାଇଁ ଉତ୍ସାହିତ କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ପାଣିଗ୍ରାହୀ ସମ୍ବଲପୁର ଅଂଚଳର କାର୍ଯ୍ୟକୁ ଉଚ୍ଚ ପ୍ରଶଂସା କରିବା ପରେ ବ୍ୟାପାରିକ ସମ୍ଭାବନା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ବିଶେଷ ଭାବେ ଗ୍ରାହକ ସେବା, ଡିଜିଟାଲ ବ୍ୟାଙ୍କିଙ୍ଗ ବୃଦ୍ଧି, କ୍ୟାସ୍ ସଂଗ୍ରହ, ଋଣ ପରିଚାଳନା ଓ ଏମଏସଏମଇ ବ୍ୟବସାୟର ସୁଦୃଢ଼ତା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଏହି ଅବସରରେ ଆର୍ଥିକ ବର୍ଷ ୨୦୨୫-୨୬ ମଧ୍ୟରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଶ୍ରେଷ୍ଠ ଶାଖା ପ୍ରବନ୍ଧକ ଓ ବିଜନେସ କରେସପଣ୍ଡେଂଟ ମାନଙ୍କୁ ପୁରସ୍କାର ପ୍ରଦାନ ପୂର୍ବକ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସମସ୍ତଙ୍କ ମଧ୍ୟରେ ଏକ ଭିନ୍ନ ପ୍ରେରଣା ଓ ସୁସ୍ଥ ପ୍ରତିସ୍ପର୍ଦ୍ଧାର ଭାବନା ସୃଷ୍ଟି କରିଥିଲା । ଶେଷରେ ସମସ୍ତ ଅଂଶଗ୍ରହଣକାରୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ସମାପ୍ତି ଘୋଷଣା କରାଯାଇଥିଲା ବୋଲି ପ୍ରଭଞ୍ଜନ ବୈଠାରୁଙ୍କ ସୂତ୍ରରୁ ପ୍ରକାଶ ।

# ଜଗନ୍ନାଥ ମନ୍ଦିରର ଭୂମି ପୂଜନ ଉତ୍ସବ

ଭଦ୍ରକ, ୨୪/୦୪ (ନି.ପ୍ର): ଜୟ ଜଗନ୍ନାଥ ସେବା ସମିତି ନରେଲା ପକ୍ଷରୁ ଶ୍ରୀ ଜଗନ୍ନାଥ ମନ୍ଦିରର ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ରାଜୀବ କଲୋନୀ ଠାରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଏହି ଧାର୍ମିକ କାର୍ଯ୍ୟ ଅନୁଷ୍ଠିତ ହୋଇଥିବା ବେଳେ ମହିଳା ମାନଙ୍କ ଦ୍ୱାରା ୨୫୦ ର ବିଶାଳ କଳସ ଶୋଭାଯାତ୍ରା ବାହାରି ଥିଲା । ପଣ୍ଡିତଙ୍କ ଦ୍ୱାରା ରିତି ନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ସ୍ଥାନୀୟ କାଉଁସିଲର ନେହା ମିଶ୍ରଙ୍କ ଗାରିମା ମୟ ଉପସ୍ଥିତରେ କଳସ ଯାତ୍ରା ଭୂମି ପୂଜନ ଓ ମନ୍ଦିରର ଶିଳାନ୍ୟାସ କରାଯାଇଥିଲା । ଉକ୍ତ ଉତ୍ସବରେ ଓଡିଶା ରାଜ୍ୟ ବିଜେପି ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ନରେଲା ବିଧାୟକ ରାଜ କରଣ କ୍ଷେତ୍ରୀ, ବିଜେପି ଉପାଧ୍ୟକ୍ଷ ରଜନିସ୍ କ୍ଷେତ୍ରୀ, ବିଶ୍ୱ ହୁନ୍ଦୁ ପରିଷଦର ମହାମନ୍ତ୍ରୀ ରାଜେନ୍ଦ୍ର ସିଂଘଲ ପ୍ରମୁଖ ଉପସ୍ଥିତ ରହି ଆର୍ଶୀବାଦ ଗ୍ରହଣ କରିଥିଲେ । ଖୁବ୍‌ଶିଘ୍ର ମନ୍ଦିରର ପୂର୍ଣ୍ଣାଙ୍ଗୀକରଣ ପାଇଁ କହିଥିବା ବେଳେ ଯଥା ସାଧ୍ୟ ସହଯୋଗ ଜାରି ରଖିବେ ବୋଲି କହିଥିଲେ ଅତିଥି । କମିଟିର ସଭାପତି ମାନସ କୁମାର ଧଳ, ଉପସଭାପତି ସଂଗ୍ରାମ କେଶରୀ ରାୟ, ସାଧାରଣ ସମ୍ପାଦକ ପ୍ରଶାନ୍ତ ଲୁମାର ନାୟକ, ଯୁଗ୍ମ ସମ୍ପାଦକ ଭାସ୍କର ବେହେରା, ସାଂସ୍କୃତିକ ସମ୍ପାଦକ ବିଶ୍ୱଜିତ୍ ଦାସ, କୋଷାଧ୍ୟକ୍ଷ ଶୈଳେନ୍ଦ୍ର ସାମନ୍ତରାୟ, ସମିକ୍ଷକ ଶ୍ରୀକାନ୍ତ ମହାନ୍ତିଙ୍କ ସମେତ ସଭ୍ୟ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଭୂମି ପୂଜନ କାର୍ଯ୍ୟକ୍ରମ ପାଇଁ ସଂପୃକ୍ତ ଅଂଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା । ଭକ୍ତମାନଙ୍କ ସମାଗମକୁ ଦୃଷ୍ଟିରେ ରଖି କମିଟି ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

# ନୂଆପଡ଼ା ଗ୍ରାମବାସୀଙ୍କ ପିଇବା ପାଣି ପାଇଁ ରାସ୍ତା ଅବରୋଧ

ପୁରୀ, ୨୪/୦୪ (ନି.ପ୍ର): ପୁରୀ ଭିଆଇପି ରୋଡ ସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଇନ୍ଦିରା ଭବନ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଶାସନ ଦଳ ତରଫରୁ ଗତ କିଛି ଦିନ ତଳେ ମହିଳା ସଂରକ୍ଷଣ ବିଲ୍ ପ୍ରସଙ୍ଗରେ ବିରୋଧୀ ଦଳ ବିଶେଷକରି କଂଗ୍ରେସ ଦଳର ଭୂମିକା ବିଷୟରେ ଅପପ୍ରଚାର ରୋକିବା ପାଇଁ ସାମ୍ବାଦିକ ମାନଙ୍କ ନିକଟରେ କଂଗ୍ରେସ ଦଳର ମହିଳା ସଂରକ୍ଷଣ ସଂପର୍କିତ ଭୂମିକା ବିଷୟରେ ଆଲୋକପାତ କରାଯାଇଥିଲା । ଏଥିରେ ପୁରୀ ଜିଲ୍ଲା କଂଗ୍ରେସ କମିଟି ସଭାପତି ଇଂ. ରାଜେଶ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ ଏବଂ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ମନ୍ତ୍ରୀ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ ଯୋଗଦାନ କରିଥିଲେ । ତା' ସହିତ ମଂଚରେ ପୁରୀ ଜିଲ୍ଲା କଂଗ୍ରେସର ଦୁଇ ପ୍ରମୁଖ ନାରୀ ନେତ୍ରୀ ବିଦ୍ୟୁତଲତା ଆଚାର୍ଯ୍ୟ, ସରସ୍ୱତୀ ପାତ୍ର ଏବଂ ପୁରୀ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ଉତ୍ତମ କୁମାର ଆଚାର୍ଯ୍ୟ ମଂଚାସୀନ ଥିଲେ । ଏଥିରେ ଇଂ. ମିଶ୍ର ୧୯୮୯ ମସିହାର ତତ୍କାଳୀନ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀ ସମୟରୁ ପଂଚାୟତ ଓ ପୌରସଂସ୍ଥାରେ ୩୩ ପ୍ରତିଶତ ମହିଳା ମାନଙ୍କ ପାଇଁ ଆସନ ସଂରକ୍ଷଣ ଭଳି ଯୁଗାନ୍ତକାରୀ ପଦକ୍ଷେପ ଠାରୁ ଆରମ୍ଭ କରି ବିଭିନ୍ନ କଂଗ୍ରେସ ସରକାର ସମୟରେ ଏହି ବିଷୟରେ ସମସ୍ତ ପଦକ୍ଷେପ ବିଷୟରେ ଆଲୋକପାତ କରିଥିଲେ । ତା' ସହିତ ଅନ୍ୟ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ପର୍ଯ୍ୟାଲୋଚନା କରିଥିଲେ । ପ୍ରଥମତଃ ୨୦୨୩ ମସିହାରେ ସଂପୂର୍ଣ୍ଣ ବିରୋଧୀ ଦଳର ସମର୍ଥନରେ ପାରିତ ହୋଇଥିବା ମହିଳା ସଂରକ୍ଷଣ ବିଲ୍ ୨୦୨୬ ମସିହା ପର୍ଯ୍ୟନ୍ତ କାହିଁକି କାର୍ଯ୍ୟକାରୀ କରାଯାଇ ନଥିଲା ସେ ବିଷୟରେ ପ୍ରଶ୍ନ କରିଥିଲେ । ତା' ସହିତ ଦୁଇଟି ରାଜ୍ୟର ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ ତରବରିଆ ଭାବରେ ପୁନର୍ବାର ମହିଳା ସଂରକ୍ଷଣ ବିଲ୍ କୁ ସୀମା ନିର୍ଦ୍ଧାରଣ ବିଲ୍ ସହିତ ଯୋଡି ନିଜର ଦୁଇ ତୃତୀୟାଂଶ ସଂଖ୍ୟା ଗରିଷ୍ଠତା ନଥିବା ଜାଣି ମଧ୍ୟ କାହିଁକି ପାରିତ କରିବା ପାଇଁ ଅପଚେଷ୍ଟା କରିଥିଲେ ସେ ବିଷୟରେ ପ୍ରଶ୍ନ କରିଥିଲେ । ଆହୁରି ମଧ୍ୟ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଯେଉଁଠି ନିର୍ବାଚନ ପ୍ରକ୍ରିୟା ଚାଲିଥିବା ବେଳେ, ନିଜେ ଦେଶର ପ୍ରଧାନମନ୍ତ୍ରୀ ନିଜ ପଦ ଗାରିମା ଭୁଲି ସରକାରୀ ଦଳର ଅପବ୍ୟବହାର କରି କଂଗ୍ରେସର ଭୂମିକାକୁ ଜନସାଧାରଣଙ୍କ ସମ୍ମୁଖରେ ଅସତ୍ୟ ପରିବେଶଣ କରି ବିଭ୍ରାନ୍ତ କରିବାକୁ ଚେଷ୍ଟା କରିଥିବା ବେଳେ ନିର୍ବାଚନ କମିଶନଙ୍କ ନିରବତା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ବୋଲି ମତପ୍ରକାଶ କରିଥିଲେ । ସୁରେଶ କୁମାର ରାଉତରାୟ ଏହି ସମ୍ମିଳନୀରେ ବିଜେପି ଦଳର ମହିଳା ମାନଙ୍କ ଆସନ ସଂରକ୍ଷଣ ବାବଦରେ ବିଭିନ୍ନ ସମୟରେ ଦୋହରା ଗତିକୁ ତୀବ୍ର ସମାଲୋଚନା କରିଥିଲେ । ସେ ମଧ୍ୟ ନାରୀ ମାନଙ୍କୁ ଉପଯୁକ୍ତ ପ୍ରତିନିଧିତ୍ୱ ପାଇଁ କଂଗ୍ରେସ ଦଳର ଅବଦାନ ବିଷୟରେ ବିସ୍ତୃତ ଭାବରେ ଆଲୋକପାତ କରିଥିଲେ ।

## କଲେଇ ପଂଚାୟତରେ ମହାବୀର ହନୁମାନଙ୍କ ପ୍ରଥମ ବାର୍ଷିକ ଉତ୍ସବ

ଭଦ୍ରକ, ୨୪/୦୪ (ନି.ପ୍ର): ଭଦ୍ରକ ବ୍ଲକ ଅନ୍ତର୍ଗତ କଲେଇ ପଂଚାୟତର ମା' କ୍ଷେତ୍ରବାସୀ ସନ୍ତୋଷୀ ପୀଠ ଠାରେ ମହାବୀର ହନୁମାନ ମନ୍ଦିର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ କମିଟିର ସଭାପତି ଗୌରୀଗୋପାଳ ଜେନା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିଥିଲେ । ଅକୁରା ରୋପଣ, ସୂର୍ଯ୍ୟ ପୂଜା କଳସ ଶୋଭାଯାତ୍ରା, ଯଜ୍ଞ ପୂର୍ଣ୍ଣ ଆହୁତି ଅନୁଷ୍ଠିତ ହୋଇଯାଇଛି । ଆବାହକ ମହେନ୍ଦ୍ର କୁମାର ମଲ୍ଲିକ (ମୁନା) ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀଙ୍କ ସହ ଶ୍ରଦ୍ଧାଳୁ ଭକ୍ତ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ୫୧ ଜଣ ମା' କଳସ ଶୋଭାଯାତ୍ରାରେ ଯୋଗଦାନ କରିଥିଲେ । ନିତ୍ୟାନନ୍ଦ ବେହେରା, ମହେନ୍ଦ୍ର ମଲ୍ଲିକ, ସୁରେନ୍ଦ୍ର ବେହେରା ଚକ୍ରଧର ଜେନା, ବାବୁରାମ ମଲ୍ଲିକ, କାହ୍ନୁ ଚରଣ ଜେନା,ମଳୟ ମହାରଣା, ପୂର୍ଣ୍ଣଚନ୍ଦ୍ର ପାଣି, କୃଷ୍ଣଚନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ । ଶେଷରେ ପ୍ରସାଦ ସେବନରେ ୨ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଆପ୍ୟାୟିତ ହୋଇଥିଲେ ।

# ଭାରତ ଓ ମିଶର ମଧ୍ୟରେ ପ୍ରତିରକ୍ଷା ସହଯୋଗ ବୃଦ୍ଧି କରିବା ଉପରେ ଉଭୟ ଦେଶ ମଧ୍ୟରେ ସହମତି

ନୂଆଦିଲ୍ଲୀ, ୨୪/୦୪ (ନି.ପ୍ର): ଭାରତ ଓ ମିଶର ମଧ୍ୟରେ କାହିରାରେ ଆୟୋଜିତ ୧୧ତମ ଯୁଗ୍ମ ପ୍ରତିରକ୍ଷା ସମିତି (ଜେଡିସି) ବୈଠକ ସମୟରେ ଦ୍ୱିପକ୍ଷୀୟ ପ୍ରତିରକ୍ଷା ସହଯୋଗ ବୃଦ୍ଧି ପାଇଁ ଆଲୋଚନା ହୋଇଛି । ଉଭୟ ପକ୍ଷ ପ୍ରତିରକ୍ଷା ଶିଳ୍ପରେ ସହଯୋଗ ବଢ଼ାଇ ଯୋଜନାବଦ୍ଧ ଭାବରେ ସାଥିରେ କାମ କରିବାକୁ ସମ୍ମତି ଜଣାଇଛନ୍ତି । ଭାରତୀୟ ପ୍ରତିନିଧିମଣ୍ଡଳଙ୍କୁ ସଂଯୁକ୍ତ ସଚିବ (ଆନ୍ତର୍ଜାତୀୟ ସହଯୋଗ) ଅମିତାଭ ପ୍ରସାଦ ନେତୃତ୍ୱ କରିଥିଲେ ଏବଂ ଏଥିରେ ରକ୍ଷା ମନ୍ତ୍ରଣାଳୟ ଓ ସଶସ୍ତ୍ରବଳର ବରିଷ୍ଠ ଅଧିକାରୀମାନେ ସାମିଲ ଥିଲେ । ମିଶର ପକ୍ଷର ପ୍ରତିନିଧିମଣ୍ଡଳରେ ସେଠାକାର ସଶସ୍ତ୍ରବଳ ଓ ରକ୍ଷା ମନ୍ତ୍ରଣାଳୟର ଅଧିକାରୀମାନେ ଯୋଗଦେଇଥିଲେ । ଉଭୟ ପକ୍ଷ ପୂର୍ବତନ ଜେଡିସି ବୈଠକ ପରେ ହୋଇଥିବା ପ୍ରଗତିର ସମୀକ୍ଷା କରି ରକ୍ଷା ସହଯୋଗ ପାଇଁ ଏକ ରୋଡମ୍ୟାପ ପ୍ରସ୍ତୁତ କରିଛନ୍ତି । ଭାରତ ଓ ମିଶର ୨୦୨୬-୨୭ ପାଇଁ ଦ୍ୱିପକ୍ଷୀୟ ରକ୍ଷା ସହଯୋଗ ଯୋଜନା ଉପରେ ସମ୍ମତି ଜଣାଇଛନ୍ତି । ଏହାର ଉଦ୍ଦେଶ୍ୟ ସେନା ସମ୍ପର୍କ ମେକାନିଜମକୁ ସୁଦୃଢ଼ କରିବା, ସଂଯୁକ୍ତ ପ୍ରଶିକ୍ଷଣକୁ ଶକ୍ତିଶାଳୀ କରିବା, ସାମୁଦ୍ରିକ ସୁରକ୍ଷା ସହଯୋଗ ବଢ଼ାଇବା, ସେନା ଅଭ୍ୟାସ ବୃଦ୍ଧି କରିବା ଏବଂ ପ୍ରଯୁକ୍ତିଗତ ସହଯୋଗକୁ ପ୍ରୋତ୍ସାହନ ଦେବା ଅଟେ ।

## ରାଜ୍ୟସ୍ତରୀୟ କରାଟେରେ ଅସୀମ କରାଟେ ଏକାଡେମୀର ୪ ଜଣ

ବଲାଙ୍ଗିର, ୨୪/୦୪ (ନି.ପ୍ର): ଆସନ୍ତା ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର ଉତ୍କଳ କରାଟେ ସ୍କୁଲରେ ରାଜ୍ୟସ୍ତରୀୟ କାଡେଟ ଓ ଜୁନିୟର କରାଟେ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି । ଏଥିରେ ବଲାଙ୍ଗିର ରେଲୱେ ଷ୍ଟେସନ ଛକ ସ୍ଥିତ ଅସୀମ କରାଟେ ଏକାଡେମୀର ଚାରି ଜଣ ଛାତ୍ର ଜୟମ ସାହୁ ୧୫ ବର୍ଷ କୁମିତେ ଓ କାଟା ବିଭାଗରେ, ଅର୍ନିତ ପଧାନ ୯ ବର୍ଷ, ପ୍ରିନ୍ସ ପଧାନ ୧୨ ବର୍ଷ ଓ ପ୍ରାଚୀ ବେହେରା ବାଳିକା ୧୭ ବର୍ଷ କୁମିତେ ଓ କାଟା ବିଭାଗରେ ଭାଗ ନେବେ ବୋଲି ଇଣ୍ଟରନେସେନାଲ କରାଟେ କୋଚ ତଥା କରାଟେ ଏକାଡେମିର ପ୍ରତିଷ୍ଠାତା ଅସୀମ କୁମାର ଭୋଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏଥିରେ କରାଟେ ଇଣ୍ଡିଆ ଅର୍ଗାନାଇଜେସନର ମାନ୍ୟତା ପ୍ରାପ୍ତ ଜାତୀୟ ସ୍ତରୀୟ ରେଫରୀ ଅସୀମ ଭୋଇ ଜଜ୍ ତଥା ରେଫରୀ ଦାୟିତ୍ୱ ତୁଲାଇବେ ବୋଲି ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ଶ୍ରୀ ଭୋଇଙ୍କ ନେତୃତ୍ୱରେ ଆଜି ସମସ୍ତ ଛାତ୍ର ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି ।

# ନିଶାମୁକ୍ତି ଅଭିଯାନର ବାର୍ତ୍ତା ପ୍ରଦାନ କରି ଦୀପକ ଶର୍ମା କଲେଣି ୧୩ ହଜାର କିମିର ସାଇକେଲ ଯାତ୍ରା

ଲକ୍ଷ୍ନୌ, ୨୪/୦୪: ଦେଶର ଯୁବକ ମାନଙ୍କୁ ନିଶାମୁକ୍ତ କରିବା ସହ ଯୁବ ସମାଜମାନଙ୍କୁ କ୍ରୀଡା ଏବଂ ସୁସ୍ଥ ଜୀବନଶୈଳୀ ପ୍ରତି ପ୍ରେରିତ କରିବା ସହିତ "ବିକଶିତ ଭାରତ"ର ସଂକଳ୍ପକୁ ସମସ୍ତଙ୍କ ମଧ୍ୟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା 'ଅପରେସନ ସିନ୍ଦୂର: ୯ ସଂକଳ୍ପ ବିକଶିତ ଭାରତ-ଚାରଧାମ ସାଇକେଲ ଯାତ୍ରା' ଉତ୍ତର ପ୍ରଦେଶର ରାଜଧାନୀ ଲକ୍ଷ୍ନୌରେ ପହଞ୍ଚିଛି । ହରିୟାଣାର ପାଣିପତରୁ ଆରମ୍ଭ ହୋଇଥିବା ଏହି ଯାତ୍ରା ବର୍ତ୍ତମାନ ବ୍ୟକ୍ତିଗତ ପ୍ରୟାସକୁ ଅତିକ୍ରମ କରି ଜାତୀୟ ସ୍ତରର ଜନଜାଗରଣ ଅଭିଯାନର ରୂ ନେଇଛି । ।ନିପତ ନିବାସୀ ଯୁବ ସାମାଜିକ କର୍ମୀ ଦୀପକ ଶର୍ମା ଏହି ଯାତ୍ରାର ଆରମ୍ଭ ୨୫ ମଇ ୨୦୨୫ ତାରିଖରେ କରିଥିଲେ । ଏର୍ଯ୍ୟନ୍ତ ସେ ୧୩ ହଜାର କିଲୋମିଟରରୁ ଅଧିକ ଦୂରତା ଅତିକ୍ରମ କରିସାରିଛନ୍ତି ଏବଂ ୨୦ରୁ ଅଧିକ ରାଜ୍ୟ ଭ୍ରମଣ କରିଛନ୍ତି । ତାଙ୍କ ଲକ୍ଷ୍ୟ ପ୍ରାୟ ୧୫ ହଜାର କିଲୋମିଟର ଯାତ୍ରା ସମ୍ପୂର୍ଣ୍ଣ କରି ସାରା ଦେଶରେ ସଚେତନତା ପ୍ରସାର କରିବା । ଦୀପକ ଶର୍ମା କହିଛନ୍ତି ଯେ ଦେଶରେ ଯୁବମାନଙ୍କ ସମ୍ମୁଖୀନ ନଶାର ବୃଦ୍ଧିଶୀଳ ପ୍ରବୃତ୍ତି, ଶାରୀରିକ ନିଷ୍କ୍ରିୟତା ଏବଂ ଲକ୍ଷ୍ୟହୀନତା ପରି ଗମ୍ଭୀର ଚ୍ୟାଲେଞ୍ଜ ରହିଛି । ଏହି ସମସ୍ୟାଗୁଡ଼ିକୁ ମନେରଖି ସେ ସାଇକେଲ ମାଧ୍ୟମରେ ସିଧାସଳଖ ଲୋକମାନଙ୍କ ସହିତ ଯୋଗାଯୋଗ କରିବାର ପଥ ବାଛିଛନ୍ତି । ସେ କହିଥିଲେ ଯେ ସାଇକେଲ କେବଳ ପରିବେଶ ପାଇଁ ଉପଯୁକ୍ତ ଯାନ ନୁହେଁ, ଏହା ସାଧାରଣ ଲୋକଙ୍କ ସହିତ ସହଜ ଏବଂ ପ୍ରଭାବଶାଳୀ ସଂଯୋଗର ମାଧ୍ୟମ ମଧ୍ୟ ଅଟେ ।

# କେଜରିୱାଲଙ୍କ ପିଟିସନ ଉପରେ ଶୁଣାଣି ଭିଡିଓ ସୋସିଆଲ ମିଡିଆରୁ ହଟାଇବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୨୪/୦୪: ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଦ୍ୱାରା ଜଷ୍ଟିସ ସ୍ୱର୍ଣ୍ଣକାନ୍ତା ଶର୍ମାଙ୍କୁ ଶୁଣାଣିରୁ ହଟାଇବା ପାଇଁ ଦାଖଲ ହୋଇଥିବା ପିଟିସନ ସମ୍ପର୍କିତ ଶୁଣାଣିର ଭିଡିଓ ସୋସିଆଲ୍ ମିଡିଆରୁ ହଟାଇବାକୁ ଆଦେଶ ଦେଇଛନ୍ତି । ଜଷ୍ଟିସ ଭି. କାମେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଥିବା ବେଞ୍ଚ ଏହି ଆଦେଶ ଦେବା ସହିତ ଅରବିନ୍ଦ କେଜରିୱାଲଙ୍କୁ ନୋଟିସ ମଧ୍ୟ ଜାରି କରିଛନ୍ତି । ଗୁରୁବାର ଶୁଣାଣି ସମୟରେ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ମେଟା କହିଥିଲା ଯେ ସେ କିଛି ୟୁଆରଏଲକୁ ହଟାଇଦେଇଛି । ଶୁଣାଣି ସମୟରେ ଗୁଗୁଲ ପକ୍ଷରୁ କୁହାଯାଇଥିଲା ଯେ ସେ ୟୁଟ୍ୟୁବର କୌଣସି ଲିଙ୍କ୍ ହଟାଇନାହାନ୍ତି, କାରଣ ସେମାନଙ୍କର କୋର୍ଟର କାର୍ଯ୍ୟର ରେକର୍ଡିଂ ନାହିଁ । ଏହାକୁ ପିଟିସନକାରୀ ବିରୋଧ କରି କହିଥିଲେ ଯେ ସେହି ଲିଙ୍କ୍‌ଗୁଡିକରେ ମଧ୍ୟ କୋର୍ଟ କାର୍ଯ୍ୟର ଭିଡିଓ ରହିଛି । ତା'ପରେ କୋର୍ଟ ଗୁଗୁଲକୁ ନିର୍ଦ୍ଦେଶ ଦେଇଥିଲା ଯେ କୋର୍ଟ କାର୍ଯ୍ୟବାହୀ ସମ୍ପର୍କିତ ସମସ୍ତ ଭିଡିଓ ହଟାଯାଉ । ଏହା ପୂର୍ବରୁ ୨୨ ମାର୍ଚ୍ଚରେ ଜଷ୍ଟିସ ତେଜସ କାରିଆ ଏହି ମାମଲାର ଶୁଣାଣିରୁ ନିଜକୁ ଅଲଗା କରିଥିଲେ । ଏହି ପିଟିସନ ଆଇନଜୀବୀ ବୈଭବ ସିଂହ ଦ୍ୱାରା ଦାଖଲ ହୋଇଛି । ପିଟିସନରରେ ଦିଲ୍ଲୀ ଆବକାରୀ ଘୋଟାଳା ମାମଲାରେ ଟ୍ରାଏଲ କୋର୍ଟ ଦ୍ୱାରା କେଜରିୱାଲଙ୍କୁ ବର୍ଜିତ କରାଯିବା ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦାଖଲ କରିଥିବା ଯାଚିକାର ଶୁଣାଣିରୁ ଜଷ୍ଟିସ ସ୍ୱର୍ଣ୍ଣକାନ୍ତା ଶର୍ମାଙ୍କୁ ହଟାଇବା ଦାବି ସମ୍ପର୍କିତ ଭିଡିଓକୁ ସୋସିଆଲ୍ ମିଡିଆରେ ଅପଲୋଡ୍ କରାଯାଇଥିବାକୁ ନେଇ ଆପତ୍ତି ଜଣାଯାଇଛି ।

## ମିର୍ଜାପୁର ଜିଲ୍ଲାର ଡ୍ରମଣ୍ଡଗଞ୍ଜ ଘାଟୀରେ ସଡକ ଦୁର୍ଘଟଣା ୧୧ ଜଣଙ୍କର ମୃତ୍ୟୁ

ମିର୍ଜାପୁର, ୨୪/୦୪: ଉତ୍ତର ପ୍ରଦେଶର ମିର୍ଜାପୁର ଜିଲ୍ଲାର ଡ୍ରମଣ୍ଡଗଞ୍ଜ ଘାଟୀ ଅଂଚଳରେ ବୁଧବାର ରାତି ପ୍ରାୟ ୮ଟା ସମୟରେ ଘଟିଥିବା ଭୟାବହ ସଡ଼କ ଦୁର୍ଘଟଣାରେ ୧୧ ଜଣଙ୍କ ଦୁଃଖଦ ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣାରେ ବୋଲେରୋ ଗାଡ଼ିରେ ବସିଥିବା ୮ ଜଣ ଲୋକ ଜୀବନ୍ତ ଦଗ୍ଧ ହୋଇଯାଇଥିଲେ । ସେହିପରି ଟ୍ରକ ଚାଳକ, ଖଲାସି ଓ କାର ଚାଳକଙ୍କ ମଧ୍ୟ ମୃତ୍ୟୁ ଘଟିଛି । ମଧ୍ୟ ପ୍ରଦେଶ ପକ୍ଷରୁ ଚଣା ନେଇ ମିର୍ଜାପୁରକୁ ଆସୁଥିବା ଟ୍ରକର ହଠାତ୍ ବ୍ରେକ ଫେଲ ହୋଇ ଯାଇଥିଲା । ଅନିୟନ୍ତ୍ରିତ ଟ୍ରକ ପ୍ରଥମେ ଗୋଟିଏ କଣ୍ଟେନରକୁ ଧକ୍କା ଦେଇଥିଲା ଏବଂ ପରେ ସାମ୍ନାରେ ଯାଉଥିବା ବୋଲେରୋକୁ ଭୟଙ୍କର ଭାବେ ଧକ୍କା ଦେଇଥିଲା । ଧକ୍କା ପରେ ବୋଲେରୋ ଡିଭାଇଡରକୁ ଧକ୍କା ମାରିବା ପରେ ତାହା ଜଳି ଉଠିଥିଲା । ତାପରେ ଟ୍ରକ ଗୋଟିଏ କାରକୁ ଧକ୍କା ଦେଇ ଚିପ୍ସରେ ଭର୍ତ୍ତି ଥିବା ଟ୍ରେଲରରେ ପଶି ଯାଇଥିଲା , ଯାହା ଫଳରେ କାରଟି ପୂରାପୁରି ନଷ୍ଟ ହୋଇଯାଇଥିଲା ଏବଂ ସୋନଭଦ୍ର ନିବାସୀ ଜୟ ପ୍ରକାଶ (୨୮)ଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା । ବୋଲେରୋରେ ବସିଥିବା ୮ ଜଣଙ୍କ ମଧ୍ୟରେ ଦୁଇଜଣ ମହିଳା ଓ ଦୁଇଜଣ ଶିଶୁ ଥିଲେ, ଯେଉଁମାନେ ଅଗ୍ନିକାଣ୍ଡରେ ଫସି ଜୀବନ୍ତ ଜଳି ମୃତ୍ୟୁବରଣ କରିଥିଲେ । ଟ୍ରକ ଚାଳକ ଓ ଖଲାସିଙ୍କ ମଧ୍ୟ ମୃତ୍ୟୁ ଘଟିଛି ।

# ଜଗ୍ଗୀ ହତ୍ୟାକାଣ୍ଡ- ଅମିତ ଯୋଗୀଙ୍କୁ ମିଳିଥିବା ଆଜୀବନ ଦଣ୍ଡାଦେଶ ଉପରେ ସୁପ୍ରିମକୋର୍ଟଙ୍କ ରୋକ୍

ନୂଆଦିଲ୍ଲୀ, ୨୪/୦୪ : ଉଚ୍ଚତମ ନ୍ୟାୟାଳୟ ୨୦୦୩ ମସିହାରେ ଛତିଶଗଡ଼ରେ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନସିପି) ନେତା ରାମ ଅବତାର ଜଗ୍ଗୀଙ୍କ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଏବଂ ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଜୀତ ଜୋଗୀଙ୍କ ପୁଅ ଅମିତ ଜୋଗୀଙ୍କୁ ଦିଆଯାଇଥିବା ଆଜୀବନ କାରାଦଣ୍ଡ ଉପରେ ରୋକ ଲଗାଇଛନ୍ତି । ଜଷ୍ଟିସ ବିକ୍ରମ ନାଥଙ୍କ ଅଧ୍ୟକ୍ଷତାରେ ଥିବା ବେଞ୍ଚ ଅମିତ ଜୋଗୀଙ୍କ ପିଟିସନ ଉପରେ ଏହି ଆଦେଶ ଦେଇଛନ୍ତି । ଅମିତ ଜୋଗୀ ଛତିଶଗଡ଼ ଉଚ୍ଚ ନ୍ୟାୟାଳୟର ରାୟକୁ ଉଚ୍ଚତମ ନ୍ୟାୟାଳୟରେ ଚ୍ୟାଲେଂଜ କରିଛନ୍ତି । ଛତିଶଗଡ଼ ଉଚ୍ଚ ନ୍ୟାୟାଳୟ ଅମିତ ଜୋଗୀଙ୍କୁ ଆଜୀବନ କାରାଦଣ୍ଡ ଦେଇଥିଲେ । ଶୁଣାଣି ସମୟରେ ଅମିତ ଜୋଗୀଙ୍କ ପକ୍ଷରୁ ଉପସ୍ଥିତ ବରିଷ୍ଠ ଆଇନଜୀବୀ କପିଲ ସିବ୍ବଲ ଏବଂ ମୁକୁଲ ରୋହତଗୀ କହିଥିଲେ ଯେ ଉଚ୍ଚ ନ୍ୟାୟାଳୟ ଅମିତ ଜୋଗୀଙ୍କ ପକ୍ଷ ଶୁଣିବା ବିନା ହିଁ ଆଦେଶ ଜାରି କରିଦେଇଥିଲେ । ୪ ଜୁନ ୨୦୦୩ ରେ ରାମ ଅବତାର ଜଗ୍ଗୀଙ୍କୁ ତାଙ୍କ କାରରେ ଯାଉଥିବା ବେଳେ ହତ୍ୟା କରାଯାଇଥିଲା । ୨୦୦୭ ମସିହାରେ ଟ୍ରାଏଲ କୋର୍ଟ ଅମିତ ଜୋଗୀଙ୍କୁ ବର୍ଜିତ କରିଦେଇଥିଲା, କିନ୍ତୁ ଅନ୍ୟ ସହ-ଅଭିଯୁକ୍ତମାନଙ୍କୁ ଦୋଷୀ ଘୋଷଣା କରାଯାଇଥିଲା । ଟ୍ରାଏଲ କୋର୍ଟର ଆଦେଶକୁ ସିବିଆଇ ଉଚ୍ଚ ନ୍ୟାୟାଳୟରେ ଚ୍ୟାଲେଂଜ କରିଥିଲା । ସିବିଆଇ ସହ ଏହି ମାମଲାର ଅଭିଯୋଗକାରୀ ସତୀଶ ଜଗ୍ଗୀ ମଧ୍ୟ ଅମିତ ଜୋଗୀଙ୍କ ବର୍ଜନ ଆଦେଶକୁ ଉଚ୍ଚ ନ୍ୟାୟାଳୟରେ ଚ୍ୟାଲେଂଜ କରିଥିଲେ । ୨୦୧୧ ମସିହାରେ ଛତିଶଗଡ଼ ଉଚ୍ଚ ନ୍ୟାୟାଳୟ ସିବିଆଇର ଆବେଦନକୁ ଏହା କହି ଖାରଜ କରିଦେଇଥିଲେ ଯେ ପିଟିସନ ଶୁଣାଣିଯୋଗ୍ୟ ନୁହେଁ । ଉଚ୍ଚତମ ନ୍ୟାୟାଳୟ ୨୦୨୫ ମସିହାରେ ଉଚ୍ଚ ନ୍ୟାୟାଳୟର ଏହି ରାୟ ସହ ଅସମ୍ମତି ଜଣାଇ କହିଥିଲେ ଯେ ସିବିଆଇର ଅପିଲକୁ ମୂଲ୍ୟାୟନ ଆଧାରରେ ଶୁଣାଣି କରାଯିବା ଉଚିତ । ପରେ ଉଚ୍ଚ ନ୍ୟାୟାଳୟ ପୁନଃ ଶୁଣାଣି କରି ଟ୍ରାଏଲ କୋର୍ଟର ଆଦେଶକୁ ରଦ୍ଦ କରି ଅମିତ ଜୋଗୀଙ୍କୁ ଏହି ମାମଲାର ମୁଖ୍ୟ ସୂତ୍ରଧାର ବୋଲି କହି ଆଜୀବନ କାରାଦଣ୍ଡ ଦେଇଥିଲେ ।

## ସ୍ୱାସ୍ଥ୍ୟ ଯୋଜନା ଉପରେ ରାଜ୍ୟମାନଙ୍କ ସହ ସ୍ୱାସ୍ଥ୍ୟ ସଚିବଙ୍କ ସମୀକ୍ଷା ବୈଠକ

ନୂଆଦିଲ୍ଲୀ, ୨୪/୦୪ (ନି.ପ୍ର): କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପୁଣ୍ୟ ସଲିଲା ଶ୍ରୀବାସ୍ତବ ଗୁରୁବାର ଦିନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସଚିବମାନଙ୍କ ସହ ଜାତୀୟ ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ପ୍ରମୁଖ ପ୍ରାଥମିକତା ଏବଂ ଯୋଜନା ଉପରେ ଏକ ସମୀକ୍ଷା ବୈଠକ କରିଛନ୍ତି । ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆୟୋଜିତ ପ୍ରଗତି ବୈଠକରେ ସ୍ୱାସ୍ଥ୍ୟ ସଚିବ ପ୍ରମୁଖ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର କାର୍ଯ୍ୟକାରିତାକୁ ସୁଦୃଢ଼ କରିବା ଏବଂ ଯକ୍ଷ୍ମା ମୁକ୍ତ ଭାରତ ଏବଂ ନିରନ୍ତର ବିକାଶ ଲକ୍ଷ୍ୟ (ଏସଡିଜି) ସମେତ ପ୍ରମୁଖ ସ୍ୱାସ୍ଥ୍ୟ ସୂଚକାଙ୍କ ଉପରେ ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ସେ ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରଧାନମନ୍ତ୍ରୀ ଆୟୁଷ୍ମାନ ଭାରତ ସ୍ୱାସ୍ଥ୍ୟ ଭିତ୍ତିଭୂମି ମିଶନ (ପିଏମ-ଆଭିମ) ଅଧୀନରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା, ଚିକିତ୍ସା ଏବଂ ନର୍ସିଂ ଶିକ୍ଷା କ୍ଷମତାକୁ ସମ୍ପ୍ରସାରଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଆୟୁଷ୍ମାନ ଭାରତ ଡିଜିଟାଲ ମିଶନ (ଏବିଡିଏମ) ଏବଂ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ପିଏମ-ଜେଏୱାଇ) ଯୋଜନାର ଅଗ୍ରଗତି ଉପରେ ମଧ୍ୟ ସମୀକ୍ଷା କରାଯାଇଥିଲା । ଏହି ଦୁଇଟି ଯୋଜନା ଦେଶରେ ଡିଜିଟାଲ ସ୍ୱାସ୍ଥ୍ୟ ବ୍ୟବସ୍ଥାର ଉନ୍ନତିକରଣ ସହିତ ସ୍ୱାସ୍ଥ୍ୟ ସୁବିଧାଗୁଡ଼ିକରେ ଅଗ୍ନି ନିରାପତ୍ତା ଅନୁପାଳନ ସୁନିଶ୍ଚିତ କରିଥାଏ । ଏହି ସମସ୍ତ ଯୋଜନାରେ ଦ୍ରୁତ ଅଗ୍ରଗତି କରିବାକୁ ସେ ରାଜ୍ୟମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ଆସନସୋଲରେ ମତଦାନ କରିବା ପରେ ବିଜେପି ଓ ପିଏମ ମୋଦିଙ୍କୁ ଟାର୍ଗେଟ କଲେ ଶତ୍ରୁଘ୍ନ ସିହ୍ନା

ଆସନସୋଲ, ୨୪/୦୪: ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଗୁରୁବାର ପ୍ରଥମ ପର୍ଯ୍ୟାୟର ଭୋଟିଂ ଚାଲିଥିବା ବେଳେ, ଆସନସୋଲରୁ ତୃଣମୂଳ କଂଗ୍ରେସ ସାଂସଦ ଏବଂ ବଲିଉଡ୍ ଅଭିନେତା ଶତ୍ରୁଘ୍ନ ସିହ୍ନା ଉତ୍ତର ବିଧାନସଭା କ୍ଷେତ୍ରର ମହିଳା ଚାଳିତ ବୁଥ୍ 'ରବୀନ୍ଦ୍ର ଭବନ'ରେ ପହଞ୍ଚି ବୁଥ୍ ସଂଖ୍ୟା ୩୯ରେ ନିଜ ମତଦାନ କରିଥିଲେ । ମତଦାନ ପରେ ଗଣମାଧ୍ୟମ ସହ କଥାବାର୍ତ୍ତାରେ ସାଂସଦ-ଅଭିନେତା ଭାରତୀୟ ଜନତା ପାର୍ଟି (ଭାଜପା) ଏବଂ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କଠୋର ଆକ୍ରମଣ କରିଥିଲେ । ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ପ୍ରତ୍ୟେକ ରାଜ୍ୟକୁ ।ଇ "ଜଙ୍ଗଲରାଜ" ବିଷୟରେ କହନ୍ତି, କିନ୍ତୁ ଯାହା କହନ୍ତି ସେହି କାମ କରନ୍ତି ନାହିଁ । ସେ ଦାବି କରିଥିଲେ ଯେ ବଙ୍ଗାଳରେ ପରିବର୍ତ୍ତନର ଲହର ନୁହେଁ, ବରଂ ମମତା ବାନାର୍ଜୀଙ୍କ ସମର୍ଥନର ଲହର ଚାଲିଛି । ସେ ଦୋହରାଇଥିଲେ ଯେ ପଶ୍ଚିମବଙ୍ଗରେ ପରିବର୍ତ୍ତନର ନୁହେଁ, ବରଂ ମମତା ବାନାର୍ଜୀଙ୍କ ସମର୍ଥନର ଲହର ରହିଛି । ଶତ୍ରୁଘ୍ନ ସିହ୍ନା କହିଥିଲେ ଯେ ୪ମଇରେ ମତଗଣନା ଦିନ "ମମତାଜୀଙ୍କ ଯାଦୁ" ଏବଂ ତୃଣମୂଳ କଂଗ୍ରେସର ନିର୍ବାଚନ ଚିହ୍ନ ସ୍ପଷ୍ଟ ଭାବେ ଦେଖିବାକୁ ମିଳିବ ।

# ସାବରୀମାଳା ଶୁଣାଣିରେ ଜଷ୍ଟିସ ବିଭି ନାଗରତ୍ନାଙ୍କ ଟିପ୍ପଣୀ : ହ୍ୱାଟସଆପ ୟୁନିଭର୍ସିଟିର ତଥ୍ୟ ଗ୍ରହଣଯୋଗ୍ୟ ନୁହେଁ

ନୂଆଦିଲ୍ଲୀ, ୨୪/୦୪: ଉଚ୍ଚତମ ନ୍ୟାୟାଳୟରେ ସାବରୀମଳା ମନ୍ଦିର ମାମଲାର ଶୁଣାଣି ସମୟରେ ଗୁରୁବାର ଦିନ ଏକ ମୁହୂର୍ତ୍ତ ଦେଖାଯାଇଛି, ଯେତେବେଳେ 'ହ୍ୱାଟସଏପ୍ ୟୁନିଭର୍ସିଟି' ବିଷୟରେ କୋର୍ଟରେ ଉଠିଛି । ବରିଷ୍ଠ ଆଇନଜୀବୀ ନୀରଜ କିଶନ କୌଲ ତାଙ୍କ୍ରୁକ୍ତିରେ କଂଗ୍ରେସ ନେତା ଶଶି ଥରୁରଙ୍କ ଏକ ଲେଖା କଥା ଉଠାଇଥିଲେ, ଯେଉଁଥିରେ କୁହାଯାଇଥିଲା ଯେ ଧାର୍ମିକ ବିଷୟରେ ନ୍ୟାୟିକ ହସ୍ତକ୍ଷେପ ଠିକ୍ ନୁହେଁ । ତା'ପରେ ଜଷ୍ଟିସ ବି.ଭି. ନାଗରତ୍ନା କହିଥିଲେ ଯେ 'ହ୍ୱାଟସଏପ୍ ୟୁନିଭର୍ସିଟି'ର ସୂଚନାକୁ ଗ୍ରହଣ କରାଯାଇପାରିବ ନାହିଁ । ଶୁଣାଣି ସମୟରେ ମୁଖ୍ୟ ନ୍ୟାୟାଧୀଶ ସୂର୍ଯ୍ୟକାନ୍ତ କହିଥିଲେ ଯେ ଯଦିଓ କୋର୍ଟ ସମସ୍ତ ପ୍ରମୁଖ ଲେଖକ ଓ ଚିନ୍ତକମାନଙ୍କୁ ସମ୍ମାନ କରେ, କିନ୍ତୁ ସେହି ଲେଖାଟି ଏକ ବ୍ୟକ୍ତିଗତ ମତ ଓ ବ୍ୟକ୍ତିଗତ ମତ ବ୍ୟକ୍ତିଗତ ହିଁ ରହେ । ତା'ରେ ଜଷ୍ଟିସ ନାଗରତ୍ନା କହିଥିଲେ ଯେ ଭାବନା 'ହ୍ୱାଟସଏପ୍ ୟୁନିଭର୍ସିଟି'ରୁ ଆସିବା ଉଚିତ୍ ନୁହେଁ ।

# 'ଓଡ଼ିଶା ପରିବହନ-ଟ୍ରାଫିକ ଏବଂ ଏନଫୋର୍ସମେଣ୍ଟ ନିୟମାବଳୀ-୨୦୨୬' ପ୍ରଣୟନ ପାଇଁ କ୍ୟାବିନେଟ ଅନୁମୋଦନକୁ ସ୍ୱାଗତ କଲେ ପରିବହନ ମନ୍ତ୍ରୀ

ଭୁବନେଶ୍ୱର, ୨୪/୦୪ (ନି.ପ୍ର): 'ଓଡ଼ିଶା ପରିବହନ-ଟ୍ରାଫିକ ଏବଂ ଏନଫୋର୍ସମେଣ୍ଟ ନିୟମାବଳୀ, ୨୦୨୬' ପ୍ରଣୟନ ପାଇଁ କ୍ୟାବିନେଟ ଅନୁମୋଦନ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି । ସେ କହିଛନ୍ତି ଯେ, ପ୍ରଶାସନିକ ଦିଗରେ ଏକ ଗୁରୁତପୂର୍ଣ୍ଣ ପଦକ୍ଷେପ । ରାଜ୍ୟ ପରିବହନ ବିଭାଗର ପ୍ରବର୍ତ୍ତନ ଶାଖାକୁ ଅଧିକ ସୁଦୃଢ଼ ଓ କାର୍ଯ୍ୟକ୍ଷମ କରିବା ପାଇଁ ପୂର୍ବ ପ୍ରଚଳିତ ଓଟିଟିଇଏସ କ୍ୟାଡର ନିୟମାବଳୀ, ୨୦୧୩ ଏବଂ ଏହାର ପରବର୍ତ୍ତୀ ସଂଶୋଧନଗୁଡ଼ିକୁ ଅତିକ୍ରମଣ କରି ଏକ ନୂତନ 'ଓଡ଼ିଶା ପରିବହନ-ଟ୍ରାଫିକ ଏବଂ ଏନଫୋର୍ସମେଣ୍ଟ (ନିଯୁକ୍ତି ପଦ୍ଧତି ଏବଂ ସେବା ସର୍ତ୍ତାବଳୀ) ନିୟମାବଳୀ, ୨୦୨୬' ପ୍ରଣୟନ ପାଇଁ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟରେ ମଞ୍ଜୁରୀ ମିଳିଛି । ସେ କହିଛନ୍ତି ଯେ, ଏହି ସମନ୍ୱିତ ସଂଶୋଧନ ଦ୍ୱାରା ରାଜ୍ୟରେ ସଡ଼କ ସୁରକ୍ଷା ଓ ପ୍ରବର୍ତ୍ତନ ବ୍ୟବସ୍ଥା ଅଧିକ ତ୍ୱରାନ୍ୱିତ ହେବା ସହ ନିଯୁକ୍ତି ଓ ପଦୋନ୍ନତି ପ୍ରକ୍ରିୟା ସରଳୀକୃତ ହୋଇ ସମଗ୍ର ପ୍ରଶାସନିକ କାର୍ଯ୍ୟଧାରା ଅଧିକ ସୁସଂଗଠିତ ହୋଇପାରିବ । ଏଭଳି ଦୂରଦୃଷ୍ଟିସମ୍ପନ୍ନ ନିଷ୍ପତ୍ତି ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ମନ୍ତ୍ରୀ ।

# ଅଚାନକ ମୃତ୍ୟୁକୁ ବି ରୋକାଯାଇପାରିବ

ପ୍ରଫେସର ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର





ପରିବାର ସହ ହସିଖୁସି କଥା ହେଉଥିଲା ବେଳେ, ସଭାସମିତିରେ ଭାଷଣ ଦେଉଥିଲା ବେଳେ, ଡାଇନିଂ ଟେବୁଲରେ ଚା'ପିଇବା ସମୟରେ ଅଚାନକ ଚେତାଶୂନ୍ୟ ହୋଇପଡ଼ିଯିବା ଏବଂ ପରେ ଆରପାରିକୁ ଚାଲିଯିବାର ଘଟଣା ନିୟମିତ ଦେଖିବାକୁ ମିଳୁଛି। ପୂର୍ବରୁ ଯେ, ଏହା ହେଉନଥିଲା ତାହା ନୁହେଁ, ମାତ୍ର ଗତ କିଛି ବର୍ଷ ଧରି ଦେଶରେ ଅଚାନକ ମୃତ୍ୟୁ ସଂଖ୍ୟା ବଢ଼ିବା ଭୟ ସୃଷ୍ଟି ସହ ଚିନ୍ତା ମଧ ବଢ଼ାଇବାରେ ଲାଗିଛି। ଏନସିଆରବି ରିପୋର୍ଟ ଅନୁସାରେ ୨୦୨୪ ବର୍ଷ ତୁଳନାରେ ୨୦୨୫ ବର୍ଷରେ ଅଚାନକ ମୃତ୍ୟୁରେ ୧୨%ର ବୃଦ୍ଧି ଘଟିଛି। ଯାଇଛି ୫୬,୬୫୩ ଜଣଙ୍କର ଜୀବନ। ଅଚାନକ ମୃତ୍ୟୁର କାରଣ ମଧ୍ୟରୁ ୫୭% ହେଉଛି ହୃଦଘାତ। ଅର୍ଥାତ୍ ହୃଦାଘାତ କାରଣରୁ ୨୦୨୫ ବର୍ଷରେ ୩୨୪୫୭ ଜଣଙ୍କର ଜୀବନ ଯାଇଛି। ଭାରତରେ ହୃଦଘାତ କାରଣରୁ ମୃତ୍ୟୁହାର ପ୍ରତି ଏକ ଲକ୍ଷରେ ୨୭୨ ଥିଲାବେଳେ ବିଶ୍ୱ ହାର ହେଉଛି ମାତ୍ର ୨୩୫। କ୍ରମାଗତ ଭାରତରେ ହୃଦଘାତର ବଢ଼ିବା ଚିନ୍ତା ସୃଷ୍ଟି କରୁଥିଲା ବେଳେ ଏହାକୁ ମଧ ଅନେକାଂଶରେ ରୋକାଯାଇ ପାରିବ।

ହୃଦରୋଗ ଖାଲି ସେ ବୟସ ବଢ଼ିବା କାରଣରୁ ହୋଇଥାଏ ତାହା ଭୁଲ। ଛୋଟ ପିଲାମାନେ ମଧ ଏହାର ଶିକାର ହୋଇଥାନ୍ତି। ତେବେ ଚିନ୍ତାର କାରଣ ହେଉଛି କରୋନା କାଳ ପରଠାରୁ ଏହି ମାମଲା ବୃଦ୍ଧି ପାଇଲା। ଯେଉଁମାନେ କରୋନାରେ ସଂକ୍ରମିତ ହୋଇଥିଲେ ସେମାନଙ୍କ କ୍ଷେତ୍ରରେ ହୃଦଘାତ ସମସ୍ୟା ଅଧିକ ରହୁଛି। ତେଣୁ ସେମାନଙ୍କୁ ଅତ୍ୟଧିକ ପରିଶ୍ରମ ଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଉଛି ଭାରତୀୟ ଆର୍ୟୁବିଜ୍ଞାନ ପରିଷଦ। କରୋନା ସଂକ୍ରମିତଙ୍କୁ ନେଇ ହୋଇଥିବା ଏକ ଯାଞ୍ଚରୁ ଜଣାପଡ଼ିଛି ଯେ, ଯେଉଁମାନେ ସଂକ୍ରମିତ ହୋଇଥିଲେ ସେମାନଙ୍କ ହୃଦୟର ଧମନିରେ ରକ୍ତ ଜମାଟ ବାନ୍ଧୁଛି। ଯେଉଁ କାରଣରୁ ହୃଦୟକୁ ରକ୍ତ ପମ୍ପିଂରେ ସମସ୍ୟା ହେଉଛି। କରୋନା ଭାଇରସର ସବୁଠୁ ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ହେଉଛି ରକ୍ତ ଜମାଟ ବାନ୍ଧିବା। ବିଶେଷଜ୍ଞମାନଙ୍କ ସୂଚନା ଅନୁସାରେ ପୂର୍ବରୁ ହୃଦଘାତର ସଂକେତ ମିଳିଥାଏ। ଏହି ସଂକେତ ଗୁଡ଼ିକ ହେଉଛି ଛାତି ଯନ୍ତ୍ରଣା, ଅସ୍ଥିରତା ଅନୁଭବ କରିବା, ଶରୀରର ବାମ ଭାଗରେ ଯନ୍ତ୍ରଣା ହେବା, ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ, ପିଠି, କାନ୍ଧ, ବେକମୁଣ୍ଡାର ପେଟର ଯନ୍ତ୍ରଣା। ତେଣୁ ଏହି ସମସ୍ୟା ଦେଖାଦେଲେ ତୁରନ୍ତ ପରାମର୍ଶ ନେବା ଦରକାର।

ଅଚାନକ ମୃତ୍ୟୁ କେତେବେଳେ କାହାକୁ ହେବ ତାହା କେହି ଜାଣିନଥାନ୍ତି। ମାତ୍ର ବଦଳୁଥିବା ସାମାଜିକ ଧାରା ଏବଂ ଚାଲିଚଳଣରେ ଆମେ ଆମ ନିଜ ଶରୀରର ଯତ୍ନ ନେବାକୁ ଭଲି ଯାଉଛୁ। ଭଲ ସାର୍ଟ ପ୍ୟାଣ୍ଟ, ଘର, ଗାଡ଼ି, ସୁନାଗହଣାକୁ ଗୁରୁତ୍ୱ ଦେଉଥିଲା ବେଳେ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ କଥାକୁ ଅଣଦେଖା କରୁଛନ୍ତି। ପାଟି ସୁଆଦ ପାଇଁ ରାଗ ମସଲା ଠାରୁ ଆରମ୍ଭ କରି ଏପରି ଖାଦ୍ୟ ଖାଉଛେ ଯାହା ଧିରେ ଧିରେ ଶରୀରରେ ସମସ୍ୟା ସୃଷ୍ଟି କରୁଛି। ଆଉ ଯେତେବେଳେ ଶରୀର ଅସହ୍ୟ ହେଉଛି ସେତେବେଳେ ଯାଉଛେ ଡାକ୍ତରଙ୍କ ନିକଟକୁ। ଦିନ ଥିଲା ଏହି ଚିକିତ୍ସା ବେଶ ବ୍ୟୟବହୁଳ ହେଉଥିବାରୁ ଅନେକଙ୍କ ପାଇଁ ଡାକ୍ତରଖାନା ଯିବା ସହଜ ହେଉନଥିଲା। ହେଲେ ଏବେ ପ୍ରତି ଡାକ୍ତରଖାନାରେ ହୃଦଘାତର ତ୍ୱରିତ ଚିକିତ୍ସା ପାଇଁ ବ୍ୟବସ୍ଥା ରହିଛି।

ହୃଦଘାତ ସମସ୍ୟାକୁ ନେଇ ସଚେତନ ରହିବା ପାଇଁ କେନ୍ଦ୍ର ସରକାରଙ୍କ ଠାରୁ ଆରମ୍ଭ କରି ରାଜ୍ୟ ସରକାର ସମସ୍ତେ ବିଭିନ୍ନ କାର୍ଯ୍ୟକ୍ରମ, କର୍ମଶାଳାର ଆୟୋଜନ କରୁଛନ୍ତି। ହେଲେ ଲୋକେ ତଥାପି ସଚେତନ ହେଉନାହାଁନ୍ତି। ଏନସିଆରବି ରିପୋର୍ଟ ଯେଉଁ ସୂଚନା ଦେଉଛି ତାହା ନିହାତି ଭାବେ ଭୟଙ୍କର। ହେଲେ ଏହାକୁ ମଧ ରୋକାଯାଇପାରିବ। ଡାକ୍ତରଙ୍କ ଭୂମିକା ଅପେକ୍ଷା ଗୁରୁତ୍ୱ ହେଉଛି ଆମ ମାନଙ୍କର ବ୍ୟକ୍ତିଗତ ଦାୟିତ୍ୱବୋଧ। ସବୁ ଜାଣି ମଧ ଆମେ ଆମ ଶରୀରକୁ ନିର୍ଯ୍ୟାତନା ଦେଇ ଚାଲିଛେ। ଟଙ୍କା ଉପାର୍ଜନ, ଚାକିରି ବୋଝ, ପରିବାର ଦାୟିତ୍ୱ ଭିତରେ ଶରୀରକୁ ଯେଭଳି ଭାବେ ବିଶ୍ରାମ ଦେବା କଥା ତା ମଧ ଦେଉନାହେଁ। ଫଳରେ ଦିନକୁ ଦିନ ଶରୀରର ଯନ୍ତାଂଶ ଦୁର୍ବଳ ହେବାରେ ଲାଗିଛି। ତେଣୁ ସବୁ ଦାୟିତ୍ୱ ଭିତରେ ମଧ ଆମକୁ ଆମର ଓ ଆମ ପରିବାରର ସୁରକ୍ଷା ପାଇଁ ସ୍ୱାସ୍ଥ୍ୟ ପ୍ରସଙ୍ଗ ଉପରେ ଅଧିକ ଦୃଷ୍ଟି ଦେବାକୁ ପଡ଼ିବ। ନଚେତ କେତେବେଳେ ଯେ ପରିବାରରେ ଶୋକ ପରିବେଶ ସୃଷ୍ଟି ହେବ ତାହା କେହି କହିପାରିବେ ନାହିଁ।

+ ପ୍ରଫେସର, ହୃଦରୋଗ ବିଭାଗ,
ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ କଲେଜ,
କଟକ

# ନଖ ଉପରେ ହେଉଛି କି ଧଳା ଚିହ୍ନ; ସାବଧାନ, ହୋଇପାରେ ଏହି ବଡ଼ ସମସ୍ୟା



ନଖ ଆମ ସ୍ୱାସ୍ଥ୍ୟର ଅନେକ ରହସ୍ୟ ପ୍ରକାଶ କରିଥାଏ । ଯଦି ଶରୀରରେ କୌଣସି ପ୍ରକାରର ରୋଗ ଥାଏ ତେବେ ଏହାର ପ୍ରଭାବ ନଖରେ ଦେଖାଯିବା ଆରମ୍ଭ କରେ । ଅନ୍ୟପଟେ ନଖରେ ଧଳା ଦାଗ ହେବାର ଅନେକ କାରଣ ଥାଇପାରେ । ନଖରେ ଧଳା ଦାଗ ହେବାର କାରଣ ସାଧାରଣ ହୋଇନଥାଏ । ଏହା ଲ୍ୟୁକୋନିସିଆ ଦ୍ୱାରା ମଧ ହୋଇପାରେ । ନଖରେ ଆଘାତ ହେତୁ ଲ୍ୟୁକୋନିସିଆ ହୁଏ । ତେବେ ଆପଣ ଜାଣି ରଖନ୍ତୁ ନଖରେ ଧଳା ଚିହ୍ନ ହେବାର କାରଣ କ'ଣ ହୋଇପାରେ ।


### ନଖ ଉପରେ ଧଳା ଚିହ୍ନର କାରଣ-

ନଖରେ ଧଳା ଚିହ୍ନ ପଛରେ ଏକ ଆଲର୍ଜି ପ୍ରତିକ୍ରିୟା ମଧ ହୋଇଥାଏ । ଏହା ପଛର କାରଣ ନେଲପଲିସ୍, ଗ୍ଲୋସ୍, କିମ୍ବା ନେଲପଲିସ୍ ରିମୋଭର୍ ହୋଇଥାଏ । ଆଲର୍ଜି ମଧ ନଖରେ ଧଳା ଦାଗର କାରଣ ହୋଇଥାଏ। କେବଳ ଏତିକି ନୁହେଁ, କୃତ୍ରିମ ନଖ ମଧ ନଖର କ୍ଷତି ଘଟାଇଥାଏ । ଫଙ୍ଗଲ୍ ସଂକ୍ରମଣ ନଖରେ ଧଳା ରଙ୍ଗ ସୃଷ୍ଟି କରିଥାଏ । ସଂକ୍ରମଣର ପ୍ରଥମ ଲକ୍ଷଣ ହେଉଛି ନଖ ଉପରେ କିଛି ଛୋଟ ଧଳା ଦାଗ । କେବଳ ଏତିକି ନୁହେଁ, ସଂକ୍ରମଣ ବୃଦ୍ଧି ହେଲେ ନଖ ମୋଟା ଏବଂ ଶୁଷ୍କ ହୋଇପାରେ । ଏପରି ପରିସ୍ଥିତିରେ, ଯଦି ଆପଣଙ୍କର ନଖରେ ଧଳା ଚିହ୍ନ ଥାଏ, ତେବେ ନିଶ୍ଚିତ ଭାବରେ ଏହାକୁ ଡାକ୍ତରଙ୍କୁ ଦେଖାନ୍ତୁ । ଅନେକ ଥର ନଖରେ ଆଘାତ ଲାଗେ । ତେବେ ଆଘାତର ୩ ସପ୍ତାହ ପରେ ନଖରେ ଧଳା ଚିହ୍ନ ଦେଖାଯାଏ । ତେଣୁ ଏହାକୁ ଅଣଦେଖା କରନ୍ତୁ ନାହିଁ । ଶରୀରରେ ଖଣିଜ ପଦାର୍ଥ କିମ୍ବା ଭିଟାମିନ୍ର ଅଭାବ ଥିଲେ ମଧ ନଖରେ ଧଳା ଚିହ୍ନ କିମ୍ବା ଦାଗ ଦେଖାଯାଏ । ପ୍ରାୟତଃ ଏହା ଜିଙ୍କ ଏବଂ କ୍ୟାଲସିୟମର ଅଭାବ ହେତୁ ହୋଇଥାଏ।

### ଧଳା ଚିହ୍ନ କମାଇବା ପାଇଁ ଚିକିତ୍ସା-

୧-ଫଙ୍ଗଲ୍ ଔଷଧ ସେବନ କରନ୍ତୁ ।
୨- ରକ୍ତରେ କୌଣସି ଅସୁବିଧା ହେଲେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ।
୩-ଅଧିକ କସମେଟିକ୍ ବ୍ୟବହାର କରନ୍ତୁ ନାହିଁ ।

# ପାଣି ପିଇବା ପରେ ମଧ ଲାଗୁଛି ପୁଣି ଶୋଷ ? ତେବେ ଜାଣନ୍ତୁ ଏହା ପଛରେ ଥିବା କାରଣ



ଆମ ଭିତରୁ ଅଧିକାଂଶ ଲୋକଙ୍କ ପାଇଁ ଦେ ?ନିକ ଅଢ଼େଇରୁ ସାଢ଼େ ତିନି ଲିଟର ପାଣି ଦରକାର ହୋଇଥାଏ। ଏଥିରୁ ପ୍ରାୟ ୨୦% ଖାଦ୍ୟରୁ ମିଳିଥାଏ। ଏହା ସତ୍ତ୍ୱେ କେତେକ ଲୋକଙ୍କୁ ଶୋଷ ହୋଇ ଶରୀର ଜଳଶୁ ?ଷ୍କ ହେଲା ପରି ଲାଗେ ।


ଆମ ଭିତରୁ ଅଧିକାଂଶ ଲୋକଙ୍କ ପାଇଁ ଦୈନିକ ଅଢ଼େଇରୁ ସାଢ଼େ ତିନି ଲିଟର ପାଣି ଦରକାର ହୋଇଥାଏ। ଏଥିରୁ ପ୍ରାୟ ୨୦% ଖାଦ୍ୟରୁ ମିଳିଥାଏ। ଏହା ସତ୍ତ୍ୱେ କେତେକ ଲୋକଙ୍କୁ ଶୋଷ ହୋଇ ଶରୀର ଜଳଶୁଷ୍କ ହେଲା ପରି ଲାଗେ । ତେଣୁ ଅଧିକ ପାଣି ପିଇଲେ ଜଳଶୁଷ୍କତା ଦେଖାଯାଏ ନାହିଁ ବୋଲି ଅନେକଙ୍କର ଧାରଣା। ହେଲେ ଯେତେ ପାଣି ପିଇଲେ ବି କିଛି ଲୋକଙ୍କୁ ଶୋଷହୁଏ ଓ ହାଲିଆ ଲାଗେ କାହିଁକି ? ସାଧାରଣତଃ ଗରମ ପାଗ ଓ କାର୍ଯ୍ୟବ୍ୟସ୍ତ ରହିଲେ ଏହିଭଳି ହୁଏ। ତେଣୁ ପିଉଥିବା ପାଣି ଉପରେ ଶୋଷ ବା ଜଳଶୁଷ୍କତା ନିର୍ଭର କରେ ନାହିଁ । କଥା ହେଉଛି, ପିଉଥିବା ପାଣିକୁ ଦେହ କିପରି ବିଶୋଷଣ କରି ବଣ୍ଟନ କରିବା ସହ ଦେହରେ ତାକୁ ଧରି ରଖୁଛି, ତାହା ବଡ଼କଥା। ବିଭିନ୍ନ ଜୀବନ ଶୈଳୀ, ଖାଦ୍ୟରୁଚି ଓ ସ୍ୱାସ୍ଥ୍ୟାବସ୍ଥା ମଧ ଦେହର ଜଳଶୁଷ୍କତାକୁ ପ୍ରଭାବିତ କରିଥାଏ। ଫଳରେ ଯେତେ ପାଣି ପିଇଲେ ବି ଶୋଷହୁଏ। ମୁମ୍ବାଇସ୍ଥିତ ଫୋର୍ଟିସ୍ ହସ୍ପିଟାଲ୍ର ଡାକ୍ତର ଶୋଭା ଇଟୋଲିକର କହନ୍ତି, ଯଥେଷ୍ଟ ପାଣି ପିଇବା ସତ୍ତ୍ୱେ ଶୋଷ ଲାଗିବାର ବିଭିନ୍ନ କାରଣ ରହିଛି। ପିଇବା ପଦ୍ଧତି ଓ ସ୍ୱାସ୍ଥ୍ୟାବସ୍ଥା ଭଳି ଅନେକ କାରଣ ଏଥିପାଇଁ ଦାୟୀ। ଥରକେ ବହୁତ ପାଣି ପିଇବା ପରେ ଅନେକ ସମୟ ଧରି ଆଉ ପାଣି ନ ପିଇଲେ ? ଶୋଷ ଲାଗେ। ତେଣୁ ଏକା ଥରକେ ବହୁତ ପାଣି ନ ପିଇ ଦିନସାରା ନିୟମିତ ବ୍ୟବଧାନରେ ଅଳ୍ପ ଅଳ୍ପ ପାଣି ପିଇବା ଉଚିତ। ଥରକେ ବହୁତ ପାଣି ପିଇଲେ ସ୍ୱାସ୍ଥ୍ୟ ମଧ ଖରାପ ହୋଇଥାଏ। କାରଣ ଶରୀରରେ ସୋଡିୟମ୍? ପତଳା ହୋଇ ୱାଟର୍ ଇର୍ଣ୍ଟୋକ୍ ସିକେସନ୍ ଭଳି ଅବସ୍ଥା ସୃଷ୍ଟି କରିଥାଏ। ଏଥିଯୋଗୁଁ ତଣ୍ଟି ଶୁଖିଯାଏ। ସେହିପରି ଚା, କଫି ଓ ମଦ ପିଇଲେ ବାରମ୍ବାର ପରିସ୍ରା ହୋଇ ଦେହରୁ ପାଣି କ୍ଷୟ ହୋଇଯାଏ।

ଏ ସମୟରେ ଯେତେ ପାଣି ପିଇଲେ ବି ଶୋଷ ଲାଗେ। ଭଲ ଭାବେ ପାଟି ଭିତର ପରିଷ୍କାର ନ କଲେ, ଧୂମପାନ କଲେ ଓ ତମାଖୁ ସେବନ କଲେ ମଧ ସବୁବେଳେ ଶୋଷହୁଏ । ଆମ ଖାଦ୍ୟ ଅନେକ ସମୟରେ ଶୋଷକୁ ପ୍ରଭାବିତ କରେ। ଅଧିକ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଖାଇଲେ ହଜମ ଓ ବର୍ଜ୍ୟ ନିଷ୍କାସନ ପାଇଁ ଅଧିକ ପାଣି ପିଇବାକୁ ପଡ଼େ। ଅଧିକ ଲୁଣ, ଚିନି ଓ ମସଲା ଖାଦ୍ୟ ଖାଇଲେ ଶୋଷହୁଏ। କମ୍ ଫାଇବରଯୁକ୍ତ ଖାଦ୍ୟ ଯୋଗୁଁ ଦେହରେ ଜଳ ଧାରଣ କ୍ଷମତା କମିଯାଏ ବୋଲି ଡାକ୍ତର କହନ୍ତି। ସେହିପରି ଗରମ ପାଗରେ ବେଶି ବ୍ୟାୟାମ କଲେ ଓ ଝାଳ ବୋହିଲେ ଦେହରୁ ଅଧିକ ଜଳୀୟ ଅଂଶ ବାହାରିଯାଏ। ଫଳରେ ଶୋଷହୁଏ । ଏହାଛଡ଼ା ଜ୍ୱର, ବାନ୍ତି ବା ଡାଇରିଆ ହେଲେ ଏବଂ ହାଇ ବ୍ଲଡ୍ ସୁଗାର ଲେବଲ୍ ଶୋଷ ବଢ଼ାଇ ଥାଏ। ହରମୋନ୍ ସନ୍ତୁଳନ ଠିକ୍ ନ ରହିଲେ ଶୋଷହୁଏ ଓ ତାହା ମେଣ୍ଟେ ନାହିଁ। ନିଦ, ଚାପ ଓ ଉତ୍କଣ୍ଠା ବି ଶୋଷ ବଢ଼ାଇଥାଏ। ଏହା ପ୍ରକୃତ ଜଳଶୁଷ୍କତା ନୁହେଁ। ଏହାଛଡ଼ା ଦେହରେ ସୋଡିୟମ୍ ଓ କ୍ଲୋରାଇଡ୍ ଭଳି ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳିତ ହେଲେ ଯେତେ ପାଣି ପିଇଲେ ବି ଶୋଷ ମରେ ନାହିଁ। ବାରମ୍ବାର ପାଣି ପିଇବାକୁ ଇଚ୍ଛା ହୋଇଥାଏ।

# ଜାଣନ୍ତୁ : ନିଦ୍ରା କାହିଁକି ସମ୍ପୂର୍ଣ୍ଣ ଥକ୍କାପଣ ଦୂର କରେ ନାହିଁ ...

**ଆଜିକାଲି ଲୋକମାନେ ପ୍ରବଳ ଥକ୍କା ଅନୁଭବ କରୁଛନ୍ତି, ଯାହା ଶୋଇବା କିମ୍ବା ବିଶ୍ରାମ ନେବା ପରେ ମଧ କମିଯାଏ ନାହିଁ। ଲେ ?ହସାର ଅଭାବ ପ୍ରାୟତଃ ଏହାର କାରଣ। ଆଜିର ବ୍ୟସ୍ତବହୁଳ ଜୀବନଶୈଳୀ ଏବଂ ଖରାପ ପୁଷ୍ଟିସାର ହେତୁ ଆଇରନ୍ ର ଅଭାବର ଲକ୍ଷଣ ରହୁଛି।**

**ଆଜିକାଲି ଲୋକମାନେ ପ୍ରବଳ ଥକ୍କା ଅନୁଭବ କରୁଛନ୍ତି, ଯାହା ଶୋଇବା କିମ୍ବା ବିଶ୍ରାମ ନେବା ପରେ ମଧ କମିଯାଏ ନାହିଁ। ଲେ ?ହସାର ଅଭାବ ପ୍ରାୟତଃ ଏହାର କାରଣ। ଆଜିର ବ୍ୟସ୍ତବହୁଳ ଜୀବନଶୈଳୀ ଏବଂ ଖରାପ ପୁଷ୍ଟିସାର ହେତୁ ଆଇରନ୍ ର ଅଭାବର ଲକ୍ଷଣ ରହୁଛି।** **ଏହି ଖଣିଜ ଅଭାବ ରକ୍ତହୀନତାର ଆଶଙ୍କା ବଢ଼ାଇଥାଏ ଓ ଶରୀରକୁ ଅମ୍ଳଜାନ ଯୋଗାଣ ହ୍ରାସ କରିଥାଏ। ଲୁହା ଅଭାବର ଏହି ଲକ୍ଷଣକୁ ଶୀଘ୍ର ଚିହ୍ନି ପାରିଲେ ସ୍ୱାସ୍ଥ୍ୟରେ ତୁରନ୍ତ ଉନ୍ନତି ଆସିପାରେ।**



### କମ୍ ହିମୋଗ୍ଲୋବିନ କାରଣ

ରକ୍ତରେ ହିମୋଗ୍ଲୋବିନ୍ ଉତ୍ପାଦନ ପାଇଁ ଲୌହସାର ଅତ୍ୟାବଶ୍ୟକ। ହିମୋଗ୍ଲୋବିନ୍ ?ର କାର୍ଯ୍ୟ ହେଉଛି ରକ୍ତ ମାଧ୍ୟମରେ ଶରୀରର ବିଭିନ୍ନ ଅଂଶକୁ ଅମ୍ଳଜାନ ପରିବହନ କରିବା। ଅଭାବ ହେଲେ ଥକ୍କାପଣ, ଫିକାପଣ ଓ ଶ୍ୱାସକ୍ରିୟା ଭଳି ଦଶଟି ଲକ୍ଷଣ ଦେଖାଯାଇପାରେ। ଏଗୁଡ଼ିକୁ ଅଣଦେଖା କଲେ ଗମ୍ଭୀର ସମସ୍ୟା ସୃଷ୍ଟି ହୋଇପାରେ।

### ୧. ଲଗାତାର ଥକ୍କାପଣ

କାମ ପରେ କ୍ଳାନ୍ତ ଅନୁଭବ କରିବା ସାଧାରଣ କଥା। ତଥାପି, ଯଦି ଆପଣ ଅଧିକ କାର୍ଯ୍ୟକଳାପ ବିନା ମଧ କ୍ଳାନ୍ତ ଅନୁଭବ କରନ୍ତି ଏବଂ ବିଶ୍ରାମ ନେବା ପରେ ମଧ ଏହାକୁ ସମ୍ପୂର୍ଣ୍ଣ ଭାବରେ ଦୂର କରନ୍ତି ନାହିଁ ତେବେ ଏହା ଲୌହ ଅଭାବର ଲକ୍ଷଣ ହୋଇପାରେ। ଏହା ପ୍ରାୟତଃ ସେତେବେଳେ ଘଟେ ଯେତେବେଳେ ଆପଣଙ୍କ ପାଖରେ ପର୍ଯ୍ୟାପ୍ତ ଅମ୍ଳଜାନ ଗ୍ରହଣ ନ ଥିବାରୁ ଶକ୍ତିର ଅଭାବ ହୁଏ।

### ୨. ଚର୍ମ ହଳଦିଆ ପଡ଼ିବା

ଯଦି ଆପଣଙ୍କ ଚର୍ମ ଫିକା ପଡ଼ିବାକୁ ଲାଗେ ଏବଂ ଲୋକମାନେ ହଳଦିଆ ରଙ୍ଗ ଦେଖୁଛନ୍ତି ତେବେ ଏହା ଲୌହ ଅଭାବ ଯୋଗୁଁ ହୋଇପାରେ। ହିମୋଗ୍ଲୋବିନର ଅଭାବ ଆପଣଙ୍କ ଶରୀରରେ ରକ୍ତର ପରିମାଣକୁ ହ୍ରାସ କରିପାରେ, ଯାହା ଫଳରେ ଆପଣଙ୍କ ଶରୀର ଫିକା ଦେଖାଯିବ।

### ୩. ନିଶ୍ୱାସ ନେବା

କଠିନ ଶାରୀରିକ ପରିଶ୍ରମ ପରେ ନିଶ୍ୱାସ ନେବା କଷ୍ଟକର ହୁଏ। ତଥାପି, ଯଦି ଆପଣ ଅଳ୍ପ ଚାଲିବା କିମ୍ବା ସିଡ଼ି ଚଢ଼ିବା ପରେ ମଧ ଏହି ସମସ୍ୟା ଅନୁଭବ କରନ୍ତି, ତେବେ ସତର୍କ ରୁହନ୍ତୁ। ଏହାର ଅର୍ଥ ହେଉଛି ଆପଣଙ୍କ ଶରୀର ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ୍ ପାଉନାହିଁ।

### ୪. ହୃଦସ୍ପନ୍ଦନ

ଲୁହା ଅଭାବରୁ ମଧ ହୃଦସ୍ପନ୍ଦନ ଦ୍ରୁତ ହୋଇପାରେ। କାରଣ ହୃଦୟକୁ ଅଧିକ କାମ କରିବାକୁ ପଡ଼ିଥାଏ, ଯାହା ହୃଦସ୍ପନ୍ଦନ ବୃଦ୍ଧି କରେ। ଯଦି ଆପଣ ଏହି ଲକ୍ଷଣ ଲକ୍ଷ୍ୟ କରନ୍ତି, ତେବେ ଆପଣଙ୍କ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ଏବଂ ଆବଶ୍ୟକୀୟ ପରୀକ୍ଷା କରାନ୍ତୁ।

### ୫. ମୁଣ୍ଡ ବୁଲାଇବା ଏବଂ ମୁଣ୍ଡ ବିନ୍ଧା

ଯେତେବେଳେ ମସ୍ତିଷ୍କ ଅମ୍ଳଜାନର ଅଭାବରେ ପ୍ରଭାବିତ ହୁଏ, ସେତେବେଳେ ଏହାର କାର୍ଯ୍ୟକ୍ଷମତା ମଧ ଖରାପ ହୋଇଯାଏ। ଏହା ମୁଣ୍ଡ ବୁଲାଇବା କିମ୍ବା ମୁଣ୍ଡ ବିନ୍ଧା ସୃଷ୍ଟି କରିପାରେ।

### ୬. କେଶ ପଡ଼ିବା

ଲୌହ ଅଭାବ କେଶ ମୂଳର ପୁଷ୍ଟିସାର ହ୍ରାସ କରେ, ଯାହା ଫଳରେ ହଠାତ୍ କେଶ ଝଡ଼ିଯାଏ। ଏହି ଲକ୍ଷଣ ବିଶେଷକରି ମହିଳାମାନଙ୍କଠାରେ ଦେଖାଯାଏ।

### ୭. ଦୁର୍ବଳ ନଖ

ନଖ ଦେଖି ମଧ ଲୁହା ଅଭାବ ଚିହ୍ନଟ କରାଯାଇପାରିବ। ଲୁହା ଅଭାବ ଯୋଗୁଁ ନଖ ପତଳା ଓ ଭାଙ୍ଗିଯାଏ।

### ୮. ଶରୀର ଥଣ୍ଡା ହୋଇଯାଏ

କମ ଲୌହ ସ୍ତର ରକ୍ତ ସଞ୍ଚାଳନକୁ ପ୍ରଭାବିତ କରେ, ଯାହା ଫଳରେ ଶରୀର ଥଣ୍ଡା ହୋଇଯାଏ, ବିଶେଷକରି ହାତ ଏବଂ ପାଦରେ, ଯାହା ରକ୍ତ ପ୍ରବାହରେ ବାଧା ସୃଷ୍ଟି କରି ଥଣ୍ଡା ଅନୁଭବ କରିପାରେ।

### ଲୁହା ଅଭାବୀ ଖାଦ୍ୟ

ଲୌହ ଅଭାବରୁ ରକ୍ଷା ପାଇବା ପାଇଁ, ନିୟମିତ ପରୀକ୍ଷା କରାଇବା ଓ ସନ୍ତୁଳିତ ଖାଦ୍ୟ ଖାଇବା ଅତ୍ୟନ୍ତ ଜରୁରୀ। ମହିଳାମାନେ ବିଶେଷକରି ମାସିକ ଋତୁସ୍ରାବ ସମୟରେ ବିପଦରେ ଥାଆନ୍ତି, ତେଣୁ ଏହି ସମୟରେ ସେମାନେ ସେମାନଙ୍କ ଖାଦ୍ୟ ପ୍ରତି ବହୁତ ସତର୍କ ରହିବା ଉଚିତ। ପାଳଙ୍ଗ ପରି ସବୁଜ ପତ୍ରଯୁକ୍ତ ପନିପରିବା, ଗୁଡ଼, ବିନ୍ସ ଏବଂ ଡାଲି, ଆପଲ୍, ଖଜୁର ଏବଂ ଡାଳିମ୍ବ ଭିଟାମିନ୍ ସି ଯୁକ୍ତ ଖାଦ୍ୟ ସହିତ ଲୌହ ଯୁକ୍ତ ଖାଦ୍ୟ ଗ୍ରହଣ କରନ୍ତୁ।

ଧ୍ୱନି ପ୍ରତିଧ୍ୱନି

# ମାଗଣା ସଂସ୍କୃତି: ହିତାଧିକାରୀ ବନାମ ନାଗରିକ

ଭାରତୀୟ ଗଣତନ୍ତ୍ର ବର୍ତ୍ତମାନ ଏକ ଏପରି ସମସ୍ୟାର ସମ୍ମୁଖୀନ ହେଉଛି, ଯାହା ଧୀରେ ଧୀରେ ଏହାର ମୂଳଦୁଆକୁ ଦୁର୍ବଳ କରିବାରେ ଲାଗିଛି । ଏହା ହେଉଛି 'ମାଗଣା ସଂସ୍କୃତି' ବା 'ରେବଡ଼ି ସଂସ୍କୃତି' । ନିର୍ବାଚନ ଜିତିବା ପାଇଁ ରାଜନୈତିକ ଦଳମାନେ ଜନସାଧାରଣଙ୍କୁ ବିଭିନ୍ନ ପ୍ରକାରର ମାଗଣା ସାମଗ୍ରୀ ଏବଂ ନଗଦ ଟଙ୍କା ପ୍ରଦାନ କରିବାର ପ୍ରତିଶ୍ରୁତି ଦେଉଛନ୍ତି । ଏହି ପ୍ରଥା ବର୍ତ୍ତମାନ ଏକ ଏପରି ସ୍ତରରେ ପହଞ୍ଚିଛି ଯେ, ନିର୍ବାଚନୀ ଇସ୍ତାହାରଗୁଡ଼ିକ ଦେଶର ବିକାଶର ରୂପରେଖ ପରିବର୍ତ୍ତେ ମାଗଣା ଯୋଜନାର ଏକ ତାଲିକାରେ ପରିଣତ ହୋଇଛି । ଏହି ସଂସ୍କୃତି କେବଳ ସରକାରୀ ତହବିଲ ଉପରେ ବୋଝ ସୃଷ୍ଟି କରୁନାହିଁ, ବରଂ ଏହା ନାଗରିକଙ୍କୁ ଆତ୍ମନିର୍ଭରଶୀଳ ହେବା ପରିବର୍ତ୍ତେ ସରକାରଙ୍କ ଉପରେ ନିର୍ଭରଶୀଳ କରାଇବାର ଏକ ମାଧ୍ୟମ ପାଲଟିଛି। ବିଶେଷକରି, ନିର୍ବାଚନ ପୂର୍ବରୁ ସମାଜର ଏକ ବଡ଼ ଅଂଶକୁ ସିଧାସଳଖ ନଗଦ ଟଙ୍କା ହସ୍ତାନ୍ତର କରିବାର ପ୍ରଥା ଶାସକ ଦଳକୁ ଏକ ଅଭେଦ୍ୟ ସ୍ଥିତିରେ ପହଞ୍ଚାଇ ଦେଉଛି, ଯାହାଫଳରେ ସେମାନେ ନିର୍ବାଚନରେ କଦାପି ପରାଜିତ ହେବେ ନାହିଁ ବୋଲି ଏକ ଧାରଣା ସୃଷ୍ଟି ହେଉଛି ।

ଏହି ମାଗଣା ସଂସ୍କୃତିର ମୂଳଦୁଆ ଭୋଟରଙ୍କୁ ତତକ୍ଷଣାତ୍ ଲାଭ ଦେଖାଇ ଆକର୍ଷିତ କରିବା ଉପରେ ପର୍ଯ୍ୟବେସିତ । ରାଜନୈତିକ ଦଳମାନେ ବୁଝିସାରିଛନ୍ତି ଯେ ଦୀର୍ଘମିଆଦୀ ବିକାଶମୂଳକ ଯୋଜନା, ଯେପରିକି ଶିକ୍ଷା, ସ୍ୱାସ୍ଥ୍ୟ, ଏବଂ ଭିତ୍ତିଭୂମିର ବିକାଶ, ତୁରନ୍ତ ଫଳ ଦିଏ ନାହିଁ ଏବଂ ଏହାର ପ୍ରଭାବ ଭୋଟରେ ପରିଣତ ହେବା ପାଇଁ ସମୟ ଲାଗେ । ଏହାର ବିପରୀତରେ, ମାଗଣା ବିଜୁଳି, ପାଣି, ରାସନ, ଲାପଟପ୍, ସାଇକେଲ କିମ୍ବା ମହିଳାମାନଙ୍କୁ ମାସିକ ଭତ୍ତା ଭଳି ଯୋଜନାଗୁଡ଼ିକ ଭୋଟରଙ୍କୁ ତୁରନ୍ତ ସନ୍ତୁଷ୍ଟ କରେ । ଏହା ଏକ ପ୍ରକାରର 'ଭୋଟ୍ କ୍ରୟ'ର ପରୋକ୍ଷ ମାଧ୍ୟମ ପାଲଟିଛି । ନିର୍ବାଚନ ପୂର୍ବରୁ ଏହିପରି ଯୋଜନାଗୁଡ଼ିକର ଘୋଷଣା ଏବଂ କାର୍ଯ୍ୟକାରିତା ଭୋଟରଙ୍କ ମନସ୍ତତ୍ତ୍ୱକୁ ପ୍ରଭାବିତ କରିବା ପାଇଁ ଏକ ଶକ୍ତିଶାଳୀ ଅସ୍ତ୍ର ଭାବରେ ବ୍ୟବହୃତ ହେଉଛି । ଯେତେବେଳେ ଜଣେ ଭୋଟର ଦେଖେ ଯେ ତାଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଟଙ୍କା ଆସୁଛି, ସେତେବେଳେ ସେ ଶାସକ ଦଳ ପ୍ରତି ଏକ କୃତଜ୍ଞତାର ଭାବନା ପୋଷଣ କରେ ଏବଂ ଅନ୍ୟ କୌଣସି ବିଚାରଧାରା ବା ପ୍ରସଙ୍ଗ ତାଙ୍କ ପାଇଁ ଗୌଣ ହୋଇଯାଏ।

ନଗଦ ହସ୍ତାନ୍ତରର ରାଜନୀତି ଏହି ସମସ୍ୟାକୁ ଆହୁରି ଜଟିଳ କରିଛି । ବିଭିନ୍ନ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ଚାଲୁଥିବା କୃଷକ ସମ୍ମାନ ନିଧି, ମହିଳାଙ୍କୁ ଆର୍ଥିକ ସହାୟତା, ବେକାରୀ ଭତ୍ତା ଭଳି ଯୋଜନାଗୁଡ଼ିକ ସିଧାସଳଖ ଲୋକଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ପଠାଉଛି । ଏହି ଯୋଜନାଗୁଡ଼ିକର ଉଦ୍ଦେଶ୍ୟ ଗରିବ ଏବଂ ଅବହେଳିତ ବର୍ଗଙ୍କୁ ଆର୍ଥିକ ସୁରକ୍ଷା ଦେବା ବୋଲି କୁହାଯାଉଥିଲେ ମଧ୍ୟ ଏହାର ସମୟ ଏବଂ କାର୍ଯ୍ୟକାରିତାର ଢଙ୍ଗ ଏହାକୁ ଏକ ରାଜନୈତିକ ଅସ୍ତ୍ରରେ ପରିଣତ କରିଛି । ନିର୍ବାଚନର ଠିକ୍ ପୂର୍ବରୁ ଏହି ଯୋଜନାଗୁଡ଼ିକର କିସ୍ତି ପ୍ରଦାନ କରାଯିବା କିମ୍ବା ନୂତନ ହିତାଧିକାରୀଙ୍କୁ ସାମିଲ କରାଯିବା ଏକ ସାଧାରଣ କଥା ହୋଇଗଲାଣି । ଏହାଦ୍ୱାରା ଶାସକ ଦଳ ନିଜର ଭୋଟ୍ ବ୍ୟାଙ୍କକୁ ସୁଦୃଢ଼ କରିବାରେ ସଫଳ ହେଉଛି । ଫଳରେ, ନିର୍ବାଚନ ଏକ ମୁକ୍ତ ଏବଂ ନିରପେକ୍ଷ ପ୍ରତିଯୋଗିତା ପରିବର୍ତ୍ତେ, ସରକାରୀ ତହବିଲରୁ କିଏ କେତେ ଅଧିକ ମାଗଣା ବାଣ୍ଟିପାରିବ, ତାର ଏକ ପ୍ରତିଯୋଗିତାରେ ପରିଣତ ହୋଇଛି । ଏହା ଏକ ଅସମାନ ପ୍ରତିଦ୍ୱନ୍ଦ୍ୱିତା ସୃଷ୍ଟି କରୁଛି, କାରଣ ବିରୋଧୀ ଦଳଗୁଡ଼ିକ କେବଳ ପ୍ରତିଶ୍ରୁତି ଦେଇପାରନ୍ତି, କିନ୍ତୁ ଶାସକ ଦଳ ସରକାରୀ କଳକୁ ବ୍ୟବହାର କରି ତୁରନ୍ତ ଲାଭ ପହଞ୍ଚାଇପାରେ।

ଏହାର ଅର୍ଥନୈତିକ ପରିଣାମ ଅତ୍ୟନ୍ତ ଭୟାବହ । ମାଗଣା ଯୋଜନାଗୁଡ଼ିକ ପାଇଁ ଆବଶ୍ୟକ ହେଉଥିବା ବିପୁଳ ପରିମାଣର ଅର୍ଥ ରାଜ୍ୟର ରାଜସ୍ୱ ଉପରେ ପ୍ରବଳ ଚାପ ସୃଷ୍ଟି କରୁଛି । ଫଳରେ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଏବଂ ନିଯୁକ୍ତି ସୃଷ୍ଟି ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ଅର୍ଥର ଅଭାବ ଦେଖାଦେଉଛି । ଅନେକ ରାଜ୍ୟ ଋଣ ଭାରରେ ବୁଡ଼ି ରହିଛନ୍ତି, କିନ୍ତୁ ଲୋକପ୍ରିୟତା ହରାଇବା ଭୟରେ ଏହି ମାଗଣା ଯୋଜନାଗୁଡ଼ିକୁ ବନ୍ଦ କରିବାକୁ ସାହସ କରୁନାହାନ୍ତି । ଏହା ଏକ ବିଷମ ଚକ୍ର ସୃଷ୍ଟି କରୁଛି, ଯେଉଁଠାରେ ସରକାର ଅଧିକ ଋଣ କରି ମାଗଣା ବାଣ୍ଟୁଛନ୍ତି ଏବଂ ଏହି ଋଣ ପରିଶୋଧ କରିବା ପାଇଁ ପୁଣି ବିକାଶମୂଳକ କାର୍ଯ୍ୟରୁ ପାଣ୍ଠି କାଟୁଛନ୍ତି । ଦୀର୍ଘକାଳୀନ ଭାବରେ, ଏହା ରାଜ୍ୟର ଅର୍ଥନୈତିକ ସ୍ଥିରତାକୁ ନଷ୍ଟ କରିଦେବାର ଆଶଙ୍କା ରହିଛି । ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ଅନେକ ଅର୍ଥନୀତିଜ୍ଞ ବାରମ୍ବାର ଏହି ବିପଦ ବିଷୟରେ ସତର୍କ କରାଇଛନ୍ତି, କିନ୍ତୁ ରାଜନୈତିକ ଲାଭ ଆଗରେ ଏହି ଚେତାବନୀଗୁଡ଼ିକ ଅଣଦେଖା କରାଯାଉଛି ।

ଏହି ସଂସ୍କୃତି କେବଳ ଅର୍ଥନୀତିକୁ ନୁହେଁ, ବରଂ ଗଣତନ୍ତ୍ରର ମୂଳ ଆତ୍ମାକୁ ମଧ୍ୟ କ୍ଷତି ପହଞ୍ଚାଉଛି । ଯେତେବେଳେ ଭୋଟରମାନେ ସରକାରଙ୍କ କାର୍ଯ୍ୟଦକ୍ଷତା, ନୀତି, ଏବଂ ଦୁର୍ନୀତି ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ମତଦାନ କରିବା ପରିବର୍ତ୍ତେ କେବଳ ବ୍ୟକ୍ତିଗତ ଲାଭକୁ ଦୃଷ୍ଟିରେ ରଖି ଭୋଟ୍ ଦିଅନ୍ତି, ସେତେବେଳେ ସରକାରଙ୍କର ଜବାବଦେହିତା କମିଯାଏ । ଶାସକ ଦଳ ଜାଣିଥାଏ ଯେ ନିର୍ବାଚନ ପୂର୍ବରୁ କିଛି ନଗଦ ଟଙ୍କା କିମ୍ବା ମାଗଣା ସାମଗ୍ରୀ ବାଣ୍ଟିଦେଲେ, ତାଙ୍କର ପାଞ୍ଚ ବର୍ଷର ଅପାରଗତା, ଦୁର୍ନୀତି, ଏବଂ ଭୁଲ ନୀତିକୁ ଲୋକେ ଭୁଲିଯିବେ । ଏହା ଏକ ପ୍ରକାରର 'ପ୍ରଲୋଭନର ଗଣତନ୍ତ୍ର' ସୃଷ୍ଟି କରୁଛି, ଯେଉଁଠାରେ ନାଗରିକଙ୍କୁ ଜଣେ ସଚେତନ ମତଦାତା ଭାବରେ ନୁହେଁ ବରଂ ଜଣେ ହିତାଧିକାରୀ ଭାବରେ ଦେଖାଯାଉଛି । ଏହି ପ୍ରକ୍ରିୟାରେ, ନାଗରିକ ଏବଂ ସରକାରଙ୍କ ମଧ୍ୟରେ ଥିବା ସମ୍ପର୍କ ମଧ୍ୟ ବଦଳିଯାଉଛି । ନାଗରିକ ନିଜକୁ ଦେଶର ମାଲିକ ମନେକରିବା ପରିବର୍ତ୍ତେ, ସରକାରଙ୍କ ଦୟାର ପାତ୍ର ବୋଲି ଭାବିବା ଆରମ୍ଭ କରୁଛି ।

ଏହାର ସମାଧାନ ପାଇଁ ଏକ ବହୁମୁଖୀ ପଦକ୍ଷେପର ଆବଶ୍ୟକତା ରହିଛି । ସର୍ବପ୍ରଥମେ, ଭାରତର ନିର୍ବାଚନ ଆୟୋଗ ଏବଂ ସୁପ୍ରିମକୋର୍ଟଙ୍କୁ ଏହି ପ୍ରସଙ୍ଗରେ ଏକ ଦୃଢ଼ ଆଭିମୁଖ୍ୟ ଗ୍ରହଣ କରିବାକୁ ପଡ଼ିବ । ନିର୍ବାଚନୀ ଇସ୍ତାହାରରେ କରାଯାଉଥିବା ଅବାସ୍ତବ ଏବଂ ଆର୍ଥିକ ଦୃଷ୍ଟିରୁ ଅସମ୍ଭବ ପ୍ରତିଶ୍ରୁତିଗୁଡ଼ିକ ଉପରେ ଅଙ୍କୁଶ ଲଗାଇବା ପାଇଁ ନିୟମ ପ୍ରଣୟନ କରାଯିବା ଆବଶ୍ୟକ । ପ୍ରତ୍ୟେକ ଦଳ ନିଜର ପ୍ରତିଶ୍ରୁତି ପାଇଁ ଆବଶ୍ୟକ ଅର୍ଥ କେଉଁଠାରୁ ଆଣିବେ, ତାହାର ଏକ ସ୍ପଷ୍ଟ ହିସାବ ଦେବା ବାଧ୍ୟତାମୂଳକ କରାଯିବା ଉଚିତ୍ । ଦ୍ୱିତୀୟତଃ, ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଜରୁରୀ । ଲୋକଙ୍କୁ ବୁଝାଇବାକୁ ପଡ଼ିବ ଯେ ଏହି ମାଗଣା ଯୋଜନାର ଅର୍ଥ ସରକାର ନିଜ ପକେଟରୁ ଦେଉନାହାନ୍ତି, ବରଂ ଏହା ସେମାନଙ୍କ ଦ୍ୱାରା ଦିଆଯାଇଥିବା ଟିକସ ଟଙ୍କା । ତତକ୍ଷଣାତ୍ ଲାଭ ପାଇଁ ଦେଶର ଦୀର୍ଘକାଳୀନ ଭବିଷ୍ୟତକୁ ବାଜିରେ ଲଗାଇବା କେତେଦୂର ଯୁକ୍ତିଯୁକ୍ତ, ତାହା ସେମାନଙ୍କୁ ବିଚାର କରିବାକୁ ହେବ । ଶେଷରେ, ରାଜନୈତିକ ଦଳମାନଙ୍କୁ ମଧ୍ୟ ଆତ୍ମ-ମନ୍ଥନ କରିବାର ଆବଶ୍ୟକତା ରହିଛି। ନିର୍ବାଚନ ଜିତିବା ପାଇଁ ଶସ୍ତା ଲୋକପ୍ରିୟତା ପଛରେ ନ ଗୋଡ଼ାଇ, ସେମାନେ ଦେଶର ପ୍ରକୃତ ବିକାଶ ପାଇଁ ଏକ ଦୀର୍ଘମିଆଦୀ ଦୃଷ୍ଟିକୋଣ ନେଇ କାର୍ଯ୍ୟ କରିବା ଉଚିତ୍ ।

ଯଦି ଏହି ମାଗଣା ସଂସ୍କୃତି ଉପରେ ତୁରନ୍ତ ଲଗାମ ନ ଲଗାଯାଏ, ତେବେ ଭାରତୀୟ ଗଣତନ୍ତ୍ର ଏକ ଏପରି ପରିସ୍ଥିତିରେ ପହଞ୍ଚିବ, ଯେଉଁଠାରେ ନିର୍ବାଚନ କେବଳ ଏକ ଔପଚାରିକତା ହୋଇ ରହିଯିବ ଏବଂ ଶାସକ ଦଳ ସରକାରୀ ତହବିଲକୁ ବ୍ୟବହାର କରି ଅନନ୍ତ କାଳ ପାଇଁ କ୍ଷମତାରେ ରହିବାକୁ ସକ୍ଷମ ହେବ । ଏହା ଗଣତନ୍ତ୍ରର ମୃତ୍ୟୁଘଣ୍ଟି ସଦୃଶ ହେବ ।

# ମାନପତ୍ର ବିକି ମାଲାମାଲ୍ : ଏକ ବିଡ଼ମ୍ବନା



## ଶିବ ପ୍ରସାଦ ବାହିନୀପତି

ଆଜିର ସମୟରେ ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ 'ମାନପତ୍ର' ଏକ ସମ୍ମାନର ପ୍ରତୀକ ନହୋଇ ବ୍ୟବସାୟର ମାଧ୍ୟମ ପାଲଟିଛି। ଯେଉଁଠି ଯୋଗ୍ୟତା ଅପେକ୍ଷା ଅର୍ଥର ଗୁରୁତ୍ୱ ଅଧିକ, ସେଠାରେ ପ୍ରତିଭା ସଙ୍କୁଚିତ ହେବା ସ୍ୱାଭାବିକ।

ବର୍ତ୍ତମାନ ବିଭିନ୍ନ ଅନୁଷ୍ଠାନ ଓ ସଂଗଠନ ଛତୁ ଫୁଟିଲା ଭଳି ଗଢ଼ି ଉଠୁଛନ୍ତି। ଏମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ସାହିତ୍ୟ ସେବା ନୁହେଁ, ବରଂ 'ସମ୍ମାନ' ବିକ୍ରି କରିବା। ରେଜିଷ୍ଟ୍ରେସନ ଫିସ୍ ବା ଅନୁଦାନ ନାମରେ ମୋଟା ଅଙ୍କର ଅର୍ଥ ନେଇ ଯେକୌଣସି ବ୍ୟକ୍ତିଙ୍କୁ 'ସମ୍ମାନିତ' କରିଦିଆଯାଉଛି। ଫଳରେ ମାନପତ୍ରର ଯେଉଁ ଗରିମା ରହିବା କଥା, ତାହା ଧୀରେ ଧୀରେ ହ୍ରାସ ପାଉଛି।

ଜଣେ ପ୍ରକୃତ ସାଧକ ବର୍ଷ ବର୍ଷ ଧରି ତପସ୍ୟା କରି ଯେଉଁ ସ୍ୱୀକୃତି ପାଏ ନାହିଁ, ଜଣେ ଅର୍ଥଶାଳୀ ବ୍ୟକ୍ତି ମାତ୍ର କିଛି ଦିନରେ ସେହି ସମ୍ମାନ କିଣି ନେଉଛନ୍ତି। ଏହାଦ୍ୱାରା ପ୍ରତିଭାବାନ ବ୍ୟକ୍ତିମାନେ ହତାଶ ହେଉଛନ୍ତି। ମାନପତ୍ର ଏବେ କାନ୍ଥର ଶୋଭା ବଢ଼ାଉଛି ସତ, କିନ୍ତୁ ସେଥିରେ ଥିବା ଶବ୍ଦଗୁଡ଼ିକ ନିଜର ମୂଲ୍ୟ ହରାଉଛନ୍ତି।

ଯେତେବେଳେ ସମ୍ମାନ ଅର୍ଥ ବିନିମୟରେ ମିଳେ, ସେତେବେଳେ ସାହିତ୍ୟ ଓ ସଂସ୍କୃତିର ମାନଦଣ୍ଡ ନିମ୍ନଗାମୀ ହୁଏ। ମାନପତ୍ର ବିକି ମାଲାମାଲ୍ ହେଉଥିବା ବ୍ୟକ୍ତିମାନେ ହୁଏତ ସାମୟିକ ଭାବେ ଲାଭବାନ ହୋଇପାରନ୍ତି, କିନ୍ତୁ ଦୀର୍ଘକାଳୀନ ଭିତ୍ତିରେ ଏହା ଏକ ବୌଦ୍ଧିକ ଦେବାଳିଆପଣ ସୃଷ୍ଟି କରୁଛି।

ସମ୍ମାନ ଦିଆଯାଏ, କିଣାଯାଏ ନାହିଁ। ଆମକୁ ଏଭଳି 'ମାନପତ୍ର ବ୍ୟବସାୟ' ପ୍ରତି ସତର୍କ ରହିବାକୁ ହେବ। ପ୍ରକୃତ ପ୍ରତିଭାକୁ ଚିହ୍ନି ସେମାନଙ୍କୁ ଆଦର କଲେ ହିଁ ସମାଜର ମଙ୍ଗଳ ହେବ ଏବଂ ମାନପତ୍ରର ମର୍ଯ୍ୟାଦା ରକ୍ଷା ପାଇବ। ଆଜିକାଲି ସୋସିଆଲ ମିଡିଆ ଏବଂ ରିଲ୍ସ ଦୁନିଆରେ ଲୋକଙ୍କର ଗଭୀର ସାହିତ୍ୟ ପଢ଼ିବା ପାଇଁ ଧୈର୍ଯ୍ୟ କମିଯାଉଛି। ବହି ପଢ଼ିବା ଅପେକ୍ଷା ଲୋକେ ମୋବାଇଲ୍ ସ୍କ୍ରିନକୁ ଅଧିକ ସମୟ ଦେଉଛନ୍ତି। ଅନେକ ସମୟରେ ଅଭିଯୋଗ ହୁଏ ଯେ, ଆଜିକାଲିର ସାହିତ୍ୟରେ ପୂର୍ବଭଳି ସେହି ଗାମ୍ଭୀର୍ଯ୍ୟ ବା ମୌଳିକତା ନାହିଁ। କେବଳ ସଂଖ୍ୟା ବଢ଼ୁଛି, କିନ୍ତୁ କାଳଜୟୀ ସୃଷ୍ଟିର ଅଭାବ ପରିଲକ୍ଷିତ ହେଉଛି। ଆଧୁନିକତା ନାମରେ ଓଡ଼ିଆ ଭାଷାରେ ଅଯଥା ଇଂରାଜୀ ବା ଅନ୍ୟାନ୍ୟ ଶବ୍ଦର ପ୍ରୟୋଗ ସାହିତ୍ୟର ମୌଳିକ ସ୍ୱାଦକୁ କ୍ଷତି ପହଞ୍ଚାଉଛି ।

ସାହିତ୍ୟ ବା ଶିକ୍ଷା କ୍ଷେତ୍ରରେ ଯେତେବେଳେ ଜ୍ଞାନ ଏବଂ ସାଧନା ଅପେକ୍ଷା 'ଅର୍ଥ' ପ୍ରାଧାନ୍ୟ ପାଏ, ସେତେବେଳେ ସେହି ସମ୍ମାନର ଗରିମା କ୍ଷୁଣ୍ଣ ହୁଏ। ଏହା କେବଳ ନିନ୍ଦନୀୟ ନୁହେଁ, ବରଂ ନୈତିକତାର ଅଧଃପତନ। ଯେଉଁମାନେ ବର୍ଷ ବର୍ଷ ଧରି କଠିନ ପରିଶ୍ରମ ଏବଂ ଗବେଷଣା କରି ଡକ୍ଟରେଟ୍ (PhD) ହାସଲ କରନ୍ତି, ଏହି 'କିଣାବିକା ଉପାଧି' ସେମାନଙ୍କ ଶ୍ରମକୁ ଅପମାନିତ କରେ। ଆଜିକାଲି ଅନେକ 'ଆତ୍ମଘୋଷିତ' ବିଶ୍ୱବିଦ୍ୟାଳୟ ବା ସଂସ୍ଥା ଖୋଲିଛି, ଯେଉଁମାନଙ୍କର ମୁଖ୍ୟ କାମ ହେଉଛି ଅର୍ଥ ବଦଳରେ ସାର୍ଟିଫିକେଟ୍ ବାଣ୍ଟିବା । ଏହା ସାମାଜିକ ସମ୍ମାନ ପାଇଁ ଏକ ପ୍ରକାରର ସର୍ଟକଟ୍ ରାସ୍ତା ପାଲଟିଛି।

ସାହିତ୍ୟ ସାଧନାର ଜିନିଷ । କିନ୍ତୁ ନିଜ ନାଁ ଆଗରେ 'ଡକ୍ଟର' ଲଗାଇବାର ମୋହ କିଛି ଲୋକଙ୍କୁ ଏଭଳି ଭୁଲ୍ ପଥକୁ ଟାଣି ନେଉଛି, ଯାହା ସାରସ୍ୱତ ଜଗତ ପାଇଁ ଅତ୍ୟନ୍ତ କ୍ଷତିକାରକ । ସମ୍ମାନ ଅର୍ଜନ କରାଯାଏ, ତାହାକୁ କିଣାଯାଇପାରେ ନାହିଁ। ଯେଉଁ ଉପାଧି ପଛରେ ଯୋଗ୍ୟତା ନଥାଏ, ତାହା ସମାଜରେ ବେଶି ଦିନ ତିଷ୍ଠି ରହେନାହିଁ।

କୌଣସି ପ୍ରାଇଭେଟ୍ ଟ୍ରଷ୍ଟ ବା ସ୍ୱେଚ୍ଛାସେବୀ ସଂଗଠନ ପାଖରେ ଶିକ୍ଷାଗତ 'ଡକ୍ଟରେଟ୍' (PhD) ଉପାଧି ଦେବାର କୌଣସି ଆଇନଗତ ଅଧିକାର ନାହିଁ। ଭାରତରେ କେବଳ ସେହି ବିଶ୍ୱବିଦ୍ୟାଳୟଗୁଡ଼ିକ ଡିଗ୍ରୀ ପ୍ରଦାନ କରିପାରିବେ, ଯାହା ୟୁଜିସି (University Grants Commission) ଆକ୍ଟ, ୧୯୫୬ ଅଧୀନରେ ପଞ୍ଜିକୃତ। କୌଣସି ଟ୍ରଷ୍ଟ ବା ସୋସାଇଟି ନିଜ ତରଫରୁ ଏକାଡେମିକ ଡିଗ୍ରୀ ଦେଇପାରିବେ ନାହିଁ। ଯଦି ସେମାନେ ଏହା କରୁଛନ୍ତି, ତେବେ ତାହାର କୌଣସି ସରକାରୀ ବା ଶିକ୍ଷାଗତ ମୂଲ୍ୟ ନାହିଁ।

ସାଧାରଣତଃ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟମାନେ ସମାଜର ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନ ଜଣାଇ 'Honorary Doctorate' ଦେଇଥାନ୍ତି। କିନ୍ତୁ ଆଜିକାଲି କିଛି ଅସାଧୁ ଟ୍ରଷ୍ଟ ନିଜକୁ 'ଆନ୍ତର୍ଜାତୀୟ ସଂସ୍ଥା' ଭାବେ ପରିଚୟ ଦେଇ Honorary Doctorate ନାଁରେ ବ୍ୟବସାୟ କରୁଛନ୍ତି। ସେମାନେ ସାହିତ୍ୟିକ, ସମାଜସେବୀ ବା କଳାକାରମାନଙ୍କୁ ଚୟନ କରି 'ସମ୍ମାନିତ' କରିବା ବାହାନାରେ ମୋଟା ଅଙ୍କର ଚାନ୍ଦା ବା ଫି' ଆଦାୟ କରୁଛନ୍ତି।

ଅନେକ ସଂସ୍ଥା ନିଜକୁ 'ଆଧ୍ୟାତ୍ମିକ ବିଶ୍ୱବିଦ୍ୟାଳୟ' ବା 'କଳା ପରିଷଦ' ଭାବେ ପଞ୍ଜିକୃତ କରି ଏଭଳି କାମ କରୁଛନ୍ତି। ସେମାନେ କୁହନ୍ତି ଯେ ଏହା ଏକ 'ସମ୍ମାନ' (Award), କୌଣସି ଶିକ୍ଷାଗତ ଡିଗ୍ରୀ ନୁହେଁ। କିନ୍ତୁ ଗ୍ରହଣ କରୁଥିବା ବ୍ୟକ୍ତି ନିଜ ନାଁ ଆଗରେ 'ଡକ୍ଟର' ଲଗାଇ ସମାଜରେ ଭ୍ରମ ସୃଷ୍ଟି କରୁଛନ୍ତି।

ପ୍ରକୃତରେ ସରକାର ଏଭଳି ଉପାଧି ବିକ୍ରି କରିବାକୁ କୌଣସି ଅନୁମତି ଦିଅନ୍ତି ନାହିଁ। କିନ୍ତୁ ଛୋଟ ଛୋଟ ଟ୍ରଷ୍ଟଗୁଡ଼ିକ ଉପରେ ଟଏଉର ସିଧାସଳଖ ନଜର ରହେ ନାହିଁ। କିଛି ସଂସ୍ଥା ବିଦେଶର କୌଣସି ଅଖ୍ୟାତ ବା ନକଲି ବିଶ୍ୱବିଦ୍ୟାଳୟ ସହ ଟାଇ-ଅପ୍ କରିଥିବା ଦର୍ଶାଇ ଲୋକଙ୍କୁ ଭୁଆଁ ବୁଲାନ୍ତି । ସଂକ୍ଷେପରେ କହିଲେ, ଏକ ପ୍ରକାରର 'ସାମାଜିକ ପ୍ରତାରଣା' । ଯେଉଁମାନେ ସାଧନା କରି ଡକ୍ଟରେଟ୍ ପାଉଛନ୍ତି, ସେମାନଙ୍କ ତୁଳନାରେ ଏହି 'ଚେକ୍-ବୁକ୍ ଡକ୍ଟର' ମାନେ ସାହିତ୍ୟ ଓ ସଂସ୍କୃତିର ମାନଦଣ୍ଡକୁ ତଳକୁ ଖସାଉଛନ୍ତି।

ଯେଉଁମାନେ ଦିନରାତି ଏକ କରି ଗବେଷଣା କରୁଛନ୍ତି, ସେମାନେ ଯେତେବେଳେ ଦେଖନ୍ତି ଯେ କେହି ଜଣେ କେବଳ ଟଙ୍କା ଦେଇ ସମାନ ଉପାଧି ପାଇଯାଉଛି, ସେତେବେଳେ ସେମାନଙ୍କର ଶିକ୍ଷା ଓ ବ୍ୟବସ୍ଥା ଉପରୁ ଭରସା ତୁଟିଯାଏ। ବିଶେଷ କରି ସାହିତ୍ୟ କ୍ଷେତ୍ରରେ, ଯଦି ଜଣେ 'ଅର୍ଥ ଦେଇ କିଣା ଡକ୍ଟର' ନିଜକୁ ବିଦ୍ୱାନ ଭାବେ ଉପସ୍ଥାପିତ କରନ୍ତି, ତେବେ ସେ ଆଗାମୀ ପିଢ଼ିକୁ ଭୁଲ ମାର୍ଗଦର୍ଶନ ଦେବାର ସମ୍ଭାବନା ଥାଏ । ପୂର୍ବରୁ 'ଡକ୍ଟର' ବା 'ପଣ୍ଡିତ' ଭଳି ଶବ୍ଦ ଶୁଣିଲେ ମନରେ ଯେଉଁ ସମ୍ମାନ ଆସୁଥିଲା, ଏବେ ଲୋକଙ୍କ ମନରେ ପ୍ରଥମେ ସନ୍ଦେହ ଆସୁଛି - 'ଏହା ଅସଲି ତ?'

ଏଭଳି ସ୍ଥିତିରେ ସାମାଜିକ ସଚେତନତା ହିଁ ଏକମାତ୍ର ରାସ୍ତା। ସରକାର ଏବଂ UGC ଏଭଳି ସଂସ୍ଥାମାନଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍। ସେହିଭଳି ଜନସାଧାରଣ ମଧ୍ୟ ଏହି ନକଲି ଉପାଧିଧାରୀମାନଙ୍କୁ ଚିହ୍ନିବା ଏବଂ ସେମାନଙ୍କୁ ଅଯଥା ଗୁରୁତ୍ୱ ନଦେବା ଆବଶ୍ୟକ। ଅର୍ଥ ବଦଳରେ ନକଲି ଡକ୍ଟରେଟ୍ ଉପାଧି ବାଣ୍ଟିବା ଏକ ବଡ଼ ଶିକ୍ଷାଗତ ଅପରାଧ । ଭାରତରେ ଡିଗ୍ରୀ ଏବଂ ଉଚ୍ଚଶିକ୍ଷାର ମାନ ନିୟନ୍ତ୍ରଣ ପାଇଁ UGC ସର୍ବୋଚ୍ଚ ସଂସ୍ଥା। ଯଦି କୌଣସି ସଂସ୍ଥା ବେଆଇନ ଭାବେ ଡକ୍ଟରେଟ୍ ବାଣ୍ଟୁଛି, ତେବେ ଆପଣ UGC ର "Grievance Redressal Portal" କିମ୍ବା ସେମାନଙ୍କର "Anti-Fake University' ସେଲ୍‌ରେ ଅଭିଯୋଗ କରିପାରିବେ । ଏହାର ୱେବସାଇଟ୍: ugc.ac.in ; ସେମାନଙ୍କର ଇମେଲ୍ ମାଧ୍ୟମରେ ମଧ୍ୟ ପ୍ରମାଣ ସହ ତଥ୍ୟ ପଠାଇ ପାରିବେ। ଓଡ଼ିଶାରେ ହେଉଥିଲେ ଆପଣ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗକୁ ଚିଠି ଲେଖିପାରିବେ। ଯଦି କୌଣସି ଟ୍ରଷ୍ଟ ବା ସଂସ୍ଥା ଓଡ଼ିଶାରେ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରୁଛି, ତେବେ ସ୍ଥାନୀୟ ପ୍ରଶାସନ ତାହା ଉପରେ ରୋକ୍ ଲଗାଇ ପାରିବେ । ଯଦି କୌଣସି ଟ୍ରଷ୍ଟ 'ଡକ୍ଟରେଟ୍' ଦେବା ନାଁରେ ଲୋକଙ୍କଠାରୁ ଅର୍ଥ ଆଦାୟ କରୁଛି, ତେବେ ଏହା ଏକ ପ୍ରକାର ଠକେଇ (Fraud)। ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଏହା ବିଷୟରେ ଜଣାଇ ପାରିବେ। ସ୍ଥାନୀୟ ପୋଲିସ୍ ଷ୍ଟେସନରେ ମଧ୍ୟ ଅଭିଯୋଗ କରିପାରିବେ ଯେ ଏହି ସଂସ୍ଥାଟି ବିନା ଅନୁମତିରେ ମିଥ୍ୟା ଡିଗ୍ରୀ ପ୍ରଦାନ କରି ଲୋକଙ୍କୁ ବିଭ୍ରାନ୍ତ କରୁଛି।

ସାଧାରଣତଃ ଏହି ଟ୍ରଷ୍ଟଗୁଡ଼ିକ 'Societies Registration Act' ଅଧୀନରେ ପଞ୍ଜିକୃତ ହୋଇଥାନ୍ତି। ଯଦି ସେମାନେ ନିଜ ନିୟମାବଳୀ ବାହାରକୁ ଯାଇ ଶିକ୍ଷାଗତ ଉପାଧି ବାଣ୍ଟୁଛନ୍ତି, ତେବେ ସେମାନଙ୍କର ପଞ୍ଜିକରଣ ବାତିଲ୍ ପାଇଁ ରେଜିଷ୍ଟ୍ରାରଙ୍କୁ ଆବେଦନ କରାଯାଇପାରିବ । ଅନେକ ସମୟରେ ଏଭଳି ସଂସ୍ଥାମାନଙ୍କ ମୁଖା ଖୋଲିବା ପାଇଁ ଗଣମାଧ୍ୟମ (Media) ବଡ଼ ଭୂମିକା ଗ୍ରହଣ କରେ। ଆପଣ ସଠିକ୍ ପ୍ରମାଣ ସହ କୌଣସି ସାମ୍ବାଦିକ ବା ନ୍ୟୁଜ୍ ଚ୍ୟାନେଲକୁ ସମ୍ପର୍କ କରି ଏହି 'ଉପାଧି ବ୍ୟବସାୟ' ବିଷୟରେ ଜଣାଇଲେ, ସାମାଜିକ ଚାପ ସୃଷ୍ଟି ହେବ ।

ସରକାର ବିଭିନ୍ନ ଏକାଡେମୀ ମାଧ୍ୟମରେ ସାହିତ୍ୟିକମାନଙ୍କୁ ସମ୍ମାନିତ କରୁଛନ୍ତି ସତ, କିନ୍ତୁ ଅନେକ ସମୟରେ ଅଭିଯୋଗ ହୁଏ ଯେ ଅସଲି ପ୍ରତିଭା ଅପେକ୍ଷା 'ପରିଚୟ' ବା 'ପହଞ୍ଚ' ଥିବା ଲୋକଙ୍କୁ ଅଧିକ ଗୁରୁତ୍ୱ ମିଳୁଛି।

ବହି ଛାପିବା ଏବେ ଏକ ବଡ଼ ବ୍ୟବସାୟରେ ପରିଣତ ହୋଇଛି। ଗୁଣାତ୍ମକ ମାନ ଅପେକ୍ଷା କିଭଳି ଅଧିକ ସଂଖ୍ୟକ ବହି ବିକ୍ରି ହେବ, ସେଥିପ୍ରତି ଅଧିକ ଧ୍ୟାନ ଦିଆଯାଉଛି। ଏପରିକି ପୁରସ୍କାର ପାଇଁ ମଧ୍ୟ 'ଲବି' ହେଉଥିବା ଚର୍ଚ୍ଚା ସାହିତ୍ୟ ଜଗତ ପାଇଁ ଶୁଭଙ୍କର ନୁହେଁ । ସୋସିଆଲ୍ ମିଡିଆ ଯୋଗୁଁ ଅନେକ ନୂଆ ଲେଖକ ସୃଷ୍ଟି ହେଉଛନ୍ତି, କିନ୍ତୁ ସେଥିରେ ସାହିତ୍ୟିକ ମୂଲ୍ୟବୋଧ କେତେ ରହୁଛି, ତାହା ବିଚାର୍ଯ୍ୟ। ସରକାର ଏହି ଡିଜିଟାଲ୍ ପ୍ଲାଟଫର୍ମଗୁଡ଼ିକ ଉପରେ ନଜର ରଖିବା ସହ ପ୍ରକୃତ ସାହିତ୍ୟର ପ୍ରଚାର ପାଇଁ ସ୍ୱତନ୍ତ୍ର ନୀତି ଆଣିବା ଆବଶ୍ୟକ।

ଅନେକ ସାହିତ୍ୟ ଅନୁଷ୍ଠାନ ଏବେ ଗୋଷ୍ଠୀବାଦରେ ବ୍ୟସ୍ତ। ଯଦି ସରକାରଙ୍କ ପାଖକୁ ସଠିକ୍ ଖବର ପହଞ୍ଚୁ ନାହିଁ, ତେବେ ଏଥିପାଇଁ ସାହିତ୍ୟିକମାନଙ୍କ ମଧ୍ୟରେ ଥିବା ଏକତାର ଅଭାବ ମଧ୍ୟ ଦାୟୀ ।

ସାହିତ୍ୟ କ୍ଷେତ୍ରରେ ଚାଲିଥିବା ଅନିୟମିତତା ବା 'ବେପାର' କୁ ନେଇ ସରକାରଙ୍କ ନୀରବତା ନିଶ୍ଚିତ ଭାବେ ଏକ ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଶୋଭନୀୟ ନୁହେଁ। ଯେତେବେଳେ ସାରସ୍ୱତ ସାଧକମାନେ ସୋସିଆଲ ମିଡିଆ (ଟ୍ୱିଟର ବା ଟ୍ୟାଗ୍) ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରନ୍ତି, ସେତେବେଳେ ପ୍ରଶାସନର ନୀରବତା କେବଳ ଅଣଦେଖା ନୁହେଁ, ବରଂ ଅନୀତିକୁ ପ୍ରଶ୍ରୟ ଦେବା ଭଳି ମନେହୁଏ।

ସରକାର ଯଦି ଜନସାଧାରଣ ବା ବୁଦ୍ଧିଜୀବୀଙ୍କ 'ଟ୍ୟାଗ୍' ବା 'ଟ୍ୱିଟ୍' କୁ ଅଣଦେଖା କରୁଛନ୍ତି, ତେବେ ଏହା ପ୍ରଶାସନିକ ସ୍ଥାଣୁତାକୁ ଦର୍ଶାଏ। ସାହିତ୍ୟ କୌଣସି ପଣ୍ୟ ଦ୍ରବ୍ୟ ନୁହେଁ; ଏହା ଏକ ଜାତିର ପରିଚୟ। ଏହାକୁ ନେଇ ବ୍ୟବସାୟ କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନହେବା ଦ୍ୱାରା ପ୍ରକୃତ ପ୍ରତିଭାମାନେ କୋଣଠେସା ହୋଇ ରହିଯାଉଛନ୍ତି। ଅନେକ ସମୟରେ ଅଭିଯୋଗ ହୁଏ ଯେ, କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀ ସରକାରୀ ପଦପଦବୀ ଓ ପୁରସ୍କାରକୁ ନିଜ କବଜାରେ ରଖିଛନ୍ତି। ସରକାର ଏହି 'ସିଣ୍ଡିକେଟ୍' ବିଷୟରେ ଜାଣି ମଧ୍ୟ ଚୁପ୍ ରହିବା ଅର୍ଥ ହେଉଛି— ତୃଣମୂଳ ସ୍ତରରେ ସାହିତ୍ୟ ସେବା କରୁଥିବା ଲେଖକଙ୍କ ବିଶ୍ୱାସ ଭାଙ୍ଗିବା।

ଆଜିର ଯୁଗରେ ଟ୍ୱିଟର (X) ବା ଅନ୍ୟାନ୍ୟ ପ୍ଲାଟଫର୍ମ ହେଉଛି ପ୍ରତିବାଦର ଏକ ସଶକ୍ତ ମାଧ୍ୟମ। ଯଦି ସରକାରୀ ବିଭାଗଗୁଡ଼ିକ ଏସବୁକୁ ଦେଖି ମଧ୍ୟ ନିରବ ରହୁଛନ୍ତି, ତେବେ ଏହା ସୂଚାଉଛି ଯେ ସାହିତ୍ୟ ବିଭାଗର 'ଫିଡବ୍ୟାକ୍ ମେକାନିଜମ୍' ସମ୍ପୂର୍ଣ୍ଣ ରୂପେ ବିଫଳ ହୋଇଛି। ଜଣେ ବ୍ୟକ୍ତି ବା ଲେଖକଙ୍କ ଟ୍ୱିଟ୍‌କୁ ଅଣଦେଖା କରିବା ସହଜ, କିନ୍ତୁ ଯଦି ସାହିତ୍ୟିକ ଗୋଷ୍ଠୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ମିଳିତ ଭାବେ ଏହି ପ୍ରସଙ୍ଗକୁ ଉଠାନ୍ତି, ତେବେ ସରକାର ବାଧ ହୋଇ ଜବାବ ଦେବେ। ସାହିତ୍ୟିକ ଅନୁଦାନ ଏବଂ ପୁରସ୍କାର ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ସୂଚନା ଅଧିକାର ଆଇନର ସହାୟତା ନିଆଯାଇପାରେ। ସାହିତ୍ୟ ବେପାରୀଙ୍କ ନାମ ଓ କାର୍ଯ୍ୟକଳାପକୁ ନିର୍ଭୀକ ଭାବେ ଲୋକଲୋଚନକୁ ଆଣିବା ଜାରି ରଖିବା ଉଚିତ୍।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

# ମାଲେରିଆ ଓ ଯକୃତ



## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ପ୍ରତିବର୍ଷ ବିଶ୍ୱରେ ୩.୩ ନିୟୁତ ଲୋକ ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି । ୨୦୨୫ରେ ହୋଇଥିବା ଅଧ୍ୟୟନ ଅନୁଯାୟୀ ମାଲେରିଆରେ ଆକ୍ରାନ୍ତ ହୋଇ ପ୍ରତି ବର୍ଷ ୬ଲକ୍ଷ ୮୪ ହଜାର ଲୋକ ମୃତ୍ୟୁବରଣ କରୁଛନ୍ତି । ଏସିଆ, ଆଫ୍ରିକ ଓ ଲାଟିନ୍ ଆମେରିକୀୟ ଦେଶଗୁଡ଼ିକରେ ମାଲେରିଆ ଆକ୍ରାନ୍ତ ଏବଂ ମୃତକଙ୍କ ସଂଖ୍ୟା ଅଧିକ । ମାଲେରିଆ ମୃତ୍ୟୁ ଏବଂ ପ୍ରଭାବ ରୋକିବା ଦିଗରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ ୨୫ ତାରିଖକୁ ବିଶ୍ୱ ମ୍ୟାଲେରିଆ ଦିବସ ଭାବେ ପାଳନ କରାଯାଇଥାଏ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଅନୁମୋଦନ ଲାଭ କରିଥିବା ଏହି ଦିବସରେ ବିଶ୍ୱବ୍ୟାପୀ ବିଭିନ୍ନ ପ୍ରକାର ସଚେତନତା ଏବଂ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥାଏ ।

ସାଧାରଣତଃ ମଶା କାମୁଡ଼ିବା ଦ୍ୱାରା ମାଲେରିଆ ବ୍ୟାପିଥାଏ । ମଶା କାମୁଡ଼ାରୁ ବର୍ତ୍ତିବାକୁ ହେଲେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ରହିଛି । ମାଲେରିଆ ଜୀବାଣୁ ସ୍ପୋରୋଜୋଏଟସ୍ ମନୁଷ୍ୟ ଶରୀରକୁ ପ୍ରବେଶ କରି ପ୍ରଥମେ ଯକୃତକୁ ଆକ୍ରମଣ କରେ। ଯକୃତରେ ଥିବା ରକ୍ତନଳୀରୁ ତାହା ଯାଇ ଯକୃତ କୋଷ ଭିତରେ ପ୍ରବେଶ କରେ। ଯକୃତ କୋଷ ଭିତରେ ତାହା ବୃଦ୍ଧିପ୍ରାପ୍ତ ହୋଇ ଶରୀରର ରକ୍ତକୋଷକୁ ଆକ୍ରମଣ କରେ। ମାଲେରିଆ ଜୀବାଣୁ ଲିଭର ଭିତରେ ଥାଇ ରୋଗ ପ୍ରତିରୋଧକ ଶକ୍ତିକୁ ଅତିକ୍ରମ କରି ଲୋହିତ ରକ୍ତ କଣିକାକୁ ଆକ୍ରମଣ କରେ। ମାଲେରିଆରେ ଯକୃତ ଆକ୍ରାନ୍ତ ହେଲେ ଜଣ୍ଡିସ ହୁଏ। ରକ୍ତରେ ଲିଭର ଏନଜାଇମ୍ସ ଗୁଡ଼ିକ ବଢ଼ିଯାଆନ୍ତି। ଲୋହିତ ରକ୍ତ କଣିକା ନଷ୍ଟ ହୁଏ। ଗ୍ଲୁକୋଜ-୬ ଫସ୍‌ଫେଟ ଅଭାବ ଥିଲେ ଲୋହିତ ରକ୍ତ କଣିଆ ଆହୁରି ବେଶୀ ଭାବରେ ନଷ୍ଟ ହୁଏ। ମାଲେରିଆ ଔଷଧ ସେପ୍ଟିସିମିଆ ଓ ଡିଆଇସି ଇତ୍ୟାଦି କାରଣ ଯୋଗୁଁ ମଧ୍ୟ ଜଣ୍ଡିସ୍ ଦେଖାଦିଏ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ନିର୍ଦ୍ଦିଷ୍ଟ ଭାବେ ମାଲେରିଆ ପ୍ରବଣ ଦକ୍ଷିଣ ଏସିଆ ଅଞ୍ଚଳରେ ଏ ଘାତକ ଜ୍ୱରର ପ୍ରକୋପ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି । ବିଶ୍ୱର ସବୁଠାରୁ ଅଧିକ ମାଲେରିଆ ପ୍ରବଣ ୧୦ଟି ଦେଶ ମଧ୍ୟରୁ ଛଅଟି ଦେଶ ଏହି ଅଞ୍ଚଳରେ ଅବସ୍ଥିତ । ବିଶ୍ୱର ପ୍ରାୟ ଚଉଠେ ଲୋକ ବସବାସ କରୁଥିବା ଏ ଅଞ୍ଚଳରେ ମାଲେରିଆର ପ୍ରକୋପ ଏତେ ବେଶି ଯେ, ପ୍ରତି ଚାରିଜଣରେ ତିନିଜଣ ଏହାଦ୍ୱାରା ଆକ୍ରାନ୍ତ ହେବାର ଆଶଙ୍କା ରହିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ରିପୋର୍ଟ ଅନୁଯାୟୀ ବିଗତ ଗୋଟିଏ ଦଶକ ମଧ୍ୟରେ ଦକ୍ଷିଣ ପୂର୍ବ ଏସୀୟ ଅଞ୍ଚଳରେ ମାଲେରିଆ ଆକ୍ରାନ୍ତ ଓ ମାଲେରିଆ ଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇଥିଲେ ମଧ୍ୟ ଏବେ ବି ଏହା ଜୀବନ ପାଇଁ ଘାତକ ଏବଂ ଜୀବିକା ପାଇଁ ବିପଦ ହୋଇ ରହିଛି । ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ମାଲେରିଆ ପ୍ରବଣ ଦେଶ ଅପେକ୍ଷା ଭାରତ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏ ରିପୋର୍ଟକୁ ଅଧିକ ଗୁରୁତ୍ୱର ସହ ନେଇ ଏକ ଚେତାବନୀ ଭାବେ ବିଚାର କରୁଛି । ବିଶ୍ୱର ସର୍ବାଧିକ ମାଲେରିଆ ପ୍ରବଣ ୧୦ଟି ଦେଶର ତାଲିକାରେ ଭାରତ ରହିଛି । ଅନ୍ୟ ଦେଶମାନେ ଯେଉଁ, ଅନୁପାତରେ ମାଲେରିଆ ନିୟନ୍ତ୍ରଣରେ ସଫଳତା ହାସଲ କରି ପାରିଛନ୍ତି, ଭାରତ ସେ ଅନୁପାତରେ ଏ ଘାତକ ଜ୍ୱରର ମୁକାବିଲାର ସଫଳ ହୋଇପାରିନାହିଁ । ପ୍ରତିବର୍ଷ ପ୍ରାୟ ୯୫ଲକ୍ଷ ଲୋକ ଦେଶର ମାଲେରିଆ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି ଏବଂ ସେଥିରୁ ପ୍ରାୟ ୪୫ ହଜାର ପୀଡ଼ିତଙ୍କ ମୃତ୍ୟୁ ହୁଏ । ଉଲ୍ଲେଖନୀୟ ହେଲା ସମଗ୍ର ବିଶ୍ୱରେ ମାଲେରିଆ ଜନିତ ବାର୍ଷିକ ମୃତ୍ୟୁ ସଂଖ୍ୟା ଯେତେ, ସେଥିରେ ଦକ୍ଷିଣ ପୂର୍ବ ଏସିଆର ଭାଗ ୯୮ ପ୍ରତିଶତ ଏବଂ ସମଗ୍ର ଦକ୍ଷିଣ ପୂର୍ବ ଏସିଆର ମାଲେରିଆରେ ଯେତିକି ମୃତ୍ୟୁ ହୁଏ ସେଥିରେ ଭାରତର ଭାଗ ୩୮ ପ୍ରତିଶତ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତାହା ରିପୋର୍ଟ ଅନୁଯାୟୀ, ଶିଳ୍ପାୟନ ଓ ସହରୀକରଣ ଯୋଗୁଁ ମାଲେରିଆ ପ୍ରାଦୁର୍ଭାବ ବୃଦ୍ଧି ପାଉଛି । କ୍ରମଶଃ ଦେଶର ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳ ଅଧିକ ମାଲେରିଆ ପ୍ରବଣ ହୋଇପଡୁଛି । ଅନିୟନ୍ତ୍ରିତ ସହରୀକରଣ ଏବଂ ଯୋଜନା ବିହୀନ ଶିଳ୍ପାୟନ ଯୋଗୁଁ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁ ନାହିଁ । ଫଳରେ ଅନେକ ସ୍ଥାନରେ ଦୂଷିତ ଆବର୍ଜନାପୂର୍ଣ୍ଣ ପାଣି ଜମି ରହୁଛି । ଏହା ହିଁ ମଶା ବଂଶ ବୃଦ୍ଧିର କାରଣ ହୋଇ ମାଲେରିଆ ସଂକ୍ରମଣର ଆଶଙ୍କାକୁ ବୃଦ୍ଧି କରୁଛି ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସଦ୍ୟତମ ରିପୋର୍ଟ ସରକାର ଓ ସାଧାରଣ ଜନତାଙ୍କ ପାଇଁ ଆଉ ଏକ ସତର୍କ ସଙ୍କେତ । ରିପୋର୍ଟରେ ଥିବା ତଥ୍ୟରୁ ଏହା ସ୍ପଷ୍ଟ ଯେ ଦୀର୍ଘ ବର୍ଷ ହେଲା ଜାତୀୟ ସ୍ତରରେ ମାଲେରିଆ ନିୟନ୍ତ୍ରଣ ଅଭିଯାନ ଚାଲିଥିଲେ ସୁଦ୍ଧା, ସେଥିରୁ ଈପ୍ସିତ ସୁଫଳ ମିଳି ନାହିଁ । ମାଲେରିଆ ନିରାକରଣ ଅଭିଯାନକୁ ଆହୁରି ଜୋରଦାର କରାଯିବାର ଆବଶ୍ୟକତା ରହିଛି । ଅବଶ୍ୟ ସବୁ ରୋଗର ନିୟନ୍ତ୍ରଣ ପରି ମାଲେରିଆର ମୁକାବିଲା ପାଇଁ ମଧ୍ୟ ସରକାରୀ ଅଭିଯାନ ଅପେକ୍ଷା ଜନସଚେତନତା ଉନ୍ନତ ପରିମଳ ବ୍ୟବସ୍ଥା ଅଧିକ ଆବଶ୍ୟକ ।

ଅବସର ପ୍ରାପ୍ତ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
(ମୋ) : ୯୪୩୭୦୫୧୯୫୭




## ଲୋଭ

### ସଦାଶିବ ବିଶ୍ୱାଳ



ଲୋଭ
ସବୁ ମନୁଷ୍ୟଠାରେ ବିଦ୍ୟମାନ
କାହାର ଅଳ୍ପ ତ କାହାର ଅଧିକ
ଲୋଭ ମଣିଷର ଜନ୍ମଜାତ ପ୍ରବୃତ୍ତି
ଧନୀ ହେଉ ବା ଗରିବ,
ମଧ୍ୟବିତ୍ତ ଲୋକ ।

ଜନ୍ମଦାତାଙ୍କ ସନ୍ତାନ ପ୍ରତି
ଅତୁଟ ଲୋଭ
ବାତ୍ସଲ୍ୟ ମମତା ଆଗରେ
କେହି ନୁହେଁ ସରି
ବୟସକ୍ରମେ କାହାର ଧନ ଉପାର୍ଜନ,
ସଞ୍ଚିବା ଲୋଭ
ଆଉ କାହାର ଖାଦ୍ୟ ପାନୀୟ
ସର୍ବୋପରି
ଲୋଭର ଅଛି ଆକର୍ଷଣ ଶକ୍ତି
କରିବାକୁ କବଳିତ
ସେ ହେଉ ବଡ଼ ବା ବୟସ୍କ
ସାନ ବି ହୁଏ ଆକର୍ଷିତ ।

ଅର୍ଥଶାସ୍ତ୍ର କହେ
ଗୋଟିଏ ଅଭାବ ପୂରଣେ
ଦ୍ୱିତୀୟ ଅଭାବ ହୁଏ ଅନୁଭୂତ
ଯେତେ ପୂରଣ ହୁଏ
ସେତେ ଅଧିକ ଲୋଡ଼ା
ଆଶା ଲୋଭରେ ହୁଏ ପରିଣତ ।

ଅତି ଲୋଭରୁ ମୃତ୍ୟୁ
ବିଜ୍ଞ ଲୋକେ କହିଛନ୍ତି
ନୈତିକ ଅନୈତିକ ଦେଖା ଯାଏନି
ସୁଖ ଟିକକ ହରାଇ ଚାଲନ୍ତି ।

ବୁଦ୍ଧି ବିବେକର ଉପଯୋଗ କରି
ଏ ଜାଲରୁ ମୁକୁଳି ହୁଏ
ତା ଆଗେ ନତମସ୍ତକ ନ ହୋଇ
ଲୋକ ଶାନ୍ତିରେ ନିଶ୍ୱାସ ନିଏ।

+ଅଙ୍ଗାରୁଆ, ଜିଲ୍ଲା - କେନ୍ଦୁଝର

## ଅଂଶୁଘାତ

### ଜଗନ୍ନାଥ ନାୟକ



ଆକାଶକୁ ମାଗିଲି
ମୁଂଦିଏ ପାଣି
ବର୍ଷୁଚି ନିଆଁ ।

ମଳୟକୁ ମାଗିଲି
ଟିକିଏ ପବନ
ପିଟୁଚି ଝାଞ୍ଜି ।

ପାଇଲି
ନା ପାଣି ନା ପବନ
ଡହଳ ବିକଳରେ
ଯାଉଚି ଏ ପ୍ରାଣ ।

ହା ହତାଶରେ
ଡହକ ଲଗାଣରେ ଏଇ
ଅଂଶୁଘାତରେ ।

+ସରିଫ୍‌ପୁର, ଭାଗିବିନ୍ଧା ,
ବାରିକପୁର ବଜାର ,ଭଦ୍ରକ
ମୋ :୯୯୩୭୯୨୨୬୨୫








## ବିଲୁଆ ଖୋଲିଛି ପଖାଳ କାଫେ

### ଶୁଭନାରାୟଣ ଶତପଥୀ



ଦୁଇଦିନ ପୂର୍ବରୁ ଦୁଇଟି ବିଲୁଆ ମରିଗଲେ । ଜଙ୍ଗଲସାରା ଏ ଖବର ବିଜୁଳି ବେଗରେ ଖେଳିଗଲା । ସବୁ ପଶୁପକ୍ଷୀମାନେ ଏକାଠି ହୋଇ କଥାବାର୍ତ୍ତା ହେଲେ । କଣ କେଉଁ ଆଜଣା ଶତ୍ରୁ ପଶି ଆସିଲାକି ଜଙ୍ଗଲ ଭିତରକୁ ? ଏହି ଭୟରେ ସବୁ ପଶୁପକ୍ଷୀଙ୍କ ମଧ୍ୟରେ ଆତଙ୍କ ଖେଳିଗଲା । ଜଙ୍ଗଲର ରାଜା ସିଂହ ବିଲୁଆ ଘରକୁ ଗଲେ । ଭାଲୁ ବୈଦ୍ୟକୁ ଡକାଇ ସବୁ ଖବର ବୁଝିଲେ । ଜଣାପଡିଲା ଯେ ମଣିଷମାନେ ଅତ୍ୟଧିକ କଳକାରଖାନା ବସାଇବା, ଏସି ବ୍ୟବହାର କରିବା, ଗଛ କାଟିବା ଓ ବାୟୁ ପ୍ରଦୂଷଣ କରିବାରୁ ଉତାପ ବଢିଯାଇଛି । ଫଳରେ ଖରାଦିନରେ ଯେତିକି ଗରମ ହେବା କଥା ତାଠାରୁ ବହୁତ ଗରମ ଅନୁଭୂତ ହେଉଛି । ମଣିଷମାନେ ଏସି ବ୍ୟବହାର କରି ଘର ଭିତରେ ରହୁଛନ୍ତି ସ ି ନ । ପଶୁପକ୍ଷୀମାନେ କଣ କରିବେ ? ସେମାନେ ଖରା ଗରମରେ ଖାଦ୍ୟ ସନ୍ଧାନରେ ଯାଇ କଷ୍ଟ କରୁଛନ୍ତି । ଆଉ



ଖାଦ୍ୟ, ଜଳ ଅଭାବରୁ ଅଂଶୁଘାତରେ ପଡି ପ୍ରାଣ ହରାଉଛନ୍ତି । ଏହି ଦୁଇ ବିଲୁଆ ବି ଅଂଶୁଘାତରେ ମରିଛନ୍ତି ବୋଲି ଭାଲୁ ବୈଦ୍ୟ କହିଲେ । ସିଂହରାଜା ପଚାରିଲେ ତେବେ ଏଥିରୁ ରକ୍ଷା ପାଇବାର ଉପାୟ କଣ ? ଭାଲୁବୈଦ୍ୟ କହିଲେ ସବୁ ପଶୁପକ୍ଷୀଙ୍କୁ କହିଦିଅନ୍ତୁ ସେମାନେ ଟାଣ ଖରାରେ ଘରୁ ବାହାରିବେ ନାହିଁ , ଯଥେଷ୍ଟ ପାଣି ପିଇବେ । ତାହା ହିଁ ହେଲା । ସିଂହରାଜା ତୁରନ୍ତ ଏକ ସଭା ଡକାଇଲେ । କହିଲେ ଆମ ପାଇଁ ଏବେ ବିପଦ ଆସିଛି ।। ସେ ବିପଦ ହେଉଛି ଅଂଶୁଘାତ । ଏଥିରୁ ରକ୍ଷା ପାଇବାକୁ ହେଲେ ନିଜର ଯତ୍ନ ନିଜେ ନେବାକୁ ହେବ । ଭାଲୁବୈଦ୍ୟ କହିଲେ ଛତା ଜୋତା ପାଣି ଚପଲ ହେଉଛି ମୁଖ୍ୟ ସାଧନ । ଏହାକୁ ସବିବେଳେ ପାଖରେ ରଖିବ । ମାଂସ ଆହାର ବଦଳରେ ପଖାଳ, କାକୁଡି, ତରଭୁଜ ଆଦି ପ୍ରଚୁର ଜଳୀୟଅଂଶ ଥିବା ଖାଦ୍ୟ ଖାଇବ । ବିଶେଷ କରି ଛୋଟଛୁଆମାନଙ୍କୁ ପଦାକୁ ଛାଡିବନାହିଁ । ସିଂହରାଜା ଘୋଷଣା କଲେ ଯେ ମୁଁ ଏକ ପଖାଳ କାଫେ କରିବାକୁ ପ୍ରସ୍ତାବ ଦେଉଛି । ଏଥିପାଇଁ ସବୁ ଜିନିଷ ମୁଁ ଯୋଗାଇ ଦେବିନେ ଓ ଆରମରେ ବସି ଖାଇବାକୁ ଗୁମ୍ଫାଟିଏର ବ୍ୟବସ୍ଥା କରିବି । ଏହାର ଦାୟିତ୍ୱ କିଏ ନେବ କୁହ । ଗୋଟିଏ ବିଲୁଆ ଉଠି କହିଲା ମୁଁ ନେବି । ବିଲୁଆ ଖାଲିଲା ପଖାଳ କାଫେ । ବଗିଚାରେ ହୋଇଥିବା କାକୁଡିସବୁ ଯୋଗାଇଦେଲେ ସିଂହରାଜା । ବଡିଚୁରା, ଶାଗ ବି ଦେଲେ । ବିଲୁଆ ସହିତ ଗଧିଆ, କାଉ, ବଗ ଆଦି ଯୋଗଦେଲେ । ପଖାଳ କାଫେ ଖୋଲିଲା । ଥଣ୍ଡାରେ ବସି ସୁଆଦିଆ ପଖାଳ, ବଡିଚୁରା, କାକୁଡି ଆଦି ସବୁ ପଶୁପକ୍ଷୀଙ୍କୁ ଖାଇବାକୁ ମିଳିଲା ।

କିଛିଦିନପରେ ସିଂହ ରାଜା ତଦାରଖରେ ଆସି ଦେଖିଲେ ସବୁ ପଶୁପକ୍ଷୀଙ୍କ ସହଯୋଗରେ ବିଲୁଆର ପଖାଳ କାଫେ ଠିକଭାବରେ ଚାଲିଛି । ସମସ୍ତେ କଥା ମାନି ଚଳିଥିବାରୁ କାହାରିକୁ ଅଂଶୁଘାତ ହୋଇ ନାହିଁ । ସେ ସମସ୍ତଙ୍କୁ ସାଧୁବାଦ ଜଣାଇଲେ । କହିଲେ ଏମିତି ମିଳିମିଶି ଚଳିଲେ ଆମେ ସବୁ ବିପଦକୁ ଦୂର କରିଦେଇ ପାରିବା । ହଠାତ ବଘମାମୁର ମୁଣ୍ଡକୁ ଏକ ବୁଦ୍ଧି ଯୁଟିଲା । ସେ ସିଂହରାଜାଙ୍କୁ କହିଲେ ମହାରାଜ ମଣିଷମାନଙ୍କ ନିକଟକୁ ଉତାପ କମାଇବା ଉଦ୍ଦେଶ୍ୟରେ ଗଛକାଟିବା ବନ୍ଦ କରିବା, ବାୟୁପ୍ରଦୂଷଣକୁ ରୋକିବା ଆଦି ପାଇଁ ଏକ ପତ୍ର ଆମ ତରଫରୁ ଦେଲେ କେମିତି ହୁଅନ୍ତା ? ସିଂହରାଜା କହିଲେ ଭଲକଥା । ଜଙ୍ଗଲର ପଶୁପକ୍ଷୀ କହୁଥାନ୍ତି କିଛି ଲାଭ ହେବନାହିଁ । ସେମାନେ ନିଜ ସ୍ୱାର୍ଥ ପାଇଁ ଆମକଥା ଶୁଣିବେ ନାହିଁ । ସିଂହରାଜା କହିଲେ ନା ଆମେ ନକରାତ୍ମକ କଥା ଚିନ୍ତା କରିବାନାହିଁ । ଏହା କହି ସିଂହରାଜା ମଣିଷମାନଙ୍କ ନିକଟକୁ ପତ୍ର ଲେଖିଲେ । ଏବଂ କିଛି ପରିବର୍ତନ ହେବ ବୋଲି ଆଶା ରଖି ଅପେକ୍ଷାରେ ରହିଲେ ।

+ ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ-୯୩୮୪୩୨୦୨୩

## ନାଆଁ ଟି ମୋର ଫୁଲ

### ଡ. ଧୀରେନ୍ଦ୍ର କୁମାର ମଲ୍ଲିକ

ନାଆଁ ଟି ମୋର ଫୁଲ
ହେଲେ ମୁଁ ଅଟେ ନାନା ଜାତିର
ଭାରି ଶସ୍ତା ମୋ ମୂଲ।

କଢ଼ରୁ ଯେବେ ଫୁଟେ
ସକାଳ ହେଲେ ମୋଗଛ ପାଖେ
ବାସନା ଭାରି ଛୁଟେ।

ନାହିଁ ଆପଣା ପର
ସମସ୍ତେ ମତେ ତୋଳି ନିଅନ୍ତି
ଦେଇ ସେନେହ ଝର।

ମନ୍ଦିର ଯାଏ ନିତି
ପ୍ରଭୁଙ୍କ ସେବା ଧରମେ ମୋର
ଜୀବନ ଯାଏ ବିତି।

ପଡ଼େ ସବୁଠି ଖୋଜା
ପୂଜା ହେଉକି ପରବ ହେଉ
ହେଉବା ଘର ସଜ୍ଜା।

ଗରବ ଟିକେ ନାହିଁ
ଦିଶଇ ବୋଲି କେଡ଼େ ସୁନ୍ଦର
ଥାଆନ୍ତି ସବୁ ଚାହିଁ।

+ ନୀଳକଣ୍ଠପୁର, ମଙ୍ଗଳପୁର
ଯାଜପୁର
(ମୋ)-୭୯୦୪୩୯୨୬୮୬



## ଆସିଲାଣି ଖରାଛୁଟି

### ମମତା ବଗର୍ତ୍ତୀ

ଆସିଲାଣି ଖରାଛୁଟି
ମାମୁଁ ଘରକୁ ଯିବି ମୁଁ ବୁଲି,
ଅଜା ଆଈ ମାମୁଁ ସାଥେ
ଖେଳିବି ହୋଇ ମୁଁ ଚଗଲି ।

ସ୍କୁଲ ହୋଇଗଲା ଛୁଟି
ପାଠକୁ ନାହିଁ ଆଉ ଡର,
ସଅଳ ଉଠି ପଢି ଯିବାକୁ
ହେବିନି ଆଉ ତରତର ।

ସକାଳୁ ଉଠି ଜଳଖିଆ ଖାଇ
ମୁଁ ବସିବି ଦେଖିବାକୁ ଟିଭି,
ମାଁ କାଳେ କହିଦେବ ଗୁରୁମାଙ୍କୁ
ଗୃହକାର୍ଯ୍ୟ ଟିକିଏ କରିଦେବି ।

ଭାରିପ୍ରିୟ ମୋର କଣ୍ଢେଇ ଖେଳ
କିଣି ଦେବେ ଅଜା ନୂଆଁ କଣ୍ଢେଇ,
ସାଇକେଲରେ ବସେଇ ସନ୍ଧ୍ୟାରେ
ଅଜା ନେବେ ମୋତେ ବୁଲେଇ ।

ଆଈମା ହାତରନ୍ଧା ସୁଆଦିଆ
ଛଅ ତିଅଣକୁ ନଅ ଭଜା,
ଖରାଛୁଟି ସାରା ? ଖାଇବି ମୁଁ
ମାମୁଁ ଘରେ କରିବି ମଜା ।

କଣ ସବୁ କରିବି ଖରାଛୁଟିରେ
କେତେ ଯେ କରିଅଛି ଯୋଜନା,
କେମିତି କଟିଯିବ ଏଇ ଖରାଛୁଟି
ଯମାରୁ ବି ପଡିବନି ଜଣା ।।

+ ବଲାଙ୍ଗୀର



## ମୁନାର ରଥଯାତ୍ରା

### ସୁବ୍ରତ ଦାସ

ଭାରି ଇଚ୍ଛା ଥାଏ ମୁନାର ରଥଯାତ୍ରା ଦେଖିବା ପାଇଁ । ପ୍ରତିବର୍ଷ ମୁନା ବାପାଙ୍କୁ କହେ, ବାପା ଆମେ ରଥଯାତ୍ରା ଦେଖିବା ପାଇଁ ଶ୍ରୀକ୍ଷେତ୍ର ଧାମ ପୁରୀ କୁ ଯିବା । ବାପା କୁହନ୍ତି, ବାବାରେ ତୁ ଟିକେ ବଡ଼ ହୋଇ ଯା। ଆମେ ସାଙ୍ଗରେ ସବୁ ପରିବାର ସହ ମିଶି ଯିବା । ତୋତେ ଏବେ ମାତ୍ର ଆଠ ବର୍ଷ ପୁରି ନ ବର୍ଷ ହେଲା । ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାରେ କୋଟି କୋଟି ଭକ୍ତଙ୍କ ସମାଗମ ହୋଇଥାଏ । ଭକ୍ତି ଥିଲେ ଭଗବାନ ଦେଖା ହୁଅନ୍ତି । ତୁ ଘରେ ଥାଇ ମଧ ଜଗନ୍ନାଥଙ୍କୁ ଦର୍ଶନ କରିପାରିବୁ। ତୁ ସେଥିପାଇଁ ମନରେ ଭକ୍ତି ରଖ । ମୁନାର ମନ ବ୍ୟାକୁଳ ହେଲା । ସେ ଜଗନ୍ନାଥଙ୍କୁ ଦର୍ଶନ କରିବ । ଜଗନ୍ନାଥଙ୍କ ରଥ ଦଉଡ଼ି ଟାଣିବ । ଆହୁରି କେତେ କଣ ଭାବି ହେଉଥାଏ, ଏହି ସମୟର ମା ଆସି ଡାକିଲେ । ଆରେ ମୁନା, କଣ ବସି ଭାବୁଛୁ ! ମୁନା, ମା ପାଖକୁ ଦଉଡ଼ି ଗଲା । ପଚାରିଲା ମା, ଆମେ କଣ ଜଗନ୍ନାଥ ଙ୍କୁ ଦର୍ଶନ କରି ପାରିବା ନାହିଁ । ମା’ କହିଲେ, ହଁ,କାହିଁ କି ନୁହେଁ । ଜଗନ୍ନାଥ ସବୁ ଆଡେ ଅଛନ୍ତି । ଜଗନ୍ନାଥଙ୍କ ପାଖରେ ଛୋଟ ବଡ଼ର ଭେଦଭାବ ନଥାଏ । ଯାହାର ଯେତେ ଭକ୍ତି ଭଗବାନ ତାକୁ ଦର୍ଶନ ଦିଅନ୍ତି । ତୁ ଚାହିଁଲେ, ରଥଯାତ୍ରା ଦିନ ଆମ ଗାଁ ଜଗନ୍ନାଥ ଦାଣ୍ଡରୁ ରଥ ବାହାରିବ। ତୁ ସେଦିନ ସକାଳୁ ଭୋର୍ ଉଠି ଗାଧୁଆ ପାଧୁଆ ସାରି ଠାକୁରଙ୍କ ପାଇଁ ଫୁଲ ମାଳ ତିଆରି କରିବୁ । ରଥ ସଜ୍ଜିତ ପାଇଁ ସୁନ୍ଦର ସୁନ୍ଦର କୁଞ୍ଜ କାଗଜ,ଫୁଲ ମାଳ, ରଙ୍ଗୀନ କପଡା, ଆମ୍ବ ପତ୍ର ଚାନ୍ଦୁଆ,ପ୍ରସ୍ତୁତି ହେବ । ତୁ ବାପାଙ୍କ ସହିତ ଯାଇ ଏଥର ରଥ ସଜାରେ ସାହାଯ୍ୟ କରିବୁ । କେତେ ଶଙ୍ଖ, ଘଣ୍ଟ, ମୃଦଙ୍ଗ ବାଜି ଜୟ ଜଗନ୍ନାଥ ଧ୍ୱନିରେ ବଡ଼ ଦାଣ୍ଡ କମ୍ପି ଉଠିବସମସ୍ତେ ଘରେ ଘରେ ଠାକୁରଙ୍କ ଲାଗି ଭୋଗ କରିବେ । ନଡ଼ିଆ ପିଟା ହେବ, ବ୍ରାହ୍ମଣ ମନ୍ତ୍ର ଉଚ୍ଚାରଣ କରିବେ । ଧୂପ,ଦୀପ,ଚାମର ସହ ମନ୍ତ୍ର ଉଚ୍ଚାରଣରେ ଜଗନ୍ନାଥ, ବଳଭଦ୍ର, ମାତା ସୁଭଦ୍ରାଙ୍କୁ ପୂଜା କରିବେ । ଆମ ଗାଁ ସରପଞ୍ଚ ଦୈତାରି ନନା ଏଥର ରଜା ହୋଇ ରଥ ଆଗରେ ଝାଡୁ ପହଁରା କରିବେ । ଗାଁ ର





ସବୁ ଛୁଆ, ବଡ଼ ମଣିଷ, ବୃଦ୍ଧ ସମସ୍ତେ ରଥରେ ଲାଗିଥିବା ଦୁଇ ଦଉଡ଼ି ଧରି ହୁଳୁହୁଳି ପକାଇ ଜୟ ଜଗନ୍ନାଥ କହି ରଥ ଟାଣିବେ । ରଥ ଆଗରେ ପବିତ୍ର ପାଣି ଛିଞ୍ଚା ହେଉଥିବ, ନଡ଼ିଆ ବାଡା ହେଉଥିବ, ଘୋ ...ଘୋ .. ହୋଇ ରଥ ଗଡୁ ଥିବ । ଗୋଟିଏ ରଥରେ ତ୍ରୀମୂର୍ତ୍ତୀ ବସିଥିବେ । ବାମରେ ବଳଭଦ୍ର, ମଝିରେ ଭଉଣୀ ସୁଭଦ୍ରା ଓ ଶେଷରେ କାଳିଆ ଠାକୁର ବସି ସମସ୍ତଙ୍କୁ ଚାହୁଁଥିବେ । ଆମେ ଭକ୍ତିର ସହ ଠାକୁରଙ୍କୁ ସ୍ମରଣ କଲେ ସେ ଆମ କଥା ଶୁଣି ପାରିବେ । କାଳିଆ ଠାକୁର ଭାବର ଠାକୁର, ଭକ୍ତିର ଠାକୁର । ରଥଟଣା ହୋଇ ଘରକୁ ଘର, ସାହି କି ସାହି ହୋଇ ଗାଁ ଭ୍ରମଣ ସାରି ଶେଷରେ ମାଉସୀ ମା’ ମନ୍ଦିର ପାଖରେ ପହଞ୍ଚିବ। ସେଠାରେ ଅର୍ଣ୍ଣ ପ୍ରସାଦ ହୋଇଥିବ। ତିନି ଠାକୁରଙ୍କୁ ତାଙ୍କ ଆସ୍ଥାନରେ ସଜ୍ଜିତ କରି ରଖାଯିବ । ଭୋଗ, ଆଳତୀ ହେବ । ମାଇକି ବାଜୁଥିବ । ତାପରେ ବ୍ରାହ୍ମଣ ପୂଜା ପାଠ ସାରି ସମସ୍ତଙ୍କୁ ପ୍ରସାଦ ବଣ୍ଟନ କରିବେ । ସାତଦିନ ଧରି ପୂଜା ବିଧି ଚାଲିବ ।ନିତି ସନ୍ଧ୍ୟାରେ ଆଳତୀ ହେବ । ପ୍ରତିଦିନ ସନ୍ଧ୍ୟାରେ ଗୁଣ୍ଡିଚା ମା ମନ୍ଦିର ରେ ଭଜନ ଗାହାଣ ହେବ । ଜୟ ଜଗନ୍ନାଥ କାଳିଆ ସାଆନ୍ତେ ପାଖରେ ଆମର ସବୁ ଦୁଃଖ କଷ୍ଟ ଭକ୍ତି ସହକାରେ ଜଣେଇବା ।ନିଶ୍ଚୟ କାଳିଆ ଠାକୁର ଆମର ଦୁଃଖ ଲାଘବ କରିବେ। ସେଥିପାଇଁ ସାରା ବିଶ୍ୱ ର ଲୋକ ଜଗନ୍ନାଥ ଙ୍କୁ ପୂଜା କରନ୍ତି । ମୁନା ଏଥର ବୁଝିଲା, ଠିକ୍ କଥା ସବୁ ସାଙ୍ଗ ମାନଙ୍କୁ ଡାକିବ । ଏଥର ରଥଯାତ୍ରାରେ ବାପାଙ୍କ ସହିତ ଜଗନ୍ନାଥ ଦାଣ୍ଡକୁ ଯିବ,ସମସ୍ତଙ୍କୁ ସାହାଯ୍ୟ କରିବ ।ଯେଉଁଠି ରାସ୍ତାରେ ଖାଲ , ଢିପ ମାନ ଅଛି ସେସବୁ କିପରି ସମତୁଲ ହୋଇପାରିବ ସରପଞ୍ଚ ଦୈତାରି ନନାଙ୍କୁ କହିବ । ବଡ଼ ହେଲେ ବାପା,ମାଙ୍କ ସହ ଶ୍ରୀକ୍ଷେତ୍ର ଧାମ ପୁରୀ ଯାଇ ଜଗନ୍ନାଥଙ୍କୁ ଦର୍ଶନ କରିବ ଏବଂ ରଥ ଦଉଡ଼ି ଟାଣି ସମସ୍ତଙ୍କର ମଙ୍ଗଳ କାମନା କରିବ ।

+ ରାଜେନ୍ଦ୍ରପୁର,
ବାରିକପୁର ବଜାର,ଭଦ୍ରକ
ମୋ :୯୪୩୭୭୩୧୯୦୩



## ମଶାର ଆଶା

### ଅଧ୍ୟାପକ ରାଜେଶ୍ ରାୟ

ଉଁ... ଉଁ.... ଶବ୍ଦ କରି ମଶାଟିଏ ସୁଧୀର ବାବୁଙ୍କ କାନ ପାଖରେ ଘୁରି ବୁଲିଲା । ଓହୋ, ମଣିଷକୁ ଟିକେ ଶାନ୍ତିରେ ଶୁଆଇ ଦେବନି । ଦିନଯାକ ଖଟି ଖଟି ନୟାନ୍ତ ହୋଇ ପଡୁଛି ଆଉ ରାତିରେ ଏହି ମଶାଙ୍କ ପାଦୁର୍ଭାବ! ଏହା କହି ହାତକୁ ଦୁଇଘେରା କାନ ପାଖରେ ବୁଲାଇ ଆଣିଲେ ସୁଧୀର । ହେଲେ ଅମାନିଆ ମଶାଟି କେଉଁଠୁ ମାନେ, ପୁଣିଥରେ ଆସି କାନ ପାଖରେ ଦୁଇଘେରା ଶବ୍ଦ କରି ଉଡ଼ିଗଲା। ବହୁ ଚେଷ୍ଟା କରି ଶେଷରେ ଶେଯରୁ ଉଠି ପଡ଼ିଲେ ସୁଧୀର, ରାଗ ଜରଜର ହୋଇ ଦାନ୍ତକୁ କାମୁଡ଼ି ମଶାକୁ ଅନେକ ଗାଳିରେ ପୋତି ପକାଇଲେ ‘ଏ ମଶା ଜାତି କାହିଁକି ଅଛନ୍ତି କେଜାଣି ? ଏମାନେ ସମ୍ପୂର୍ଣ୍ଣ ଧ୍ୱଂସ ପାଇଗଲେ ଭଲ ହୁଅନ୍ତା । ଏକଥା ଭାବୁଥିବା ବେଳେ ସେହି ମଶାଟି ଉଡ଼ିଆସି ତାଙ୍କ ପାଦ ଉପରେ ବସି ପଡ଼ିଲା । ହେଲେ ଏ କଣ, ମଶା ଜଣକ ନ କାମୁଡ଼ି ମୁହଁ ମାରି ବସିଛି ! ସୁଧୀର ବାବୁ ନିରିଖେଇକି ଦେଖିଲେ ଆଉ ପଚାରିଲେ ‘ଆଜି ତୋର କଣ ରକ୍ତ ପିଇବାକୁ ଇଚ୍ଛା ନାହିଁକି ? ନେ ତୋ ମନଇଚ୍ଛା ରକ୍ତ ପିଇକି ଯା, ସେତେବେଳୁ ତ ମତେ ଶୁଆଇ ଦେଉନୁ। ଏକଥା ଶୁଣି ମଶାଟି କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲା ଏବଂ ନିଜର ମନକଥା ଗୋଟି ଗୋଟି କରି କହିଲା ‘ଈଶ୍ୱର ମତେ ଏମିତି ଭାବେ ଗଢ଼ିଛନ୍ତି ଯେ ମୋର ଜନ୍ମ ସବୁଠୁ ଗନ୍ଧିଆ ସ୍ଥାନରେ ହୋଇଛି । ପୁରୁଷ ମଶାମାନେ ବହୁତ୍ ଭାଗ୍ୟବାନ କାରଣ ସେମାନେ ଫୁଲର ମିଠାରସ ପିଇ ଆନନ୍ଦରେ ଜୀବନ କାଟୁଛନ୍ତି। ହେଲେ ଆମେ ମାଇ ମଶା ସବୁ ଅଭିଶପ୍ତା ହୋଇ ଜନ୍ମ ନେଇଛୁ ! ଭୋକ ମେଣ୍ଟାଇବା ପାଇଁ ଆମକୁ ବିଶେଷ କରି ମଣିଷ ରକ୍ତ ପିଇବାକୁ ପଡୁଛି । ନ ପିଇଲେ ଆମେ ଅଣ୍ଡା ଦେଇପାରିବୁନି, ଆମର ପରବର୍ତ୍ତୀ ବଂଶ କେମିତି ଆସିବ ? ତେଣୁ ସେହି ରକ୍ତ ହିଁ ଆମ ଜୀବନ ବଞ୍ଚିବାର ଆଶା । କେବଳ ଏତିକି ନୁହେଁ ବରଂ ଆମଦ୍ୱାରା ମ୍ୟାଲେରିଆ, ଡେଙ୍ଗୁ ଭଳି ମାରାତ୍ମକ ରୋଗ ମଣିଷ ଶରୀରକୁ ପ୍ରବେଶ କରୁଛି । ଏହି କାରଣରୁ ଆଜି ମଣିଷ ଭିତରେ ଆମପାଇଁ ଅସରନ୍ତି ରାଗ ଓ ଘୃଣା ଭରି ରହିଛି ।


ଏକଥା ଶୁଣି ସୁଧୀର ବାବୁ ପଚାରିଲେ ‘ଆଚ୍ଛା ମତେ ଗୋଟିଏ କଥା କହ, ତୋର ଆଶା ସବୁ କଣ ରହିଛି ?

ମଶାଟି ମୁଣ୍ଡଟେକି ଉପରକୁ ଚାହିଁଲା ଆଉ ଉତ୍ତର ଦେଲା ‘ମୁଁ ଜାଣେ ଆପଣ ମତେ ମାରିଦେବେ ! ଆମ ମଶା ଜାତିର ଜୀବନ କାଳ ବହୁତ୍ କ୍ଷୀଣ, ଏହି ପୃଥିବୀରେ କିଛି ଘଣ୍ଟାର ଅତିଥି ହୋଇ ଆମେ ଆସିଛୁ । ତେଣୁ ଜୀବନ ବଞ୍ଚିବାର ଆଶା ରହିଥିଲେ ମଧ ତାହା କଣ ପୂରଣ ହୋଇପାରିବ ? ବର୍ତ୍ତମାନ ସମୟରେ ଆମକୁ ମାରିବା ପାଇଁ କେତେକଣ ଅସ୍ତ୍ର ସବୁ ବାହାରିଲାଣି । ଆଉ ଆଶା କରି ଲାଭ କଣ ?’

ସୁଧୀର ବାବୁ ମନସ୍ଥ କରିନେଲେ ‘ମୁଁ ତୋର ଭାଗ୍ୟ ସିନା ପରିବର୍ତ୍ତନ କରିପାରିବିନି ହେଲେ ଜୀବନ ଥିବା ଯାଏଁ ତତେ ମୁଁ ପାଖରେ ରଖିବି ଆଉ ରକ୍ତ ଖୁଆଇ ଆଶା ସବୁ ପୂରଣ କରିବି ! ଏତିକି କଥା ଶୁଣି ମଶାର ଆଖି ଦୁଇଟି ଖୁସିରେ ଚମକି ଉଠିଲା ‘ସତରେ କଣ ଏମିତି ହୋଇପାରିବ ?’

ସୁଧୀର ନିଜର ଆଙ୍ଗୁଳି ବଢାଇ ମଶାକୁ କହିଲେ ମୋ ଆଙ୍ଗୁଳି ଉପରେ ଆସିକି ବସେ ମୁଁ ତତେ ଗୋଟିଏ ସୁରକ୍ଷିତ ସ୍ଥାନକୁ ନେଇଯିବି ।

ମଶାଟି ଆନନ୍ଦରେ ଡଗ ଡଗ ହୋଇ ଚାଲି ଆସୁଥିବା ସମୟରେ ହଠାତ୍ ଏକ ଶକ୍ତ ଚାପୁଡ଼ା ଆସି ବାଜିଲା, ପାଣି ଫୋଟକା ଫାଟିଲା ପରି ମଶାର ଶରୀର ଢୋ କରି ଫାଟିଗଲା । ବାସ୍, ସବୁକିଛି ନୀରବ । ସୁଧୀର ବାବୁ ସାମ୍ନାକୁ ଚାହିଁଲେ, ଛିଡ଼ା ହୋଇଛନ୍ତି ତାଙ୍କ ସ୍ତ୍ରୀ ମଧୁ । ‘ଆରେ ତମେ କଣ ଅନ୍ଧ ହୋଇ ଯାଇଛ କି !’ କେତେବେଳୁ ମଶାଟି ତମକୁ କାମୁଡ଼ି ପେଟେ ରକ୍ତ ପିଇ ଗଲାଣି ଆଉ ତମେ ଜାଣି ପାରୁନ। ଏହା କହି ମଧୁ ଶୋଇବାକୁ ଗଲେ । ସୁଧୀର ହତବାକ୍ ହୋଇ ଚାହିଁ ରହିଥାନ୍ତି ତାଙ୍କ ଗୋଡ଼କୁ ଯେଉଁଠି ପଡ଼ି ରହିଥିଲା ବିଚରା ମଶାଟିର ମୃତଦେହ ଏବଂ ତା ଦେହରୁ ନିଗିଡ଼ି ପଡ଼ିଥିବା ରକ୍ତରେ ଢଳ ଢଳ ହୋଇ ଦିଶୁଥିଲା ଅପୂରଣ ଆଶାର ଅସରନ୍ତି ପ୍ରତିଛବି ।





+ ବିଦ୍ୱାନ୍ ମହାବିଦ୍ୟାଳୟ, ଜୟପୁର
(ମୋ)- ୬୩୭୧୫୫୫୯୪୦

## ଦେହକୁ ହିତ ପଖାଳ ଭାତ

### ଜୟଶ୍ରୀ ପଟ୍ଟନାୟକ

ସନିଆ ଡାକୁଛି ଭାଇ ମନିଆ
ଇସ୍କୁଲ ଛୁଟିହେଲେ ଆ ଚାଲିଆ
ଗାଧୋଇ ଯିବାରେ ଆମେ ନଈକୁ
ଆସି ଖାଇବା ପଖାଳ ଭାତକୁ.. ।

ବଡ଼ି ଚୁରା ସଙ୍ଗେ ଆଳୁ ଭରତା
ତା ସାଙ୍ଗକୁ ଭଜା କଲରା ପିତା
ଖାଇଲେ ପାଟିରୁ ବହିବ ଲାଳ
ବୋଉ ମୋ ବାଢିଛି ଦହି ପଖାଳ.. ।

ଦିହକୁ ହିତ ତ ପଖାଳ ଭାତ
ଖାଇଦେଲେ ନିଦ ଆସେ ବହୁତ
ଖରାଦିନେ ବହେ ଦେହରୁ ଝାଳ
ଜମା ଖାଇବାନି ମସଲା ଝୋଳ.. ।

ଶାଗ ଆଚାର ବାରମଜା ଟି ଥିଲେ
ପଖାଳ ଭାତ ତ ଉଠିବ ବେଳେ
ଚାଇଁ, ସଜ,ଲେମ୍ବୁ, ଦହି ପଖାଳ
ଲୁଣ ମିଶାଇ ଖା ଗାଧୁଆ ବେଳ.. ।

ଖାଇଲେ ଆନନ୍ଦ ଜାଣିବୁ ତାର
ବୋଉଠୁ ଶୁଣିବୁ ମହିମା ତାର
ମହାପୁରୁ ଆମ ଜଗନ୍ନାଥିଆ
ସିଏ ବି ଅଟନ୍ତି ପଖାଳ ଖିଆ.. ।

ଖାଇଲେ ପଖାଳ ନୀରୋଗ ହେବୁ
ଡାକତରଖାନା ଆଉ ନ ଯିବୁ
ବୁଝିଲୁ ମନିଆ ଭାଇରେ ମୋର
ଓଡ଼ିଆ କରଇ ତାରେ ଆଦର.. ।

+ ଗଙ୍ଗନଗର, ଭୁବନେଶ୍ୱର
(ମୋ) ୭୯୭୮୧୧୦୪୭୪



## ବିଜେଡି କର୍ମକର୍ତ୍ତାଙ୍କ ବିଜେପିରେ ଯୋଗଦାନ

ଭୁବନେଶ୍ୱର, ୨୪/୦୪ (ନି.ପ୍ର)- ଚିଲିକା ନିର୍ବାଚନ ମଣ୍ଡଳୀରେ ବିଜେପିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବହୁ ସଂଖ୍ୟାରେ ବିଜେଡି କର୍ମକର୍ତା ନିଜ ଦଳ ଛାଡି ବିଜେପିରେ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଆଇନ ତଥା ପୂର୍ତ୍ତମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଏକ୍ସରେ ପୋଷ୍ଟ କରି ମନ୍ତ୍ରୀ ଲେଖିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ନୀତି ଓ ଆଦର୍ଶ ଏବଂ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ବିକାଶ ମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଆଜି ମୋ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୁଲେଇ ଗ୍ରାମ ପଂଚାୟତର ଦୀନବନ୍ଧୁପୁର ଗ୍ରାମର କର୍ମକର୍ତା ମାନେ ବିଜୁ ଜନତା ଦଳ ପରିତ୍ୟାଗ କରି ଭାରତୀୟ ଜନତା ପାର୍ଟିରେ ସାମିଲ୍ ହେଲେ।ସମସ୍ତଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ଭାଜପା ପରିବାରକୁ ବିଦ୍ଧିବଦ୍ଧ ଭାବେ ସ୍ୱାଗତ କରିଲି। ଏହି ଯୋଗଦାନ ଲୋକଙ୍କ ସେବା, କଲ୍ୟାଣମୂଳକ କାର୍ଯ୍ୟ ସହ ବିକଶିତ ଚିଲିକା ଗଠନ ଦିଗରେ ଆମ ସଂକଳ୍ପକୁ ଆହୁରି ଦୃଢ଼ କରିବ। ଏହି ଅବସରରେ କୁଲେଇ ଗ୍ରା:ପର ସରପଂଚଙ୍କ ପ୍ରତିନିଧି ଶ୍ରୀ ପ୍ରକାଶ ବେହେରା ଓ ପଂଚାୟତ ଉପସଭାପତି ଶ୍ରୀ ଅଜିତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଇଂରାଜୀ ବନାନର ସଂଶୋଧନ ନିମନ୍ତେ ସରକାରଙ୍କ ପଦକ୍ଷେପକୁ ବିଶ୍ୱ ଓଡ଼ିଆ ପରିବାରର ପ୍ରଶଂସା

ଭୁବନେଶ୍ୱର, ୨୪/୦୪ (ନି.ପ୍ର): ଓଡ଼ିଶାର ମୁଖ୍ୟମନ୍ତ୍ରୀଙ୍କ ତ୍ୱରିତ ପଦକ୍ଷେପ ସ୍ୱରୂପ ବିଶିଷ୍ଟ ସାହିତ୍ୟିକା ପଦ୍ମଭୂଷଣ ଡଃ ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଗଠିତ ସ୍ୱତନ୍ତ୍ର କମିଟି ଦ୍ୱାରା ରାଜ୍ୟର ବିଭିନ୍ନ ସ୍ଥାନର ନାମ ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ଇଂରାଜୀରେ ଲେଖାହେବା ନିମନ୍ତେ ଯେଉଁ ସୁପାରିଶ ପ୍ରଦାନ କରିଛନ୍ତି, ଏହା ଓଡ଼ିଶାବାସୀଙ୍କ ଦୀର୍ଘ ଦିନର ଦାବି ଥିଲା। ବର୍ତମାନର ସରକାର ଏଥି ନିମନ୍ତେ ଉଚିତ ପଦକ୍ଷେପ ଗ୍ରହଣ କରାଯିବାରୁ ଓଡ଼ିଶାର ଅନ୍ୟତମ ଅଗ୍ରଣୀ ପ୍ରଗତିଶୀଳ ଅନୁଷ୍ଠାନ ବିଶ୍ୱ ଓଡ଼ିଆ ପରିବାରର ଅଧ୍ୟକ୍ଷ ସଜ୍ଜନ ଶର୍ମା ତା'ର ପ୍ରଶଂସା କରିବା ସହିତ ଏକ ପ୍ରେସ୍ ବିବୃତିରେ କହିଛନ୍ତି କି ଏହା ଏକ ସମୟପୋଯୋଗୀ ଓ ଭାବାବେଗର ବିଷୟ। ଓଡ଼ିଆ ଲୋକମାନେ ବିଭିନ୍ନ ସମୟରେ ଅଣଓଡ଼ିଆ ଲୋକଙ୍କ ଦ୍ୱାରା ନିଜ ଅଂଚଳରେ ହେଉଥିବା ଭୁଲ ଉଚ୍ଚାରଣ ଦ୍ୱାରା ଅପମାନିତ ହେଉଥିଲେ। ଏଣୁ ଏଥିରୁ ଏବେ ନିସ୍ତାର ମିଳିବ। ରାଜ୍ୟର ସମସ୍ତ ଗୌରବାନ୍ୱିତ ଓଡ଼ିଆ ପ୍ରେମୀ ଏଥିରେ ସାମିଲ ହେବା ନିମନ୍ତେ ସେ ଆହ୍ୱାନ ଦେଇଛନ୍ତି। ବିବୃତିରେ ଶ୍ରୀ ଶର୍ମା ସରକାରଙ୍କୁ ଅନୁରୋଧ କରିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ସହଯୋଗ କ୍ରମେ ଓଡ଼ିଶାରେ ଅବସ୍ଥାପିତ ସମସ୍ତ କେନ୍ଦ୍ରୀୟ ଅନୁଷ୍ଠାନ ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଇଂରାଜୀ ବନାନ ମଧ୍ୟ ଓରିଶା ପରିବେର୍ତ ଓଡ଼ିଶା ଲେଖାଯାଉ। ଏହା ସଂସଦର ହସ୍ତକ୍ଷେପ ମାଧ୍ୟମରେ ହିଁ ସମ୍ଭବ। ଏଣୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ବିଶେଷ ଅନୁରୋଧ କରିଛନ୍ତି।

## ମୁଖ୍ୟ ସଚିବଙ୍କ ଅଧ୍ୟକ୍ଷତାରେ ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କ ୨୯ତମ ବୋର୍ଡ ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୨୪/୦୪ (ନି.ପ୍ର): ଓଡିଶାର ବିଭିନ୍ନ ଅଂଚଳରେ ବିଦ୍ୟୁତ୍ ଯୋଗାଣ କରୁଥିବା ବିଦ୍ୟୁତ ଶକ୍ତି ବିତରଣ କମ୍ପାନୀ (ଡିସ୍କମ୍) ମାନଙ୍କର ୨୯ ତମ ବୋର୍ଡ ବୈଠକ ଓଡ଼ିଶା ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଙ୍କ ଅଧ୍ୟକ୍ଷତାରେ ପୃଥକ୍ ପୃଥକ୍ ଭାବେ ଅନୁଷ୍ଠିତ ହୋଇଯାଇଛି। ଏପ୍ରିଲ ୨୨ ତାରିଖରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ବୈଠକଗୁଡ଼ିକରେ ବିଭିନ୍ନ ଡିସ୍କମ୍ ମାନଙ୍କ କାର୍ଯ୍ୟଦକ୍ଷତା, ପରିଚାଳନା ଏବଂ ଆଗାମୀ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଟାଟା ପାୱାର ନର୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏନଓଡିଏଲ), ଟିପି ସଦର୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ( ଟିପିଏସଓଡିଏଲ), ଟିପି ସେଣ୍ଟ୍ରାଲ୍ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ( ଟିପିସିଓଡିଏଲ) ଏବଂ ଟିପି ୱେଷ୍ଟର୍ସ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ( ଟିପିଡବ୍ଲ୍ୟୁଓଡିଏଲ) ମାନଙ୍କର ସ୍ୱତନ୍ତ୍ର ଭାବେ ଅନୁଷ୍ଠିତ ବୈଠକରେ ବୋର୍ଡର ସଦସ୍ୟ ସଦସ୍ୟାମାନେ ଯୋଗଦେଇଥିଲେ। ସାରା ରାଜ୍ୟରେ ଦକ୍ଷ ଏବଂ ଅବିରତ ବିଦ୍ୟୁତ୍ ଯୋଗାଣ ସୁନିଶ୍ଚିତ କରିବା ପାଇଁ ବିଦ୍ୟୁତ୍ ଯୋଗାଣର ନିର୍ଭରଯୋଗ୍ୟତା, ବିଦ୍ୟୁତ୍ ସଂଚରଣରେ କ୍ଷୟକ୍ଷତି କମାଇବା, ଗ୍ରାହକମାନଙ୍କୁ ସେବା ପ୍ରଦାନ ଏବଂ ଭିତିଭୂମି ଉନ୍ନୟନ ପରି ପ୍ରମୁଖ ବିଷୟଗୁଡିକ ଉପରେ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ରାଜ୍ୟରେ ପିଏମ୍ ସୂର୍ଯ୍ୟ ଘର : ମୁକ୍ତ ବିଜୁଳି ଯୋଜନା (ପିଏମ୍-ଏସଜି-ଏମବିୱାଇ) କାର୍ଯ୍ୟକାରିତା ନେଇ ଆଲୋଚନା ହୋଇଥିଲା। ଓଡିଶାରେ ଏହି ଯୋଜନା ନଭେମ୍ବର ୨୦୨୫ରେ ଆରମ୍ଭ ହୋଇଥିବା ବେଳେ, ୧ କିଲୋୱାଟ୍ ସଂଯୁକ୍ତ ଲୋଡ୍ ଥିବା ଘରୋଇ ଉପଭୋକ୍ତା କେବଳ ୧୧,୮୭୫ ଅନୁଦାନ ଅଂଶରେ ଅଧିକ ସବସିଡି ଥିବା ଏହି ସ୍କିମରେ ରୁଫଟପ୍ ସୋଲାର ବ୍ୟବସ୍ଥା ସ୍ଥାପନ କରିବାକୁ ସମର୍ଥ ହେଉଛନ୍ତି। ଏହି ସୋଲାର ଶକ୍ତି ଯୋଜନାରେ ବିଦ୍ୟୁତ୍ ବିତରଣ କମ୍ପାନୀ ଅନେକ ଘରୋଇ କିମ୍ବା ଛୋଟ ଉପଭୋକ୍ତାଙ୍କୁ ଏକସାଥିରେ ଯୋଡ଼ି ରୁଫଟପ୍ ସୋଲାର ସିଷ୍ଟମ୍ ସ୍ଥାପନ କରନ୍ତି, ଯଦ୍ୱାରା ଉପଭୋକ୍ତା ସହଜରେ, ତ୍ୱରିତ ବ୍ୟବସ୍ଥା ସହ କମ୍ ଖର୍ଚ୍ଚରେ ସୋଲାର ବିଦ୍ୟୁତ୍‌ରୁ ଲାଭ ଉଠାଇବାର ସୁବିଧା ନେଇପାରିବେ ପିଏମ୍-ଏସଜି-ଏମବିୱାଇ ଅଧୀନରେ ଅଦ୍ୟାବଧି ରାଜ୍ୟରେ ୫୫,୮୮୮, ୟୁଏଲଏ ଯୋଜନା ଅଧୀନରେ ଅତିରିକ୍ତ ୨୯,୦୦୦ ଏହିପରି ସମୁଦାୟ ୮୪,୮୮୮ ରୁଫଟପ୍ ସୋଲାର ସିଷ୍ଟମ ସ୍ଥାପିତ ହୋଇସାରିଛି। ଓଡିଶାରେ ରୁଫଟପ୍ ସୋଲାର ଅଧୀନରେ ୩ ଲକ୍ଷ ପରିବାରକୁ ଆଣିବା ପାଇଁ ଏକ ଆକାଂକ୍ଷୀ ଲକ୍ଷ୍ୟ ନିର୍ଦ୍ଧାରିତ ହୋଇଛି। ବର୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ରୁଫ୍ ଟପ ସୋଲାର ସିଷ୍ଟମ ସ୍ଥାପନର ଅଗ୍ରଗତିରେ ନିରନ୍ତରତା ରହିଥିତବା ବେଳେ ଏହାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଆଗାମୀ ପର୍ଯ୍ୟାୟରେ ପ୍ରତିମାସରେ ୨୫,୦୦୦ ରୁଫ୍ ଟପ ସୋଲାର ସିଷ୍ଟମ ସ୍ଥାପନ କରିବା ପାଇଁ କର୍ତୃପକ୍ଷ ଏବେ ପଦକ୍ଷେପ ନେଉଛନ୍ତି। ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କର ଦୃଢ ପରିଚାଳନାତ୍ମକ କାର୍ଯ୍ୟଦକ୍ଷତାର ଫଳସ୍ୱରୂପ ସାମଗ୍ରିକ ବୈଷୟିକ ଏବଂ ବ୍ୟବସାୟିକ କ୍ଷୟକ୍ଷତି ୨୦୧୯-୨୦ ଆର୍ଥିକ ବର୍ଷର ୨୯.୫% ରୁ ୨୦୨୫-୨୬ ଆର୍ଥିକ ବର୍ଷରେ ୧୪.୬% କୁ ଗୁରୁତ୍ୱପୂର୍ଣ୍ଣଭାବେ ହ୍ରାସ ପାଇଛି। ଟିପିଏନଓଡିଏଲ ଅଣ-ସହରାଂଚଳ ବିତରଣ ୟୁଟିଲିଟି ରାଙ୍କିରେ ୨ୟ ସ୍ଥାନ ଓ ଟିପିସିଓଡିଏଲ ୪ର୍ଥ ସ୍ଥାନ ଅଧିକାର କରିଛନ୍ତି। ଗତ ପାଞ୍ଚ ବର୍ଷ ଧରି ସାଧାରଣ ଲୋକମାନଙ୍କ ବିଦ୍ୟୁତ ସେବା ଶୁଳ୍କରେ କୌଣସି ବୃଦ୍ଧି ହୋଇନାହିଁ। ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ସମସ୍ତ ଡିସକମ୍ ମାନଙ୍କର କାର୍ଯ୍ୟଦକ୍ଷତା ସମୀକ୍ଷା କରି ବିଦ୍ୟୁତ୍ ଯୋଗାଣ ସମ୍ବନ୍ଧୀୟ ସାଧାରଣ ଲୋକଙ୍କ ଅଭିଯୋଗର ତ୍ୱରିତ ଏବଂ ପ୍ରଭାବୀ ସମାଧାନ ପାଇଁ ଗୁରୁତ୍ୱାରୋପ କରିଥିଲେ। ସେ ବିଦ୍ୟୁତ୍ ବିତରଣ ସେବାରେ ଗୁଣାତ୍ମକ ଏବଂ ସୁରକ୍ଷା ସୁନିଶ୍ଚିତ କରିବା ଉପରେ ମଧ୍ୟ ଗୁରୁତ୍ୱ ଦେଇଥିଲେ। ସେ ଆହୁରି ମଧ୍ୟ ପିଏମ୍ ସୂର୍ଯ୍ୟ ଘର ଯୋଜନା ପରି ପଦକ୍ଷେପମାନଙ୍କ ମାଧ୍ୟମରେ ରାଜ୍ୟରେ ସ୍ୱଚ୍ଛ ଶକ୍ତି ଉପଲବ୍ଧତାକୁ ପ୍ରୋତ୍ସାହନ ଦେବା ଉପରେ ଆଲୋକପାତ କରିଥିଲେ।

## ତୁଳସୀ କ୍ଷେତ୍ର ପଣ୍ଡିତସଭା ପକ୍ଷରୁ ନିଶୁଳ୍କ ସାମୁହିକ ବ୍ରତୋପନୟୋନ

କେନ୍ଦ୍ରାପଡା, ୨୪/୦୪ (ନି.ପ୍ର): କେନ୍ଦ୍ରାପଡା ତୁଳସୀ କ୍ଷେତ୍ର ପଣ୍ଡିତ ସଭା ପକ୍ଷରୁ ପୌରାଂଚଳ ଅନ୍ତର୍ଗତ ତଳବାରଙ୍ଗ ଗ୍ରାମ ସ୍ଥିତ ପ୍ରଭୁ ଶ୍ରୀ ଶ୍ରୀ ଗୋପୀନାଥ ମନ୍ଦିର ପ୍ରାଙ୍ଗଣରେ ନିଶୁଳ୍କ ସାମୁହିକ ବ୍ରତୋପୟନ ଅନୁଷ୍ଠିତ ହୋଇଯାଇଛି। ଇତି ଅବସରରେ ମାଣତିର ଗ୍ରାମର ସାଇଓମକାର ଦାସ, ମହିପାଳର ଜ୍ଞାନ ରଂଜନ ମିଶ୍ର, ରଣପଡାର ପ୍ରବିର ପଣ୍ଡା ଓ ବିଲବଳରାମପୁରର ନିଳାଦ୍ରୀ କର ବ୍ରହ୍ମଚାରୀ ଭାବେ ଉପନୀତ ଗ୍ରହଣ କରିଥିଲେ। ତୁଳସୀ କ୍ଷେତ୍ର ପଣ୍ଡିତ ସଭାର ଉପଦେଷ୍ଟା ପଣ୍ଡିତ କେଶବ ଚନ୍ଦ୍ର ପତି, ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଉପ ସଭାପତି ସତ୍ୟ ନାରାୟଣ ପତି, ପଣ୍ଡିତ ହୃଷିକେଶ ରଥ, ସଂପାଦକ ମାଧବ ଚନ୍ଦ୍ର ପତି, କୋଷାଧ୍ୟକ୍ଷ କ୍ଷିରୋଦ କୁମାର ପଣ୍ଡା, ସହ ସଂପାଦକ ନୃସିଂହ ପତି, ଯୁଗ୍ମ ସହ ସଂପାଦକ ସୁବାଷ ଚନ୍ଦ୍ର ପାଣି, ମହେଶ୍ୱର ପାଣି, କୁଳମଣି ପଣ୍ଡା, ନରେନ୍ଦ୍ର ତ୍ରିପାଠୀ, ଅକ୍ଷୟ ପତ୍ରୀ, ହରେଖୃଷ୍ଣ ପତି, ତପନ କୁମାର ଦାସ, ଉପ ସଭାପତି ବ୍ରମରବର ନନ୍ଦ, ତ୍ରିଲୋଚନ ମିଶ୍ର, କ୍ଷିରୋଦ ଚନ୍ଦ୍ର ମିଶ୍ର ସମେତ ପଣ୍ଡିତ ସବାର କର୍ମକର୍ତା ଓ ସଭ୍ୟ/ସଭ୍ୟା ମାନଙ୍କ ତତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ହରିହର ଶତପଥୀ, ବିଶ୍ୱଜିତ ଶତପଥୀ, ସରୋଜକାନ୍ତ ପତି, ତୁଷାରକାନ୍ତ ଷଡଙ୍ଗୀ, ନିରଂଜନ କର, ଯାଜ୍ଞିକ ବ୍ରାହ୍ମଣ ଦେବତାମାନଙ୍କ ଦ୍ୱାରା ବ୍ରତୋପନୟୋନ ବୈଦିକ ମତେ ଅନୁଷ୍ଠିତ ହୋଇଥିଲା। ବ୍ରତୋପନୟୋନ ପରେ ବ୍ରହ୍ମଚାରୀ ମାନେ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କୁ ଦର୍ଶନ ଲାଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ ତଳବାରଙ୍ଗ ଗ୍ରାମର ଯୁବକ ସଂଘ ଗ୍ରାମବସୀ ମାନେ ସହଯୋଗ କରିଥିଲେ।

## ବିଶ୍ୱ ପୁସ୍ତକ ଦିବସର ଶୁଭେଚ୍ଛା ଜଣାଇଲେ ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪/୦୪ (ନି.ପ୍ର): ବିଶ୍ୱ ପୁସ୍ତକ ଦିବସର ଶୁଭେଚ୍ଛା ଜଣାଇଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ। ଏନେଇ ସୋସିଆଲ ମିଡିଆ ଏକ୍ସରେ ମନ୍ତ୍ରୀ କହିଛନ୍ତି ଯେ, ବିଶ୍ୱ ପୁସ୍ତକ ଦିବସ ଅବସରରେ ସମସ୍ତଙ୍କୁ ଅଭିନନ୍ଦନ। ପୁସ୍ତକ କେବଳ ଜ୍ଞାନର କିଛି ଫର୍ଦ୍ଦର ସମ୍ମିଳନ ନୁହେଁ, ଏହା ପରିବର୍ତ୍ତନ, ସଂସ୍କାର ଏବଂ ଉନ୍ନତିର ଏକ ମାଧ୍ୟମ ଅଟେ। ଏହି ଅବସରରେ ସମସ୍ତ ଲେଖକ, ପାଠକଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଇଛନ୍ତି ମନ୍ତ୍ରୀ।

## ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ



ଭୁବନେଶ୍ୱର, ୨୪/୦୪ (ନି.ପ୍ର): ବମିଖାଲ ଠାରେ ଶ୍ରୀ ଶ୍ରୀ ସକଳେସ୍ୱର ମହାଦେବ ଓ ହନୁମାନଙ୍କ ୨୧ ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ୨୦ ତାରିଖ ପ୍ରାତଃ ଆରମ୍ଭ ହୋଇ ୨୩ ତାରିଖରେ ସମାପନ ହୋଇଛି। ଅଂକୁରରୋପଣ ଅଧିବାସ ସହ ସୂର୍ଯ୍ୟ ପୂଜା, ଚଣ୍ଡୀ ଆହୁତି ଶିବ ସହସ୍ର ନାମ,ରାମ ତାରକ ମନ୍ତ୍ର, ରୁଦ୍ରାଭିଷେକ, ଅଗ୍ନିକୁଣ୍ଡ ସଂସ୍କାର ପୂର୍ଣ୍ଣାହୂତି ପ୍ରସାଦ ସେବନ, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଉଦଯାପିତ ହୋଇଯାଇଛି। ପୂଜକ ଶିବ ପ୍ରସାଦ ମିଶ୍ର, ବାବୁଲି ମହାପାତ୍ରଙ୍କ ପୌରାହିତ୍ୟରେ ଅନୁଷ୍ଠାନର ସଦସ୍ୟ ନିମାଇଁ ଚରଣ ମହାନ୍ତି, କମଳ ମହାନ୍ତି ଓ ଟ୍ରଷ୍ଟି ପ୍ରଫୁଲ୍ଲ ରଥ ପ୍ରମୁଖ ପରିଚାଳନା ଓ ସହଯୋଗ କରିଥିଲେ। ପ୍ରାୟ ଚାରି ହଜାର ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା।

## ସାମ୍ବିଧାନିକ ପଦରେ ଥିବା ଦଳୀୟ ନେତାମାନେ ପଦର ମର୍ଯ୍ୟାଦା ରଖନ୍ତୁ: ବିଜେଡି

ଭୁବନେଶ୍ୱର, ୨୪/୦୪ (ନି.ପ୍ର): ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହେବା ପରେ, ସାମ୍ବିଧାନିକ ପଦରେ ଥିବା ଦଳୀୟ ନେତାମାନେ ବାରମ୍ବାର ନିଜ ପଦ ମର୍ଯ୍ୟାଦାର ଉଲ୍ଲଙ୍ଘନ କରୁଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସୀତା ସାହୁ, ରାଜ୍ୟରେ ସାମ୍ବିଧାନିକ ପଦବୀରେ ଥିବା ବ୍ୟକ୍ତିମାନେ କିପରି ନିଜ ପଦ ମର୍ଯ୍ୟାଦାର ଉଲ୍ଲଙ୍ଘନ କରିଚାଲିଛନ୍ତି, ତାର ଅନେକ ଉଦାହରଣ ପ୍ରସ୍ତୁତ କରିଥିଲେ। ସେ କହିଥିଲେ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଦ୍ୱାରା ଆୟୋଜିତ ହେଉଥିବା ଏକ ରାଲିରେ ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀଙ୍କୁ ଦେଖିବାକୁ ମିଳିଥିଲା। ଏହି ରାଲିରେ ସୁରମା ପାଢ଼ୀଙ୍କୁ ଭିଡ଼ ଭିତରେ ଧକ୍କା ମରାଯାଇଥିବା କଥା ସାମ୍ନାକୁ ଆସିଥିଲା। ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଯେ, ବାଚସ୍ପତି ପରି ଗାରିମାମୟ ପଦବୀରେ ଅଧିଷ୍ଠିତ ଥିବାବେଳେ ଦଳୀୟ କାର୍ଯ୍ୟକ୍ରମ ଗୁଡିକରେ ଉପସ୍ଥିତ ରହିବା କେତେ ଦୂର ଯୁକ୍ତିଯୁକ୍ତ ? ଏହା ପୂର୍ବରୁ ମଧ୍ୟ ବିଜେପି ପାର୍ଟି ଅଫିସ୍ରେ ହେଉଥିବା କାର୍ଯ୍ୟକ୍ରମରେ ବାଚସ୍ପତି ଶ୍ରୀମତୀ ପାଢ଼ୀଙ୍କୁ ଦେଖିବାକୁ ମିଳିଛି। ସେହିପରି ରାଜ୍ୟରେ ଥିବା ଅନ୍ୟାନ୍ୟ ସାମ୍ବିଧାନିକ ପଦ, ଯଥା ରାଜ୍ୟ ମହିଳା କମିସନ, ରାଜ୍ୟ ଶିଶୁ କମିସନ ଇତ୍ୟାଦିରେ ବିଜେପି ସରକାରଙ୍କ ଦ୍ୱାରା ନିଯୁକ୍ତି ହୋଇଥିବା ମହିଳା ମାନେ ମଧ୍ୟ ନିଜ ପଦ ମର୍ଯ୍ୟାଦା ରଖୁନାହାନ୍ତି। ଅନେକ ସମୟରେ ସେମାନଙ୍କୁ ଦଳୀୟ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁଛି। ନିକଟରେ ବ୍ରହ୍ମଗିରି ଅଞ୍ଚଳରେ ଜଣେ ୬ ବର୍ଷର ଶିଶୁକନ୍ୟା ଦୁଷ୍କର୍ମ ଶିକାର ହୋଇ ନ୍ୟାୟ ପାଇଁ ସଂଘର୍ଷ କରୁଥିବା ବେଳେ ବିଜୁ ଜନତା ଦଳର ଏକ ପ୍ରତିନିଧିମଣ୍ଡଳୀ ପୀଡ଼ିତାଙ୍କ ପରିବାରକୁ ଭେଟି ତାଙ୍କୁ ସାନ୍ତ୍ୱନା ପ୍ରଦାନ କରିଥିଲା ବେଳେ ରାଜ୍ୟ ଶିଶୁ କମିସନର ଓ ମହିଳା କମିସନ ସେହି ସମୟରେ ବିଜେପି ଦ୍ୱାରା ଆୟୋଜିତ ହେଉଥିବା ମିଛ ଜନ ଆକ୍ରୋଶ ରାଲିରେ ଅଂଶଗ୍ରହଣ କରିଥିଲେ। ତେଣୁ ସାମ୍ବିଧାନିକ ପଦବୀରେ ଥିବା ନେତାମାନେ ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱର୍ରେ ରହି ଲୋକଙ୍କ ସମସ୍ୟା କିପରି ସମାଧାନ ହୋଇପାରିବ, ସେଥିନେଇ ଯତ୍ନବାନ ହୁଅନ୍ତୁ।

## ଚାରୋଟି ଦେଶର ରାଷ୍ଟ୍ରଦୂତ ମାନେ ରାଷ୍ଟ୍ରପତିଙ୍କୁ ପ୍ରଦାନ କଲେ ପରିଚୟ ପତ୍ର

ନୂଆଦିଲ୍ଲୀ, ୨୪/୦୪ : ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗୁରୁବାର ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଲାଓ ପିଡିଆର, କାଙ୍ଗୋ, ନାମିବିଆ ଏବଂ ଗିନି-ବିସାଉର ରାଷ୍ଟ୍ରଦୂତମାନଙ୍କ ପରିଚୟ ପତ୍ର ଗ୍ରହଣ କରିଛନ୍ତି। ରାଷ୍ଟ୍ରପତି ସଚିବାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ, ପରିଚୟ ପତ୍ର ପ୍ରଦାନ କରିଥିବାମାନଙ୍କ ମଧ୍ୟରେ ଲାଓ ପିପୁଲ୍ସ ଡେମୋକ୍ରେଟିକ ରିପବ୍ଲିକର ରାଜଦୂତ ୱିଥୟା ଜାୟାଭୋଙ୍ଗ, କାଙ୍ଗୋ ଲୋକତାନ୍ତ୍ରିକ ଗଣରାଜ୍ୟର ରାଜଦୂତ ଏମିଲି ଆୟାଜା ମୁଶୋବେକବା, ନାମିବିଆ ଗଣରାଜ୍ୟର ଉଚ୍ଚାୟୁକ୍ତ ଉଇଙ୍ଗ କମାଣ୍ଡର ଏଲେକ୍ସ ଲୁନ୍ୟାଜୋ ଟୁକୁହୁପୱେଲେ (ସେବାନିବୃତ୍ତ) ଏବଂ ଗିନି-ବିସାଉ ଗଣରାଜ୍ୟର ରାଜଦୂତ ଆଣ୍ଟୋନିଓ ସେରିଫୋ ଏମ୍ବାଲୋ ସାମିଲ ଅଛନ୍ତି।

## କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷାଙ୍କ ପୁତ୍ର ବିୟୋଗରେ ମୁଖ୍ୟମନ୍ତ୍ରୀଙ୍କ ଶୋକ

ଭୁବନେଶ୍ୱର, ୨୪/୦୪ (ନି.ପ୍ର): କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷାଙ୍କ ପୁତ୍ର ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ୍ସରେ ଏକ ଶୋକବାର୍ତାରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ଶ୍ରୀମତୀ ନିକୁ ସାହୁଙ୍କ ପୁତ୍ର ବି.ଏସ୍. ତଥ୍ୟଙ୍କ ଅକାଳ ବିୟୋଗ ଖବର ଶୁଣି ମୁଁ ଗଭୀର ଭାବେ ଦୁଃଖିତ ଓ ମର୍ମାହତ। ଜଣେ ସମ୍ଭାବନାମୟ ତରୁଣଙ୍କୁ ଏଭଳି ଅସମୟରେ ହରାଇବା ଅତ୍ୟନ୍ତ ଦୁଃଖଦାୟକ।ଏହି ଦୁଃଖଦ ମୁହୂର୍ତରେ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାର ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି। ଓଁ ଶାନ୍ତି !

## ମହିଳା ସଂରକ୍ଷଣ ବିଲ୍ କାଟ୍ ଖାଇବା ପ୍ରସଙ୍ଗ : ୨୪ ଓ ୨୫ରେ ରାଜ୍ୟର ସମସ୍ତ ଜିଲ୍ଲାରେ ମହିଳା ଆକ୍ରୋଶ : ସମ୍ମିଳନୀ କରିବ ବିଜେପି

ଭୁବନେଶ୍ୱର, ୨୪/୦୪ (ନି.ପ୍ର): ନାରୀଶକ୍ତି ବନ୍ଦନ ଅଧିନିୟମ ସଂସଦରେ ପାରିତ ନହୋଇପାରିବା ପ୍ରତିବାଦରେ ତଥା ମହିଳାମାନଙ୍କ ଆକ୍ରୋଶକୁ ସମ୍ମାନ ଓ ସମର୍ଥନ ଜଣାଇ ଭାରତୀୟ ଜନତା ପାର୍ଟି ତରଫରୁ ଗତକାଲି ରାଜଧାନୀ ଭୁବନେଶ୍ୱରରେ ଗତକାଲି ବିଶାଳ "ଜନ ଆକ୍ରୋଶ ମହିଳା ପଦ ଯାତ୍ରା" ଆୟୋଜନ କରାଯାଇଥିଲା। ସେହିପରି ଏପ୍ରିଲ ୨୪ ଓ ୨୫ ତାରିଖ ଦିନ ରାଜ୍ୟର ସମସ୍ତ ସାଂଗଠନିକ ଜିଲ୍ଲାରେ ମହିଳା ଆକ୍ରୋଶ ସମ୍ମିଳନୀ ଅନୁଷ୍ଠିତ ହେବ ବୋଲି ମହିଳାମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଡା. ଐଶ୍ୱର୍ଯ୍ୟା ବିଶ୍ୱାଳ କହିଛନ୍ତି। ଡା. ବିଶ୍ୱାଳ କହିଛନ୍ତି ଯେ ମହିଳାମାନଙ୍କୁ ଅଧିକାରରୁ ବଂଚିତ କରିବା ପାଇଁ ସଂସଦରେ ଏହି ଅଧିନିୟମ ବିରୋଧରେ କଂଗ୍ରେସ ସମେତ ଡିଏମ୍‌କେ, ଟିଏମ୍‌ସି, ସମାଜବାଦୀ ପାର୍ଟି ଓ ଆମ ଆଦମୀ ପାର୍ଟି ପ୍ରମୁଖ ଭୋଟ ଦେଇଥିବାବେଳେ ବିଜେଡି ସେମାନଙ୍କୁ ସମର୍ଥନ ଜଣାଇଥିଲା। ଏହି ବିରୋଧୀମାନେ ମହିଳାମାନଙ୍କ ଉନ୍ନତି ଓ ପ୍ରଗତି ଚାହୁଁ ନ ଥିବା ଦେଶବାସୀ ଜାଣିସାରିଲେଣି। ଓଡ଼ିଶାର ମହିଳାମାନେ ଏହାକୁ କେବେବି କ୍ଷମା ଦେବେ ନାହିଁ। ଏନେଇ ପାର୍ଲିଆମେଂଟରୁ ପଂଚାୟତ ପର୍ଯ୍ୟନ୍ତ ଚାଲିଥିବା ଆନ୍ଦୋଳନ ଆଗକୁ ମଧ୍ୟ ଜାରି ରହିବ। ରାଜ୍ୟର ପ୍ରତ୍ୟେକ ସାଙ୍ଗଠାନିକ ଜିଲ୍ଲାରେ ମହିଳା ଆକ୍ରୋଶ ସମ୍ମିଳନୀ ଆୟୋଜନ କରାଯାଇ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳଗୁଡିକର ମହିଳା ବିରୋଧୀ ଚେହେରାକୁ ଲୋକଲୋଚନକୁ ଅଣାଯିବ। ଏଥିରେ ପ୍ରତ୍ୟେକ ସାଂଗଠାନିକ ଜିଲ୍ଲାରେ ୫ ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇ କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଦଳଗୁଡିକ ଦ୍ୱାରା ମହିଳାମାନଙ୍କ ପ୍ରତି କରାଯାଇଥିବା ଅନ୍ୟାୟର ପ୍ରତିବାଦ କରିବେ। ମହିଳାମାନଙ୍କୁ ସେମାନଙ୍କ ସାମ୍ବିଧାନିକ ଅଧିକାର ଦେବା ପାଇଁ ଜିଲ୍ଲାରୁ ମଣ୍ଡଳ ଓ ବୁଥସ୍ତର ପର୍ଯ୍ୟନ୍ତ ବିଜେପି ଲଢ଼େଇ ଜାରି ରଖିବ। ରାଜ୍ୟର ପ୍ରତି ସାଂଗଠାନିକ ଜିଲ୍ଲାରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ସମାଜର ସବୁ ବର୍ଗର ମହିଳାମାନେ ବହୁ ସଂଖ୍ୟାରେ ସାମିଲ ହେବାକୁ ଡା. ବିଶ୍ୱାଳ ଅନୁରୋଧ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ରାଜ୍ୟ ସମ୍ପାଦିକା ଶ୍ରୀମତୀ ନିୟତି ଗିରି, ପୂର୍ବତନ ରାଜ୍ୟ ମହିଳା ମୋର୍ଚ୍ଚା ସଭାନେତ୍ରୀ ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶ୍ରୀମତୀ ଜୟନ୍ତୀ ପଢ଼ିଆରୀ ପ୍ରମୁଖ ଉପସ୍ଥିତ ଥିଲେ।

## ୨୮ରେ ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଦ୍ୱିତୀୟ କୁଳଗୌରବ ସମ୍ମାନ ପ୍ରଦାନ ଉତ୍ସବ

ଭୁବନେଶ୍ୱର, ୨୪/୦୪ (ନି.ପ୍ର): ଓଡ଼ିଶାର ଅଗ୍ରଣୀ ପ୍ରଗତୀଶୀଳ ଅନୁଷ୍ଠାନ ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ 'ଦ୍ୱିତୀୟ କୁଳଗୌରବ ସମ୍ମାନ-୨୦୨୬' ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟର ସଭାଗୃହଠାରେ ଆସନ୍ତା ଅପ୍ରେଲ ୨୮ ତାରିଖରେ ପ୍ରଦାନ କରାଯିବ। ଯେଉଁ ଉଦ୍ୟୋଗପତିମାନେ ଓଡ଼ିଶାର ପ୍ରଗତିରେ ନିଜକୁ ସାମିଲ କରିପାରିଛନ୍ତି ସେମାନଙ୍କ ମଧ୍ୟରୁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ସଫଳ ଉଦ୍ୟୋଗପତିଙ୍କୁ କୁଳଗୌରବ ସମ୍ମାନରେ ଭୂଷିତ କରାଯିବ। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ବିଧାନ ସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଶିକ୍ଷ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ବିମଳ ପ୍ରସାଦ ଦାସ, କେନ୍ଦ୍ରାପଡ଼ା ସାଂସଦ ବିଜୟନ୍ତ ପଣ୍ଡା, ପୂର୍ବତନ ରାଜ୍ୟସଭା ସଦସ୍ୟ ଡକ୍ଟର ଅମର ପଟ୍ଟନାୟକ, ବିଶିଷ୍ଟ ଉଦ୍ୟୋଗପତି ଅଜୟ ଅଗ୍ରୱାଲ ପ୍ରମୁଖ ଅତିଥି ଭାବରେ ଯୋଗ ଦେବାକୁ ସଦୟ ସ୍ୱିକୃତୀ ପ୍ରଦାନ କରିଛନ୍ତି ବୋଲି ଅନୁଷ୍ଠାନ ଅଧ୍ୟକ୍ଷ ସଜ୍ଜନ ଶର୍ମା। ପ୍ରକାଶ କରିଛନ୍ତି।

## ସ୍କୁଲରେ ନିମ୍ନ ମାନର ଖାଦ୍ୟ ଦିଆଗଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୪/୦୪ (ନି.ପ୍ର): ଯଦି କେଉଁଠି ସ୍କୁଲରେ ନିମ୍ନ ମାନର ଖାଦ୍ୟ ଦିଆଯାଉଛି, ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଯେଉଁଠି ଅଭିଯୋଗ ଆସିବ ତଦନ୍ତ ହୋଇ ସମ୍ପୃକ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ।

## ଜନଗଣନା ପାଇଁ ଏସଓପି ଜାରି କଲା ରାଜସ୍ୱ ବିଭାଗ

ଭୁବନେଶ୍ୱର, ୨୪/୦୪ (ନି.ପ୍ର): ପ୍ରଥମ ପର୍ଯ୍ୟାୟ ଜନଗଣନା-୨୦୨୭ ପାଇଁ ରାଜସ୍ୱ ବିଭାଗ ଏସଓପି ଜାରି କରିଛି। ଏନେଇ ରାଜସ୍ୱ ବିଭାଗ ସବୁ ଜିଲ୍ଲାପାଳ/ଏସ୍‌ପି/ ମ୍ୟୁନିସପାଲ୍ କମିଶନରଙ୍କୁ ଚିଠି ଲେଖିଛି। ଜନ ଗଣନାରେ ନିୟୋଜିତ ଅଧିକାରୀ ଏବଂ କର୍ମଚାରୀମାନଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଗଣନାକାରୀ/ପର୍ଯ୍ୟବେକ୍ଷକ ସର୍ବଦା ସରକାରୀ ପରିଚୟପତ୍ର ପିନ୍ଧିବା ଜରୁରୀ। ଫିଲ୍ଡରେ ସେମାନଙ୍କୁ ନିଯୁକ୍ତି ପତ୍ର ମଧ୍ୟ ପାଖରେ ରଖିବାକୁ ପରାମର୍ଶ। ଯଦି କେହି ଧମକ ଚମକ ଦିଅନ୍ତି ତାହେଲେ ଇ ଆଣ୍ଡ ଏସ୍ ହସ୍ତକ୍ଷେପ କରିବେ। ଦରକାର ପଡ଼ିଲେ ତୁରନ୍ତ ସ୍ଥାନ ଛାଡ଼ି ପରେ ସୁରକ୍ଷା ଭିତରେ ପୁଣି ଯିବେ। ଇ ଆଣ୍ଡ ଏସ୍ ର ନାମ ଏବଂ ଯୋଗାଯୋଗ ବିବରଣୀ ସମ୍ପୃକ୍ତ ଥାନାକୁ ସୁଚିତ କରିବେ। ଚିହ୍ନଟ ହୋଇଥିବା ସମ୍ବେଦନଶୀଳ ଅଂଚଳରେ ଜଣେ ପୋଲିସ କର୍ମଚାରୀ ଯିବେ। ଜନଗଣନାକୁ ଯିବା ବେଳେ ସ୍ଥାନୀୟ ମୁରବୀମାନଙ୍କ ସହଯୋଗ ନେଇପାରିବେ। ବାଧା ସୃଷ୍ଟି କଲେ ୧୯୪୮ ଜନଗଣନା ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ। ଦୋଷୀ ସାବ୍ୟସ୍ତ ହେଲେ ଜରିମାନା, ଏପରିକି ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ମଧ୍ୟ ହୋଇପାରେ।

## ରେଢ଼ାଖୋଲ ବ୍ଲକରେ ୨୪ କିମି ରାସ୍ତାର ଉନ୍ନତିକରଣ ପାଇଁ ୪୭ କୋଟି ମଂଜୁର

ଭୁବନେଶ୍ୱର, ୨୪/୦୪ (ନି.ପ୍ର):ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଅନ୍ତର୍ଗତ ରାମପୁର ଠାରୁ ଗିରିଶଚନ୍ଦ୍ରପୁର ପର୍ଯ୍ୟନ୍ତ ପ୍ରାୟ ୨୪ କିମି ରାସ୍ତାର ଉନ୍ନତିକରଣ ପାଇଁ ୪୭ କୋଟି ୨୪ ଲକ୍ଷ ୬ ହଜାର ଟଙ୍କା ମଞ୍ଜୁର ହୋଇଛି। ଏଥିପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

## କୃଷ୍ଣପ୍ରସାଦ ନାବାଳିକା ଦୁଷ୍କର୍ମ ଘଟଣାପାଇଁ ତଥ୍ୟ ଅନୁଧ୍ୟାନ କମିଟି ଗଠନ କଲା କଂଗ୍ରେସ

ଭୁବନେଶ୍ୱର, ୨୪/୦୪ (ନି.ପ୍ର): ବ୍ରହ୍ମଗିରି କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ବିରିଜିପୁର ପଂଚାୟତର ଗୋରାପୁରର ୬ ବର୍ଷର ନାବାଳିକାକୁ ଦୁଷ୍କର୍ମ ଘଟଣାର ତଥ୍ୟ ଅନୁଧ୍ୟାନ କରିବାପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ କଂଗ୍ରେସ ନେତୃବୃନ୍ଦଙ୍କୁ ନେଇ ଏକ ତଥ୍ୟ ଅନୁଧ୍ୟାନ କମିଟି ଗଠନ କରିଛନ୍ତି। ଉକ୍ତ କମିଟିରେ ବରିଷ୍ଠ କଂଗ୍ରେସ ନେତା ସତ୍ୟବ୍ରତ ପାତ୍ର ଅଧ୍ୟକ୍ଷ ରହିଥିବା ବେଳେ ପୁରୀ ଜିଲ୍ଲା କଂଗ୍ରେସ ସଭାପତି ଇଂ ରାଜେଶ ମିଶ୍ର, ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ଜୟଶ୍ରୀ ପଟ୍ଟନାୟକ ଓ ପ୍ରଣତୀ ମିଶ୍ର, ପିସିସି ମୁଖପାତ୍ର ସୋନାଲି ସାହୁ, ଲଲାଟେନ୍ଦୁ ଦାସ, ନିଶିକାନ୍ତ ମିଶ୍ର, ଡ. ମନିଷାଦାସ ପଟ୍ଟନାୟକ ଓ ଜୟଶ୍ରୀ ପାତ୍ର, ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ ବିଶ୍ୱକଲ୍ୟାଣୀ କର ଓ ପିସିସି ସମ୍ପାଦିକା ଶିଳ୍ପିଶ୍ରୀ ହରିଚନ୍ଦନ ପ୍ରମୁଖ ଉକ୍ତ କମିଟିରେ ସଭ୍ୟ ଭାବରେ ରହିଛନ୍ତି। ଉକ୍ତ କମିଟି ଖୁବଶୀଘ୍ର ଘଟଣାସ୍ଥଳ ପରିଦର୍ଶନ କରି ଦୁଷ୍କର୍ମ ପୀଡ଼ିତାଙ୍କ ପରିବାରଙ୍କ ସହ ଏବଂ ସ୍ଥାନୀୟ ପ୍ରଶାସନ ସହ ଆଲୋଚନା କରି ଏକ ରିପୋର୍ଟ ଓଡ଼ିଶା ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଦାଖଲ କରିବାକୁ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି ବୋଲି ପିସିସି ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି।

## ଜନଗଣନା କର୍ମଚାରୀଙ୍କ ସୁରକ୍ଷା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ- ମନ୍ତ୍ରୀ

ଭୁବନେଶ୍ୱର, ୨୩ /୦୪: ଜନଗଣନା ବେଳେ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଆକ୍ରମଣକୁ କଡା ନିନ୍ଦା କରିଛନ୍ତି ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ସେ କହିଛନ୍ତି ଯେ, ସେମାନଙ୍କ ସୁରକ୍ଷା ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ଯେଉଁମାନେ ଆକ୍ରମଣ କରିଥିଲେ ସେମାନଙ୍କୁ ଗିରଫ କରାଯାଇଛି। ଯେଉଁଠି ବି ଏମିତି ଘଟଣା ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଜନଗଣନା ଅଧିକାରୀ ଘରକୁ ଗଲେ ସହଯୋଗ କରନ୍ତୁ ବୋଲି ମନ୍ତ୍ରୀ ଅପିଲ କହିଛନ୍ତି।

## ମାନପତ୍ର ବିକି ମାଲାମାଲ୍ : ଏକ ...

(ପୃଷ୍ଠା-୪ର ଅବଶିଷ୍ଟାଂଶ) ସରକାରଙ୍କ ପାଇଁ ଏହା 'ଶୋଭା' ପାଉନାହିଁ, କାରଣ ସାହିତ୍ୟର ଅବକ୍ଷୟ ମାନେ ଜାତିର ବୌଦ୍ଧିକ ଅବକ୍ଷୟ। ଯଦି ପ୍ରଶାସନ ସମୟ ଥାଉ ଥାଉ ଏହି 'ବେପାରୀ'ଙ୍କ ବିରୋଧରେ ଦୃଢ଼ ପଦକ୍ଷେପ ନନିଏ, ତେବେ ଭବିଷ୍ୟତରେ ମୌଳିକ ସାହିତ୍ୟ ଖୋଜିବା କଷ୍ଟକର ହୋଇପଡ଼ିବ ।


ଆଜିର ଯୁଗରେ ସୋସିଆଲ ମିଡିଆ କେବଳ ମନୋରଞ୍ଜନର ମାଧ୍ୟମ ନୁହେଁ, ବରଂ ଏହା ଏକ 'ଡିଜିଟାଲ୍ ଗଣଅଦାଲତ'। ଯଦି ସରକାର ଏଠାରେ ଉଠୁଥିବା ସାହିତ୍ୟ ବେପାର ବା ଦୁର୍ନୀତି ଭଳି ଗମ୍ଭୀର ପ୍ରସଙ୍ଗକୁ ଅଣଦେଖା କରୁଛନ୍ତି, ତେବେ ଏହା ଗଣତାନ୍ତ୍ରିକ ମୂଲ୍ୟବୋଧର ବିରୁଦ୍ଧ। ସରକାରୀ ବିଭାଗଗୁଡ଼ିକର ନିଜସ୍ୱ ସୋସିଆଲ ମିଡିଆ ହ୍ୟାଣ୍ଡେଲ ରହିଛି। ସେଗୁଡ଼ିକ କେବଳ ସରକାରଙ୍କ ପ୍ରଚାର ପାଇଁ ନୁହେଁ, ବରଂ ଲୋକଙ୍କ ସମସ୍ୟା ଶୁଣିବା ପାଇଁ ଉଦ୍ଦିଷ୍ଟ। ଅଭିଯୋଗକୁ ଦେଖି ନୀରବ ରହିବା ସରକାରଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରେ।

ଯଦି ସାହିତ୍ୟ କ୍ଷେତ୍ରରେ ଚାଲିଥିବା ଅନିୟମିତତା ବିଷୟରେ ବାରମ୍ବାର ଟ୍ୟାଗ୍ କରାଯିବା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ, ତେବେ ଏହା ସେହି 'ବେପାରୀ' ମାନଙ୍କର ମନୋବଳ ବଢ଼ାଇଥାଏ। ସେମାନେ ଭାବନ୍ତି ଯେ ସେମାନଙ୍କର ପ୍ରଭାବ ସରକାରଙ୍କ ନିଷ୍ପତ୍ତିଠାରୁ ଅଧିକ। ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସୋସିଆଲ ମିଡିଆ ଏକ ସେତୁ ଭଳି। ଯଦି ସରକାର କେବଳ 'ୱାନ୍-ୱେ' (One-way) କମ୍ୟୁନିକେସନ ବା କେବଳ ନିଜ କଥା କହିବାରେ ବିଶ୍ୱାସ କରନ୍ତି, ତେବେ ଲୋକଙ୍କ ଆସ୍ଥା ତୁଟିଯାଏ।

ସରକାରଙ୍କୁ 'ଟ୍ୟାଗ୍' କରିବା ମାନେ ହେଉଛି ଜଣେ ନାଗରିକ ନିଜର ଅଧିକାର ସାବ୍ୟସ୍ତ କରୁଛି। ଏହାକୁ ଅଣଦେଖା କରିବା ପ୍ରଶାସନିକ ଶିଷ୍ଟାଚାରର ବିରୁଦ୍ଧ। ସାହିତ୍ୟ ଜଗତର ଶୁଦ୍ଧତା ରକ୍ଷା ପାଇଁ ସରକାର ଏହି ଡିଜିଟାଲ୍ ସ୍ୱରଗୁଡ଼ିକୁ ଶୁଣିବା ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଏକାନ୍ତ ଆବଶ୍ୟକ।

+ ସମ୍ପାଦକ/ପ୍ରତିଷ୍ଠାତା - ସୁଦେଷ୍ଣା (ଦୈନିକ ଖବରକାଗଜ) ମୋ: ୯୬୯୨୯୪୮୨୮୧

## ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଦ୍ୱି-ଦିବସୀୟ ପୋଥି ସମ୍ପାଦନା କର୍ମଶାଳା ଆରମ୍ଭ




ବାଲେଶ୍ୱର,୨୪/୦୪(ନି.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗର ପ୍ରୟାସରେ ତଥା ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ, ବାଲେଶ୍ୱରଙ୍କ ସହଭାଗିତାରେ ଦ୍ୱି-ଦିବସୀୟ "ପୋଥି ସମ୍ପାଦନା କର୍ମଶାଳା" (୨୪ ଓ ୨୫ ଏପ୍ରିଲ) ଏକ ଶିକ୍ଷାନୁଷ୍ଠାନିକ ପରିବେଶରେ ଆରମ୍ଭ ହୋଇଯାଇଛି। ଭାଷା-ସାହିତ୍ୟ ଅଧ୍ୟୟନର ମୂଳ ଆଧାର ଭାବେ ପୋଥିଗୁଡ଼ିକର ସଂରକ୍ଷଣ, ସମ୍ପାଦନା ଓ ପୁନଃପାଠର ଆବଶ୍ୟକତାକୁ ଅନୁଭବ କରି ଏହି କର୍ମଶାଳାର ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିଭାଗମୁଖ୍ୟ ଓ କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଦେବାଶିଷ ପାତ୍ର ପ୍ରାରମ୍ଭିକ ସୂଚନା ପ୍ରଦାନ କରି ପୋଥି ସମ୍ପାଦନାର ଆବଶ୍ୟକତା, ପାଠାନୁଶୀଳନ ଓ ଗବେଷଣାମୂଳକ ଦୃଷ୍ଟିକୋଣ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସଭାପତି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ କରି ନିଜର ଅଭିଭାଷଣରେ କହିଥିଲେ ଯେ, ପୋଥିଗୁଡ଼ିକ ଆମ ସାଂସ୍କୃତିକ ସ୍ମୃତିର ମୂଲ୍ୟବାନ ଭଣ୍ଡାର ଓ ବୈଜ୍ଞାନିକ ପଦ୍ଧତି ସାହାଯ୍ୟରେ ଏହାର ସମ୍ପାଦନା ଦ୍ୱାରା ଭାଷା ଓ ସାହିତ୍ୟର ଐତିହ୍ୟକୁ ସୁରକ୍ଷିତ କରାଯାଇପାରିବ। ବିଶ୍ୱବିଦ୍ୟାଳୟର ଦ୍ୱାରା ଗ୍ରହଣ କରାଯାଇଥିବା ଏହି ପଦକ୍ଷେପ ଫଳପ୍ରଦ ହେବାନେଇ ଆଶାବ୍ୟକ୍ତ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ତାଙ୍କ ବକ୍ତବ୍ୟରେ ପୋଥି ସଂଗ୍ରହ, ସଂରକ୍ଷଣ ଓ ଗବେଷଣାର ଅନ୍ତଃଶାସ୍ତ୍ରୀୟ ମାନକୁ ଉଲ୍ଲେଖ କରିଥିଲେ। ଏହି ଅବସରରେ ବରିଷ୍ଠ ସଂଯୁକ୍ତ ପ୍ରଫେସର- ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ପୋଥି ପାଠ ଓ ସମ୍ପାଦନାର ପ୍ରାୟୋଗିକ ପଦ୍ଧତି ସମ୍ପର୍କରେ ଉପସ୍ଥାପନା କରିଥିଲେ। ବରେଣ୍ୟ ଅତିଥି ଭାବେ ଯୋଗଦେଇଥିବା ଡ଼କ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ, (ସମ୍ପାଦକ, ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ, ବାଲେଶ୍ୱର) - ପୋଥି ସମ୍ପାଦନାର ଐତିହାସିକ ପରମ୍ପରା, ପାଠସଂଶୋଧନ ପ୍ରଣାଳୀ ଓ ଆଧୁନିକ ପ୍ରବନ୍ଧନର ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ଏହି କର୍ମଶାଳାରେ ଶତାଧିକ ଛାତ୍ରଛାତ୍ରୀ ଓ ଗବେଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିବା ସହିତ ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପରିଷଦର ସଦସ୍ୟମାନଙ୍କ ସକ୍ରିୟ ଯୋଗଦାନ ଲକ୍ଷ୍ୟଣୀୟ ଥିଲା। ବୈଷୟିକ ଅଧିବେଶନଗୁଡ଼ିକରେ ପୋଥିର ଇତିହାସ, ବିକାଶ, ତଥା ସମ୍ପାଦନାର ବିଭିନ୍ନ ସୋପାନ ସମ୍ପର୍କରେ ଗଭୀର ଚର୍ଚ୍ଚା ହୋଇଥିଲା। ପୋଥି ପଠନ ଓ ପୁଷ୍ପିକା ପଠନର ଅଭ୍ୟାସ ମାଧ୍ୟମରେ ଅଂଶଗ୍ରାହୀମାନେ ପ୍ରାୟୋଗିକ ଅନୁଭବ ଲାଭ କରିଥିଲେ। ବିଶ୍ୱବିଦ୍ୟାଳୟରେ ରହିଥିବା ଶତାଧିକ ପୋଥିର ସମ୍ପାଦନାକୁ ଗତିପଥ ପ୍ରଦାନ କରିବା ସହ ଭାଷା ଓ ସାହିତ୍ୟ ଭିତ୍ତିକ ସଂରକ୍ଷଣର ନୂତନ ସମ୍ଭାବନା ସୃଷ୍ଟି କରିବା ଏହି କର୍ମଶାଳାର ପ୍ରମୁଖ ଲକ୍ଷ୍ୟ ରହିଛି। ଶେଷରେ ଡ଼କ୍ଟର ଜୟନ୍ତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତରାଜ ଦିବସ ସମାରୋହ -୨୦୨୬ ଅନୁଷ୍ଠିତ



ନୀଳଗିରି,୨୪/୦୪(ନି.ପ୍ର) : ଶୁକ୍ରବାର ଅପରାହ୍ନ ୪ଘଟିକା ସମୟରେ ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ୍ ପରିସରରେ ବ୍ଲକ୍ ସ୍ତରୀୟ ଜାତୀୟ ପଞ୍ଚାୟତରାଜ ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ମାନ୍ୟବର ସାଂସଦଙ୍କ ପ୍ରତିନିଧି ଶ୍ରୀଯୁକ୍ତ କରୁଣାକର ପଣ୍ଡା, ପଞ୍ଚାୟତସମିତି ଅଧ୍ୟକ୍ଷା ଶ୍ରୀମତୀ ଶୁଭଲକ୍ଷ୍ମୀ ମାଝୀ, ଉପାଧ୍ୟକ୍ଷ ଶ୍ରୀଯୁକ୍ତ ଜ୍ୟୋତିର୍ମୟ ପୋଥାଳ, ତହସିଲଦାର ଶ୍ରୀମତୀ ସୋନମ ଦାସ, ଜିଲ୍ଲାପରିଷଦ ସଦସ୍ୟ ଶ୍ରୀଯୁକ୍ତ ଗତିକୃଷ୍ଣ ନନ୍ଦ, ଶ୍ରୀମତୀ ସୁବର୍ଣ୍ଣ ମଞ୍ଜରୀ ସିଂ, ବିଧାୟକଙ୍କ ପ୍ରତିନିଧି ଶ୍ରୀଯୁକ୍ତ କୃତିବାସ ବେହେରା ପ୍ରମୁଖ ଯୋଗଦେଇଥିଲା ବେଳେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀଯୁକ୍ତ ବିକ୍ରମ କେଶରୀ ପରିଡ଼ା ପୌରୋହିତ୍ୟ କରିଥିଲେ। ଏଥିରେ ଓଡ଼ିଶା ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଜନହିତକର ଯୋଜନା ମାଧ୍ୟମରେ ଲୋକମାନଙ୍କର ସେବାପାଇଁ ସରକାର ପ୍ରତିଶୃତିବୋଧ ବୋଲି ମୁଖ୍ୟଅତିଥି ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ସନ୍ତୋଷ ଖଟୁଆ ନିଜ ଅଭିବ୍ୟକ୍ତିରେ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ଖଟୁଆ ନୀଳଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ୨୫ ଗୋଟି ପଞ୍ଚାୟତରୁ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତଦୋୟ ଗୃହଯୋଜନାରେ ୧୬୨ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ,ତହସିଲ ପକ୍ଷରୁ ଭୂମିହୀନ ୫୦ଜଣ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ ସହ ୧୫ତମ ସି. ଏଫ. ସି ରେ ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ ଭାବେ କାଂଶ, ୫ମ ଏସ.ଏଫ୍. ସି ରେ ଶ୍ରେଷ୍ଠ ଗ୍ରାମ ପଞ୍ଚାୟତ ଭାବେ ଆରବନ୍ଧ ଏବଂ ଭି.ଜି. ଆର. ଜି.ରେ ଜାମୁଡ଼ିହା ଗ୍ରାମପଞ୍ଚାୟତକୁ ସମ୍ମାନୀତ କରାଯାଇଥିଲା। ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳବିଭାଗ ପକ୍ଷରୁ ଜାତୀୟ ପଞ୍ଚାୟତରାଜ ଦିବସ ପାଳନ ଅବସରରେ ବଲାଙ୍ଗୀର ଜିଲ୍ଲାର ଗାନ୍ଧୀ ଷ୍ଟାଡିୟମ୍ ଠାରେ ଆୟୋଜିତ କାର୍ଯ୍ୟକ୍ରମକୁ ଓଡ଼ିଶା ର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଦ୍ୱାରା ଶୁଭ ଉଦ୍ଘାଟନ କରି ସମବେତ ଜନତାଙ୍କୁ ଉଦବୋଧନ ଦେବା ସହ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତି ବିଶେଷମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଉପସ୍ଥିତ ସମବେତ ଜନତା ଭିଡିଓ ମାଧ୍ୟମରେ ଉପଭୋଗ କରିଥିଲେ।

## ଏଡତାଳରେ ଜାତୀୟ ପଞ୍ଚାୟତ ରାଜ ଦିବସ ପାଳିତ

ବାସୁଦେବପୁର,୨୪/୦୪(ନି.ପ୍ର) : ବାସୁଦେବପୁର ବ୍ଲକ ଅନ୍ତର୍ଗତ ଏଡତାଳ ପଞ୍ଚାୟତରେ ଜାତୀୟ ପଞ୍ଚାୟତ ରାଜ ଦିବସ ମହା ସମାରୋହରେ ପାଳିତ ହୋଇ ଯାଇଛି। ଏହି ଉତ୍ସବରେ ସ୍ଥାନୀୟ ସରପଞ୍ଚ ଜୟଶ୍ରୀ ପଲାଇ, ନାଏବ ସରପଞ୍ଚ ସରୋଜ କାନ୍ତ ଦାସ, ସରପଞ୍ଚଙ୍କ ପ୍ରତିନିଧି ଅମରେନ୍ଦ୍ର ପଲାଇ, ଏ ଡି ଇ ଓ ସୌଦାମିନୀ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ ଏବଂ ଜାତୀୟ ପଞ୍ଚାୟତ ରାଜ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହା ବ୍ୟତୀତ ପଞ୍ଚାୟତର ୱାର୍ଡ ମେମ୍ବର, ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଜାତୀୟ ପଞ୍ଚାୟତ ରାଜ ଦିବସର ବାର୍ତ୍ତା ଗ୍ରାମ ସଭା ମାଧ୍ୟମରେ ସମସ୍ତଙ୍କ ପାଖକୁ ପହଞ୍ଚା ଯାଇଥିଲା। ଏଥି ସହିତ ବାସୁଦେବପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଜାତୀୟ ପଞ୍ଚାୟତ ରାଜ ଦିବସ ଖୁବ୍ ସଫଳତାର ସହିତ ପାଳିତ ହୋଇ ଯାଇଛି।

## ବିଶ୍ୱ ପୁସ୍ତକ ଦିବସ ପାଳିତ



ମୟୂରଭଞ୍ଜ,୨୪/୦୪(ନି.ପ୍ର) : ମୟୂରଭଞ୍ଜ ପୁସ୍ତକ ମେଳା ଆନୁକୂଲ୍ୟରେ ଜିଲ୍ଲାର ପୁସ୍ତକପ୍ରେମୀ, ସାହିତ୍ୟ ଅନୁରାଗୀ ତଥା କବି ଓ ଲେଖକ ଲେଖିକାଙ୍କୁ ନେଇ ମୟୂରଭଞ୍ଜ ସାହିତ୍ୟ ପରିଷଦ ସଭାଗୃହରେ ପୁସ୍ତକ ମେଳାର ସଭାପତି ପଦ୍ମନାଭ ସାହୁଙ୍କ ପୌରୋହିତ୍ୟରେ ୨୩ ଏପ୍ରିଲ୍ ୨୦୨୬ ସନ୍ଧ୍ୟା ବିଶ୍ୱ ପୁସ୍ତକ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱ ବିଦ୍ୟାଳୟ ଦୂର ଶିକ୍ଷାକେନ୍ଦ୍ର ପ୍ରଭାରୀ, ଓଡ଼ିଆ ବିଭାଗ ସହକାରୀ ପ୍ରଫେସର୍ ଡଃ ବିନ୍ଧେଶ୍ୱରୀ କଲିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦବୋଧନ ଦେଇ ଦୃଢମତ ରଖିଥିଲେ, ଛାତ୍ରଛାତ୍ରୀଙ୍କ ପ୍ରକୃତ ଜ୍ଞାନ ଆହରଣ ଲାଗି ସବୁଦିନ ଭଳି ଆଜିକା ଡିଜିଟାଲ ଯୁଗରେ ମଧ୍ୟ ପୁସ୍ତକ ପଠନ ଏକାନ୍ତ ଏବଂ ସର୍ବୋପରି ଅପରିହାର୍ଯ୍ୟ ଏଥିରେ ସନ୍ଦେହର ଅବକାଶ ନାହିଁ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଇଂ ମନୋଜ କୁମାର ଦଳବେହେରା ମିଳିତ ଜାତିସଂଘ ୟୁନେସ୍କୋ ଅନୁମୋଦିତ ବିଶ୍ୱ ପୁସ୍ତକ ଦିବସ ପାଳନର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟ ସମ୍ବନ୍ଧରେ ପ୍ରାରମ୍ଭିକ ସୂଚନା ଦେବା ସହିତ ଏହି ମହାନ ଦିବସଟିର ପାରମ୍ପାରିକ ଓ ଐତିହାସିକ ପୃଷ୍ଠଭୂମି ସମ୍ପର୍କରେ ମଧ୍ୟ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ସାରସ୍ୱତ ସମାବେଶରେ ଜିଲ୍ଲାର ବିଶିଷ୍ଟ ଔପନ୍ୟାସିକ,କବି, ପ୍ରାବନ୍ଧିକ ଏବଂ ଗାଳ୍ପିକ/ଗାଳ୍ପିକା ସର୍ବଶ୍ରୀ ମିତାରାଣୀ ସାହୁ, ରାଜଲକ୍ଷ୍ମୀ ତ୍ରିପାଠୀ, ଅଜୟ କୁମାର ପାଳ, ସ୍ନେହଲତା ନାୟକ, ଡଃ ସଞ୍ଜୀବ କୁମାର ପାଣିଗ୍ରାହୀ, ଅଶୋକ କୁମାର ପଲେଇ, ଡଃ ପୁଷ୍ପା ପାତ୍ର, ଶଙ୍କର ଜେନା ଓ ଶିଉଲାଲ ମହାନ୍ତ ପ୍ରମୁଖ ନିଜ ରଚନା ପ୍ରସୂତ ପୁସ୍ତକ ଯଥାକ୍ରମେ 'ଦିବ୍ୟ ଜ୍ୟୋତି', 'ବାହୁଡ଼ା ବସନ୍ତରେ ତୁମେ', ' ମତି ଗତି ବିଭୂତି ', 'ଅନୁଚ୍ଚାରିତ ସ୍ୱପ୍ନ ', 'ପ୍ରବନ୍ଧେ ଓଡିଆ କଥା', 'ଶୂନ୍ୟରୁ ସୂତାଖିଅ', 'ଅପ୍ରକଟ', 'ମୁଠାଏ ମୁହୂର୍ତ୍ତ' ଓ 'ସୁଇସାଇଡ୍ ନୋଟ୍ ' ଆଦି ପୁସ୍ତକଗୁଡ଼ିକର ଅନ୍ତର୍ନିହିତ ଭାବ ଏବଂ ସାମାଜିକ ମୂଲ୍ୟବୋଧ ଆଦି ସମ୍ପର୍କରେ ଲେଖକୀୟ ବକ୍ତବ୍ୟମାନ ରଖିଥିଲେ। ଯୁବ ସାହିତ୍ୟିକ ଅଧ୍ୟାପକ ସମରେନ୍ଦ୍ର କୁମାର ବଶା ପୁସ୍ତକ ଦିବସକୁ ନେଇ ସଂକ୍ଷେପ ପାଠକୀୟ ମତାମତ ଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ବରିଷ୍ଠ ସଦସ୍ୟ ଅଜିତ କୁମାର କବାଟ, ବର୍ଷିୟାନ ସାହିତ୍ୟିକ ନରସିଂହ ବାରିକ, ସୁସାହିତ୍ୟିକା ରଶ୍ମିତା ପାତ୍ର , ଭାସ୍ୱତୀ ପଣ୍ଡା ଓ ଜୟରାମ ସିଂହ। ଧନ୍ୟବାଦ ଜ୍ଞାପନ କରିଥିଲେ କୋଷାଧ୍ୟକ୍ଷ କୈବଲ୍ୟ ପ୍ରସାଦ ମହାପାତ୍ର।

## ମହିଳା ଆକ୍ରୋଶ ଜନସମାବେଶ ଓ ବିକ୍ଷୋଭ, କୁଶପୁତ୍ତଳିକା ଦାହ



ଭଦ୍ରକ,୨୪/୦୪(ନି.ପ୍ର) : ଭଦ୍ରକ ଜିଲ୍ଲାରେ ଆଜି ମହିଳା ଆକ୍ରୋଶ ଜନସମାବେଶ ଓ ବିକ୍ଷୋଭ କାର୍ଯ୍ୟକ୍ରମ ବିଶାଳ ଆକାରରେ ଅନୁଷ୍ଠିତ ହୋଇଯାଇଛି। ନୂଆବଜାର ସ୍ଥିତ ଗାନ୍ଧିପଡ଼ିଆ ଠାରୁ ଆରମ୍ଭ ହୋଇ ବ୍ଲକ ଛକ ପର୍ଯ୍ୟନ୍ତ ଏକ ବିଶାଳ ମହିଳା ପଦଯାତ୍ରା ଆୟୋଜିତ ହୋଇଥିଲା। ଏହି ବିକ୍ଷୋଭରେ ଭଦ୍ରକର ମାନ୍ୟବର ସାଂସଦ ଶ୍ରୀଯୁକ୍ତ ଅଭିମନ୍ୟୁ ସେଠି ମହୋଦୟ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଶ୍ରୀମତୀ ମମତା ମହାପାତ୍ର ଉପସ୍ଥିତ ରହି ମହିଳାଙ୍କ ଅଧିକାର ଓ ସମ୍ମାନ ପାଇଁ ସ୍ୱର ଉତ୍ତୋଳନ କରିଥିଲେ। ଏହି ଅବସରରେ ବହୁ ସଂଖ୍ୟକ ମହିଳା ଯୋଗଦେଇ ନିଜର ଅଧିକାର ଓ ସୁରକ୍ଷା ପାଇଁ ଦୃଢ଼ ସନ୍ଦେଶ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ମହିଳା ମାନେ କଂଗ୍ରେସ ରାଜ୍ୟ ସଭାପତି ଓ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ

## ଫିଟନେସ୍ ପାର୍କରେ ପୃଥିବୀ ଦିବସ ପାଳନ

କେନ୍ଦ୍ରାପଡ଼ା,୨୪/୦୪(ନି.ପ୍ର) : ପ୍ରବଳ ଗ୍ରୀଷ୍ମ ଓ ତାତିର ପ୍ରଭାବରୁ ପୃଥିବୀ ପୃଷ୍ଠରେ ତାପମାତ୍ରାକୁ ସନ୍ତୁଳିତ ରଖିବାରେ ଅଶ୍ୱସ୍ତ ଗଛର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଏହି ଅବସରରେ ପରିବେଶରେ ଜଳବାୟୁର ଉତାପକୁ ନିୟନ୍ତ୍ରଣ କରିବା ପାଇଁ ବିକଶିତ ରାଷ୍ଟ୍ର ଗଠନରେ ସହଯୋଗ ପାଇଁ ପ୍ରୟାସରତ କୁଶିଆପାଳ ଓ ଗୁଆଳସିହ ଗ୍ରା. ପ. ମଧ୍ୟରେ ଅବସ୍ଥିତ ଓ ପ୍ରକୃତି ମିତ୍ର ଦି ଇନଷ୍ଟିଚ୍ୟୁଟ ଅଫ୍ ଟୋଟାଲ ଫିଟନେସ ଆଣ୍ଡ ମ୍ୟାନେଜମେଂଟ ତରଫରୁ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପରିଚାଳକ ସୁବାଦାର ମେଜର ବ୍ରଜ କିଶୋର ସାହୁଙ୍କ ପ୍ରୟାସରେ ଆଜି ସ୍ଥାନୀୟ ଫିଟନେସ ପାର୍କରେ ଅଶ୍ୱସ୍ତ ଗଛ ରୋପଣ କରାଯାଇଥିଲା। ଏହି ଅନନ୍ୟ କାର୍ଯ୍ୟକ୍ରମରେ ପ୍ରତିଷ୍ଠାତାଙ୍କ ସହିତ ସ୍ୱେଚ୍ଛାସେବୀ ସମରେନ୍ଦ୍ର ଦାସ, ଶ୍ରୀମତୀ ଲକ୍ଷ୍ମୀପ୍ରିୟା ବେହେରା ଓ ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ଆଗ୍ରହର ସହିତ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିଥିଲେ। ଶ୍ରୀମତୀ ବେହେରା ଓ ଶ୍ରୀ ଦାସ ସନ୍ତୁଳିତ ପରିବେଶ ପାଇଁ ଅଶ୍ୱସ୍ତ ଗଛର ଗୁରୁତ୍ୱ ବିଷୟରେ ଉପସ୍ଥିତ ପିଲାମାନଙ୍କୁ ନିଜ ନିଜର ସମ୍ବୋଧନରେ କହିଥିଲେ। ଏହି କାର୍ଯ୍ୟକ୍ରମକୁ ଦିଲିପ କୁମାର ବେହେରା ଓ ଶଶି ପ୍ରସାଦ ମହାରଣା ପରିଚାଳନା କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ସରକାରୀ ଯୋଜନାରେ ଆସିପାରେ...

ଯାହାକୁ ସବୁଜ, ହଳଦିଆ ଓ ଲାଲ ରଙ୍ଗର ବର୍ଗୀକରଣ କରାଯିବ। ସବୁଜ ବର୍ଗର ଯୋଜନାକୁ ଅଧିକ ପ୍ରାଥମିକତା ଦିଆଯିବ, ହଳଦିଆକୁ ଦ୍ୱିତୀୟ ପ୍ରାଥମିକତା ଓ ଲାଲ୍? ବର୍ଗକୁ ସର୍ବନିମ୍ନ ପ୍ରାଥମିକତା ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ସମାନ ଭାବେ ଏକାଧିକ ଯୋଜନାକୁ ଗୋଟିଏ ଛାତ ତଳକୁ ଅଣାଯିବ। ଆୟୁଷ୍ମାନ ଭାରତ, ମଧ୍ୟାହ୍ନ ଭୋଜନ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ଭଳି କେନ୍ଦ୍ରୀୟ ଯୋଜନାରେ ପ୍ରଥମେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯିବ। ଏହି ଯୋଜନା ପାଇଁ ଆର୍ଥିକ ଅଭାବ ଦେଖାଦେଲେ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ସହାୟତା ଯୋଗାଇବେ। ଆଗାମୀ ୧୫ ଦିନ ମଧ୍ୟରେ ଚୂଡାନ୍ତ ରୂପରେଖ ପ୍ରସ୍ତୁତ ପାଇଁ ନିର୍ଦ୍ଦେଶ ରହିଛି। ତେବେ ଏହି ନିଷ୍ପତ୍ତିକୁ ନେଇ ଆରମ୍ଭ ହୋଇଛି ରାଜନୈତିକ ବୟାନବାଜି। ଭିଜନ ୨୦୩୬କୁ ଲକ୍ଷ୍ୟ କରି ସରକାର ଢାଞ୍ଚାଗତ ପରିବର୍ତ୍ତନ ପାଇଁ ପ୍ରୟାସ କରିଛନ୍ତି। କିନ୍ତୁ ବାସ୍ତବରେ ଏହା କେତେ କାର୍ଯ୍ୟକାରୀ ହେବ ତା ଉପରେ ନଜର।

### ତତଲା ଝାଞ୍ଜିରେ ତ୍ରାହି ତ୍ରାହି ଡାକୁଛି...

ସମ୍ବଲପୁର, ହୀରାକୁଦ, ରାଉରକେଲା ତାପମାତ୍ରା ୪୨ଡିଗ୍ରି ଟପିଛି। ୪୦ଡିଗ୍ରି ଉପରେ ରାଜ୍ୟର ୧୦ରୁ ଅଧିକ ସ୍ଥାନର ତାପମାତ୍ରା ରହିଛି। ଚାରିଆଡେ ରାଜୁତି କରୁଛି ଭୟଙ୍କର ତାତି। ସ୍ଥିତି ଏମିତି ହୋଇଛି ଲୋକେ ଘରୁ ଗୋଡ଼ କାଢ଼ିବାକୁ ଡରୁଛନ୍ତି। ୨୪ଘଣ୍ଟା ପାଇଁ ୧୩ଜିଲ୍ଲାକୁ ଚେତାବନୀ ଜାରି ହୋଇଛି। ମୟୁରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି ଜିଲ୍ଲାକୁ ଗରମ ଗୁଳୁଗୁଳି ନେଇ ଏଲୋ ଆଲର୍ଟ ଜାରି କରିଛି ଆଂଚଳିକ ପାଣିପାଗ କେନ୍ଦ୍ର । ରାଜ୍ୟରେ ଚାଲିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆଗୁଆ ଖରାଛୁଟି ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ପିଲାମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଏ ସମ୍ପର୍କିତ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି।

## ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ଜାତୀୟ ପଞ୍ଚୟତରାଜ ଦିବସ ପାଳିନ ଓ ଅନ୍ତର୍ଦ୍ୱୟ ଗୃହ ଯୋଜନାର ୱାର୍କ ଅର୍ଡର ବଣ୍ଟନ



ବାଲିଆପାଳ,୨୪/୪ (ନି.ପ୍ର ) ବାଲିଆପାଳ ବ୍ଲକ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ବାଲିଆପାଳ ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକ ସ୍ତରୀୟ ଜାତୀୟ ପଞ୍ଚୟତିରାଜ ଦିବସ ପାଳିନ ସହିତ ହିତାଧିକାରୀଙ୍କୁ ଅନ୍ତର୍ଦ୍ୱୟ ଆବାସ ଯୋଜନାର ୱାର୍କ ଅର୍ଡର ବଣ୍ଟନ କରଯାଇଛି। ଏହି ଅବସରରେ ଓଡିଶାର ମୁଖ୍ୟ ମନ୍ତ୍ରୀ ମୋହନ ଚରଣ ମାଝି ବଲାଙ୍ଗୀର ଠାରେ ଯୋଗ ଦେଇ ଅନ୍ତର୍ଦ୍ୱୟ ଗୃହ ଯୋଜନାର ୱାର୍କ ଅର୍ଡର ବଣ୍ଟନ ଅଭାସୀ ମାଧ୍ୟମରେ ଉଦଘାଟନ କରିବା ପରେ ବାଲିଆପାଳ ବ୍ଲକରେ ୧୯୭ ଜଣ ନୂଆ ଅନ୍ତର୍ଦ୍ୱୟ ଗୃହ ଯୋଜନାରେ ଅନ୍ତର୍ଭୂକ୍ତ ହିତାଧିକାରୀଙ୍କୁ ୱାର୍କ ଅର୍ଡର ବଣ୍ଟନ କରାଯାଇ ଥିଲା।ଏହି ଅବସରରେ ବିଡିଓ ରାଧା ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏମ ପି ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ, ଏବିଡିଓ ଶରତ ଚନ୍ଦ୍ର ମୁଦୁଲି, ବାଲିଆପାଳ ବ୍ଲକ ଉପାଧ୍ୟକ୍ଷ ରାଜେଶ ଚୌଧୁରୀ, ଜିପିଓ ପ୍ରିୟବ୍ରତ ଗିରି, ସହକାରୀ ଯନ୍ତ୍ରୀ ଅମିତ କୁମାର ମୁର୍ମୁ, ଯୋଗାଣ ଅଧିକାରୀ ବିଷ୍ଣୁପ୍ରସାଦ ମହାରଣା, ବାଲିଆପାଳ ପଞ୍ଚାୟତ ସରପଞ୍ଚ ପ୍ରତିନିଧି ହେମନ୍ତ କୁମାର ଦାସ ଯୋଗ ଦେଇ ହିତାଧିକାରୀଙ୍କୁ ଅନ୍ତର୍ଦ୍ୱୟ ଗୃହ ଯୋଜନାର ୱାର୍କ ଅର୍ଡର ବଣ୍ଟନ କରିଥିଲେ। ସେହି ପରି ବିଷ୍ଣୁପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ପୂର୍ବାହ୍ନ ସାଢ଼େ ଏଗାରଟା ସମୟରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇ ଯାଇଛି।

## ଦୁର୍ଘଟଣା ଦେଖୁଦେଖୁ ଦୁର୍ଘଟଣାର ଶିକାର ହେଲେ ବାଇକ ଚାଳକ : ଚାଲିଗଲା ଜୀବନ

ନୀଳଗିରି - ୨୪/୪ (ନି.ପ୍ର) ଶେରଗଡ ଝରଣାଘାଟୀ ୧୯ ନଂ ରାଜ୍ୟ ରାଜପଥର ଆମ୍ବୁଡିହା ଛକ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ବାଇକ ଚାଳକଙ୍କ ମୃତ ହୋଇଛି। ସୂଚନା ଅନୁଯାୟୀ ରେମୁଣା ବ୍ଲକ ନରହରିପୁର ଗ୍ରାମର ସ୍ମୃତିଧର ବାରିକ(୫୨) କୌଣସି କାମରେ ଆମ୍ବୁଡିହା ଛକକୁ ଆସିଥିଲେ। ଦୁଇଜଣ ଡାକ୍ତର ଦମ୍ପତି ଏକ କାରରେ ଶେରଗଡ ଅଭିମୁଖେ ଯାଉଥିଲେ। ଏହି ସମୟରେ ରାସ୍ତାର ଅପରପାର୍ଶ୍ୱରେ ଏକ ଟ୍ରକ ଦୁର୍ଘଟଣା ହୋଇଥିବା ବେଳେ ତାହାକୁ ଦେଖି ଉଭୟ କାର ଓ ବାଇକରେ ଯାଉଥିବା ସ୍ମୃତିଧରଙ୍କ ମଧ୍ୟରେ ମୁହାମୁହିଁ ଧକ୍କା ହୋଇଥିଲେ। ସଙ୍ଗେସଙ୍ଗେ ଉଭୟ ଡାକ୍ତର ଦମ୍ପତ୍ତି ସେଠାରେ ବାଇକ ଚାଳକଙ୍କୁ ଆଶୁଚିକିତ୍ସା ଦେବା ସହ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ନେଇ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

ନାମଲେଖା ଚାଲିଛି "ସା ବିଦ୍ୟା ଯା ବିମୁକ୍ତୟେ"
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ରସାଳପୁର, ବାଲେଶ୍ୱର-୨୦୨୬-୨୭
R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ, ଆଦିବାସୀ, ହରିଜନ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।
ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ
ଯୋଗାଯୋଗ:- ୯୮୬୧୪୧୬୧୧୭ / ୮୨୪୯୯୯୮୯୦୩

ନାମଲେଖା ଚାଲିଛି "ସା ବିଦ୍ୟା ଯା ବିମୁକ୍ତୟେ"
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ବଇଁଚା, ବାଲେଶ୍ୱର-୨୦୨୬-୨୭
R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ, ଆଦିବାସୀ, ହରିଜନ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି ।
ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ
ଯୋଗାଯୋଗ:- ୯୯୩୮୨୨୮୧୩୨ / ୭୩୮୧୩୫୫୮୧୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବର୍ଷୀୟାନ କମ୍ୟୁନିଷ୍ଟନେତା ଘାସିରାମ ସିଂଙ୍କ ପରଲୋକ



ନୀଳଗିରି, ୨୪/୪(ନି.ପ୍ର) : ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୧.୩୦ ସମୟରେ ନୀଳଗିରି ତଥା ବଣସୀମା ଅଞ୍ଚଳର ବର୍ଷୀୟାନ କମ୍ୟୁନିଷ୍ଟନେତା (ସିପିଏମ) ଘାସିରାମ ସିଂଙ୍କ ପରଲୋକ ହୋଇଯାଇଛି। ଦୀର୍ଘଦିନଧରି କିଡନୀ ଜନିତ ରୋଗରେ ଆକ୍ରାନ୍ତହୋଇ ଚିକିତ୍ସାଧୀନ ଅବସ୍ଥାରେ ଆଜି ତେଲିପାଳ ପଞ୍ଚାୟତ ଅଧିନସ୍ଥ ପୁଟିବନ୍ଧ ସ୍ଥିତ ନିଜ ବାସଭବନରେ ମୃତ୍ୟୁ ହୋଇଛି। ନୀଳଗିରିର ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡାଙ୍କ ଡାହାଣହାତ କୁହାଯାଉଥିବା ଘାସିରାମ ସିଂ କମ୍ୟୁନିଷ୍ଟ ଚିନ୍ତାଧାରାରେ ଉଦବୁଦ୍ଧ ହୋଇ ଆଦିବାସୀ ଲୋକଙ୍କ ପାଇଁ ସଂଗ୍ରାମ କରିଆସୁଥିଲେ। ପରେ ବିଜେପିରେ ସାମିଲହୋଇଥିଲେ ହେଁ ଆଦିବାସୀ ପରମ୍ପରା , ରୀତିନୀତିକୁ ଉଜ୍ଜିବୀତ ରଖିବାପାଇଁ ସଦାସର୍ବଦା ଲୋକଙ୍କ ପାଇଁ ସଂଗ୍ରାମ ଜାରି ରଖିଥିଲେ। ଜଙ୍ଗଲ ସୁରକ୍ଷା ସହ ଆଦିବାସୀ ସମ୍ପ୍ରଦାୟର ଲୋକଙ୍କ ଜୀବନଜୀବିକା ପାଇଁ ସର୍ବାଗ୍ରେ ପ୍ରଶାସନ ନିକଟରେ ସ୍ୱର ଉତ୍ତୋଳନ କରିଆସୁଥିଲେ। ଏହି ମେଳାପି ଆଦିବୋସୀନେତାଙ୍କ ନିଧନ ଖବରପାଇ ସୁରେଶ ଶଙ୍ଖୁଆ, ଅମରେନ୍ଦ୍ର ନାୟକ, ଉପେନ୍ଦ୍ର ଦାସ, ତେଲିପାଳର ପୂର୍ବତନ ସରପଞ୍ଚ ଭାଗିରଥି ସିଂ, ରବୀନ୍ଦ୍ର ସାହୁ, ଓଡ଼ିଶା ହୋ ସମାଜର ସଭାପତି ବସନ୍ତ ବଡିଭଲି ପ୍ରମୁଖ ଶେଷଦର୍ଶନ କରିବାସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଏଥିସହ ଉକ୍ତପଞ୍ଚାୟତର ବହୁ ୱାର୍ଡସଭ୍ୟ, ଗ୍ରାମକମିଟି ମେମ୍ବର ସହିତ ଗ୍ରାମବାସୀ ଏହି ବର୍ଷୀୟାନ ନେତାଙ୍କ ମୃତ୍ୟୁରେ ଶୋକବ୍ୟକ୍ତ କରିଛନ୍ତି।

# ମାଛ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା : ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ




ବସ୍ତା।୨୪।୪(ନିପ୍ର): ବସ୍ତା ଥାନା, ବାଉଁଶମୁଖା ଗ୍ରାମର ଜଣେ ମାଛ ବ୍ୟବସାୟୀ ଓ ତାଙ୍କର ଜଣେ ସହଯୋଗୀଙ୍କୁ କିଛି ଯୁବକ ଗତ ୧୧ ଏପ୍ରିଲରେ ମରଣାନ୍ତକ ଆକ୍ରମଣ କରିଥିଲେ।ଉକ୍ତ ଘଟଣାରେ ପୁଲିସ ଦୁଇଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଗଉଡ଼ସାହି ଗ୍ରାମର ଦେବା ଶିଷ କବି(ଦେବୁ) ଏବଂ ମନ୍ମଥ କବି। ସୂଚନା ଅନୁସାରେ ଗ୍ରାମର ପିଣ୍ଟୁ ବୈଠା ମାଛ ବ୍ୟବସାୟ କରି ନିଜର ପରିବାର ପ୍ରତିପୋଷଣ କରି ଆସୁଥିଲେ। ଗତ ଏପ୍ରିଲ ୧୧ ତାରିଖରେ ପିଣ୍ଟୁ ତାଙ୍କର ସହ ଯୋଗୀ ବେଣୁଧର ବେହେରାଙ୍କ ସହ ଜଳେଶ୍ୱର ଯାଇ ବେପାର ଟଙ୍କା ନେଇ ଫେରୁଥିଲେ। ଦିନ ଦ୍ୱିପ୍ରହରରେ ମାଛ ବାବଦରେ କଥା ଅଛି କହି ଏକ ଅଜଣା ନମ୍ବରରେ ପିଣ୍ଟୁଙ୍କ ମୋବାଇଲକୁ ଫୋନ ଆସିବା ସହ ୧୬ ନମ୍ବର ଜାତୀୟ ରାଜପଥର କୁଡ଼ିଆ ପୋଲ ପାର୍ଶ୍ୱ ବସୁନ୍ଧରା ହୋଟେଲକୁ ଆସିବାକୁ ବ୍ୟକ୍ତି ଜଣକ କହିଥିଲେ। ପିଣ୍ଟୁ ଏବଂ ବେଣୁଧର ଉକ୍ତ ହୋଟେଲ ରେ କାରରୁ ଓହ୍ଲାଇବା ମାତ୍ରେ ସ୍ଥାନୀୟ ସଦାନନ୍ଦପୁର ଅଞ୍ଚଳର ଦେବାଶିଷ କବି, ଦିଲ୍ଲୀପ ବେହେରା, ସ୍ନେହାଶିଷ ବାରିକ, କାହ୍ନୁ ଚରଣ ବାରିକ, ମନ୍ମଥ କବି, ହିତେଶ ବାରିକଙ୍କ ସମେତ ୧୦/୧୨ ଜଣ ଦୁର୍ବୃତ୍ତ ବିଭିନ୍ନ ମାରଣାସ୍ତ୍ର ଧରି ପିଣ୍ଟୁଙ୍କୁ ଅତର୍କିତ ଆକ୍ରମଣ କରିବା ସହ ପାଖରେ ଥିବା ପ୍ରାୟ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଓ ସୁନା ଗହଣାକୁ ଲୁଟି ନେଇଥିଲେ। ବେଣୁଧର ପ୍ରତିବାଦ କରିବାରୁ ତାଙ୍କୁ ମଧ ହାଣି ରକ୍ତାକ୍ତ କରିବା ସହିତ ତାଙ୍କୁ ଜୀବନରୁ ମାରିଦେବା ନିମନ୍ତେ ଗୋଡାଇବାରୁ ବେଣୁଧର କୌଶଳ କ୍ରମେ ସେଠାରୁ ଖସି ଆସି ଅନ୍ୟମାନଙ୍କୁ ଖବର ଦେଇଥିଲେ। ଫଳରେ ସମସ୍ତେ ଘଟଣା ସ୍ଥଳରେ ପହଞ୍ଚି ଅଚେତ ହୋଇ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ପିଣ୍ଟୁଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ରୂପସା ପରେ ରେମୁଣା ମେଡିକାଲ କଲେଜକୁ ଚିକିତ୍ସା ନିମନ୍ତେ ନେଇଥିଲେ। ତେବେ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସ୍ତ୍ରୀ ସୁମିତ୍ରା ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୨୧୭/୨୬ ମୂଳେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ମାତ୍ର ଘଟଣାକୁ ୧୧/୧୨ ଦିନ ବିତିଯାଇଥିଲେ ବି ପୁଲିସ ଅଭିଯୁକ୍ତ ମାନଙ୍କୁ ଗିରଫ କରୁନଥିବାରୁ ସେମାନଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିବା ପରିବାର ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ କରୁଥିଲେ। ଫଳରେ ସମସ୍ତ ଅଭିଯୁକ୍ତଙ୍କ ମଧ୍ୟରୁ ଶୁକ୍ରବାର ପୁଲିସ ଦୁଇ ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଖୁବ ଶୀଘ୍ର ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ ଚେଷ୍ଟା ଚଳାଇଛି ପୋଲିସ ସୂତ୍ରରୁ ପ୍ରକାଶ।

# ନୀଳମଣି ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସେଲ ତରଫରୁ ଆୟୋଜିତ ଆଲୋଚନା ଚକ୍ର




ରୁପ୍ସା, ୨୪/୦୪(ନି.ପ୍ର): ନୀଳମଣି ମହାବିଦ୍ୟାଳୟରେ ଶକ୍ତିଶ୍ରୀ ସେଲ ତରଫରୁ 'ନାରୀ ସମସ୍ୟା ଓ ସମାଧାନ 'ଶୀର୍ଷକ ଏକ ଆଲୋଚନା ଚକ୍ର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ ତପନ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ନାରୀ ସଶକ୍ତିକରଣରେ ଓ ଓ ନାରୀ ସୁରକ୍ଷା ଦିଗରେ ଶକ୍ତିଶ୍ରୀ ସେଲର ଭୂମିକା ସମ୍ପର୍କରେ ମୂଲ୍ୟବାନ ମତ ପୋଷଣ କରିଥିଲେ।ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସ୍ଥାନୀୟ ରୁପ୍ସା କମ୍ୟୁନିଟି ହେଲଥ ସେଣ୍ଟରର ଡାକ୍ତର ଡ଼ ଅସିତ କୁମାର ପ୍ରଧାନ ଯୋଗଦେଇ ଦୈନନ୍ଦିନ ଜୀବନରେ ନାରୀ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଓ ତାର ସମାଧାନ ବିଷୟରେ କଥୋପକଥନ ତଥା ପ୍ରଶ୍ନୋତ୍ତର ମାଧ୍ୟମରେ ତଥ୍ୟ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପକ ସରୋଜ କୁମାର ପାଣି ପ୍ରାଧ୍ୟାପିକା କଳ୍ପନାମଞ୍ଜରୀ ପାତ୍ର,ଅଧ୍ୟାପକ ଗୌରାଙ୍ଗ ଚରଣ ପଣ୍ଡା, ଅଧ୍ୟାପକ ସତ୍ୟେନ୍ଦ୍ର କୁମାର ପାଲ, ଅଧ୍ୟାପିକା ଡ଼ ଅନ୍ନପୂର୍ଣ୍ଣା ରଣା ଆଦି ଯୋଗଦେଇ ନାରୀ ସମସ୍ୟା ଓ ସମାଧାନ ଉପରେ ଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ଶକ୍ତିଶ୍ରୀ ସେଲର ସଂଯୋଜିକା ଡ଼ ସୁଜାତା ରାଣୀ ଗିରି ସ୍ୱାଗତ ଭାଷଣ ଓ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଆଲୋଚନା ଚକ୍ରରେ ଯୁକ୍ତ ତିନିର ଛାତ୍ରୀମାନେ ଉପସ୍ଥିତ ଥିଲେ।

# ଜିଲ୍ଲା ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ-୨୦୨୬ ମହା ସମାରୋହରେ ପାଳିତ



ବାଲେଶ୍ୱର,୨୪/୦୪(ନି.ପ୍ର) : ଆଜି ସନ୍ଧ୍ୟା ୫.୩୦ ଘଟିକା ସମୟରେ ବାଲେଶ୍ୱର ଜିଲ୍ଲା ପ୍ରଶାସନର ଗ୍ରାମ ପଞ୍ଚାୟତ ବିଭାଗ ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ୨୦୨୬ ପାଳିତ ହୋଇଛି। ଏଠାରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବାଲେଶ୍ୱର ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଯୋଗ ଦେଇଥିଲେ । ତାଙ୍କ ସହିତ ମାନ୍ୟବର ସଦର ବିଧାୟକ ଶ୍ରୀଯୁକ୍ତ ମାନସ କୁମାର ଦତ୍ତ, ମାନ୍ୟବର ସଭାପତି, ବାଲେଶ୍ୱର ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ନାରାୟଣ ପ୍ରଧାନ, ମାନ୍ୟବର ଅଧକ୍ଷା, ବାଲେଶ୍ୱର ପୌରପାଳିକା ଶ୍ରୀମତୀ ସବିତା ସାହୁ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାଲେଶ୍ୱର ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ସଞ୍ଜୟ କୁମାର ରାଉତ, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରିଣୀ ଡଃ ମଧୁସ୍ମିତା ସାମନ୍ତରାୟ, ନୀଳଗିରି ଉପ ଜିଲ୍ଲାପାଳ ଶ୍ରୀମତୀ ଶୁଭଶ୍ରୀ ରଥ, ସଦର ପଞ୍ଚାୟତ ସମିତି ଅଧକ୍ଷା ଶ୍ରୀମତୀ ସୁନୀତା ବେହେରା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦର, ଶ୍ରୀଯୁକ୍ତ ଉତ୍ତମ କୁମାର ଜେନା, ଓଡ଼ିଶା ସରକଙ୍କ ଉପ ମୁଖ୍ୟ ସଚେତକ ତଥା ମାନ୍ୟବର ରେମୁଣା ବିଧାୟକଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଲମ୍ବଧର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ । ଜାତୀୟ ପଞ୍ଚାୟତିରାଜ ଦିବସ ବିଷୟରେ ଅତିଥି ମାନେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ପ୍ରତିବର୍ଷ ଏପ୍ରିଲ ୨୪ ତାରିଖରେ ଏହି ଦିବସ ପାଳନ କରାଯାଏ। ୧୯୯୩ ମସିହାରେ ୭୩ତମ ସଂବିଧାନ ସଂଶୋଧନ ମାଧ୍ୟମରେ ପଞ୍ଚାୟତି ରାଜ ବ୍ୟବସ୍ଥାକୁ ଆଇନଗତ ମାନ୍ୟତା ଦିଆଯାଇଥିଲା, ଯାହା ଗ୍ରାମ ସ୍ତରରେ ଲୋକତନ୍ତ୍ରକୁ ଶକ୍ତିଶାଳୀ କରିଛି। ପଞ୍ଚାୟତି ରାଜ ବ୍ୟବସ୍ଥା ଆମ ଦେଶର ଗ୍ରାମ ଉନ୍ନତିର ମୂଳ ଭିତ୍ତି। ଏହା ମାଧ୍ୟମରେ ଲୋକମାନେ ସିଧାସଳଖ ଶାସନରେ ଅଂଶଗ୍ରହଣ କରିପାରନ୍ତି। ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ — ଏହି ତିନିଟି ସ୍ତର ମାଧ୍ୟମରେ ଗ୍ରାମ ଉନ୍ନତି କାର୍ଯ୍ୟ ସମ୍ପନ୍ନ ହୁଏ। ଏହି କାର୍ଯ୍ୟ କ୍ରମରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ବ୍ଲକରୁ ଅନେକ ସଂଖ୍ୟାରେ ସୁଭଦ୍ରା ମା ମାନେ, ପଞ୍ଚାୟତ ସ୍ତରର ଲୋକ ପ୍ରତିନିଧି ମାନେ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନେ, ସାମ୍ବାଦିକ ବନ୍ଧୁ ଗଣ ଉପସ୍ଥିତ ଥିଲେ। ସୁଶ୍ରୀ ହେଜେଲ ପାୟଲ ମଞ୍ଚ ପରିଚାଳନା କରିଥିଲେ । ଏଠାରେ ୧୨ ଜଣ ଅନ୍ତ୍ୟୋଦୟ ଗୃହ ଯୋଜନାର ନୂତନ ହିତାଧିକାରୀ ମାନଙ୍କୁ ଅତିଥିମାନେ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ୩ ଜଣ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ବିଭିନ୍ନ ବିଭାଗରେ ଅଗ୍ରଣୀ ଲାଭ କରିଥିବା ପଞ୍ଚାୟତ ସଂସ୍ଥା ମାନଙ୍କୁ ପୁରସ୍କୃତ କରଯାଇଥିଲା । ବିଭିନ୍ନ ବିଦ୍ୟାଳୟର କୁନି କୁନି ଛାତ୍ର ଛାତ୍ରୀ ମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ଓଡ଼ିଶାର ମାନ୍ୟବର ମୁଖ୍ୟ ମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ ବଲାଙ୍ଗୀର ଜିଲ୍ଲାର ଗାନ୍ଧୀ ମାର୍ଗରୁ ଆଭାସି ଜରିଆରେ ସିଧାପ୍ରସାରଣ ମାଧ୍ୟମରେ ଯୋଡି ହୋଇଥିଲେ ।

# ସମ୍ମିଳିତ କର୍ମଜୀବି ସାମ୍ବାଦିକ ମହାସଂଘ ବାଲେଶ୍ୱର ଶାଖାର ବୈଠକ ଅନୁଷ୍ଠିତ




ବାଲେଶ୍ୱର,୨୪/୦୪(ନି.ପ୍ର) : ୨୪ ତାରିଖ ଅପରାହ୍ନରେ ଓଟି ରୋଡ ସ୍ଥିତ ଅଙ୍ଗାର ଗଡ଼ିଆଠାରେ ମହେଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସମ୍ମିଳିତ କର୍ମଜୀବି ସାମ୍ବାଦିକ ମହାସଂଘ ବାଲେଶ୍ୱର ଶାଖାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଆସନ୍ତା ୨୯ ତାରିଖ ମହାସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ପୀତବାସ ମିଶ୍ରଙ୍କ ବଲେଶ୍ୱର ଆଗମନ ପରିପ୍ରେକ୍ଷୀରେ ବୈଠକରେ ଆଲୋଚନା ହୋଇଥିଲା । ଏଥିରେ ସର୍ବଶ୍ରୀ ସୃଷ୍ଟିଧର ପରିଡା, ଶୁଭେନ୍ଦୁ କୁମାର ଦାସ, ଅପର୍ଣ୍ଣା ମହାପାତ୍ର, ଭବେଶ ପାଣିଗ୍ରାହି, କଞ୍ଚମଣୀ ସ୍ୱାଇଁ, ମନୋଜ ବିଶ୍ୱାଳ, ମିତାଞ୍ଜଳି ପାଣିଗ୍ରାହି, ଦମୟନ୍ତୀ ପଣ୍ଡା, ଭଗବାନ୍ ଚନ୍ଦ୍ର ଦାସ, ହରିଶଙ୍କର ଜେନା, ଶରତ ବାରିକ୍, ତପନ ଦାଶ, ସୁରେନ୍ଦ୍ର ମୋହନ୍ ଜେନା, ମହେଶ୍ୱର ପ୍ରଧାନ, କମଳାକାନ୍ତ ନାୟକ, ଦେବବ୍ରତ ପାଣିଗ୍ରାହୀ, ସମ୍ପିତ କୁମାର ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ମଧୁସୂଦନ ଗିରି, ବିସ୍ମୟ କୁମାର୍ ମଲିକ ପ୍ରମୁଖ ଯୋଗଦେଇ ଆଲୋଚନା ରେ ଅଂଶ ଗ୍ରହଣ କରିଥିଲେ।

# ଜଳେଶ୍ୱରରେ ବିଜେପି ଯୁବମୋର୍ଚ୍ଚାର ଜନ ଆକ୍ରୋଶ ଯୁବ ଶୋଭାଯାତ୍ରା

## ନାରୀଶକ୍ତିର ଅଧିକାର ପାଇଁ ବିରୋଧୀଙ୍କ ବିରୋଧରେ ଗର୍ଜିଲେ କର୍ମୀ




ଜଳେଶ୍ୱର,୨୪/୦୪(ନି.ପ୍ର) : ନାରୀ ଶକ୍ତିର ସମ୍ମାନ ଓ ଅଧିକାରକୁ କ୍ଷୁଣ୍ଣ କରୁଥିବା ଅଭିଯୋଗରେ ଆଜି ଉତ୍ତର ବାଲେଶ୍ୱର ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ଜଳେଶ୍ୱରଠାରେ ଏକ ବିଶାଳ ଜନ ଆକ୍ରୋଶ ଯୁବ ଶୋଭାଯାତ୍ରା ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ଓ ରାଜ୍ୟ ଯୁବମୋର୍ଚ୍ଚାର ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଂଗ୍ରେସ, ବିଜେଡି, ଟିଏମସି, ସମାଜବାଦୀ ପାର୍ଟି ଏବଂ ଡିଏମକେ ଭଳି ଦଳଗୁଡ଼ିକର ମହିଳା ବିରୋଧୀ ମନୋଭାବ ବିରୋଧରେ ଦଳୀୟ କର୍ମୀମାନେ ହୁଙ୍କାର ଦେଇଛନ୍ତି। ବିକ୍ଷୋଭ ପ୍ରଦର୍ଶନ ସମୟରେ ନେତୃବୃନ୍ଦ ଅଭିଯୋଗ କରିଛନ୍ତି ଯେ,ଏହି ବିରୋଧୀ ଦଳଗୁଡ଼ିକ ମହିଳାମାନଙ୍କୁ କେବଳ କ୍ଷମତା ରାଜନୀତିର ଏକ ମାଧ୍ୟମ ଭାବେ ବ୍ୟବହାର କରୁଛନ୍ତି। ନାରୀ ଶକ୍ତିର ପ୍ରକୃତ ବିକାଶ ଓ ଅଧିକାରକୁ ରୋକିବା ପାଇଁ ଚେଷ୍ଟା କରୁଥିବା ଏହି ଦଳମାନଙ୍କୁ ଆଗାମୀ ଦିନରେ ଜନତା ଉଚିତ ଶିକ୍ଷା ଦେବେ ବୋଲି ଚେତାବନୀ ଦିଆଯାଇଛି।ଯିଏ ନାରୀ ଶକ୍ତିକୁ ଆଗକୁ ବଢ଼ିବାରୁ ରୋକିବ,ସେହି ଦଳମାନଙ୍କୁ ତା'ର ପରିଣାମ ଭୋଗିବାକୁ ପଡ଼ିବ।ନବୀନ ପଟ୍ଟନାୟକଙ୍କ ମହିଳା କାର୍ଡର ଜବାବ ଏଥର ଓଡ଼ିଶାର ମା' ଭଉଣୀମାନେ ପ୍ରଶ୍ନବାଣ ମାଧ୍ୟମରେ ଦେବେ ବୋଲି ନେତୃମଣ୍ଡଳୀ କହିଛନ୍ତି।ଆଜିର ଏହି ବିକ୍ଷୋଭ କେବଳ ଏକ ଆରମ୍ଭ ବୋଲି କୁହାଯାଇଛି।ଆଗାମୀ ଦିନରେ ସମଗ୍ର ଓଡ଼ିଶାରେ ବିରୋଧୀଙ୍କ ମହିଳା ବିରୋଧୀ ନୀତି ବିରୋଧରେ ସ୍ୱର ଉତ୍ତୋଳନ କରାଯିବ ଏବଂ ଏହି ଲଢ଼େଇକୁ ଗାଁ ଠୁ ସହର ପର୍ଯ୍ୟନ୍ତ ପହଞ୍ଚାଯିବ। ଏହି କାର୍ଯ୍ୟକ୍ରମରେ ଅନେକ ବରିଷ୍ଠ ନେତା ଓ କର୍ମୀ ସାମିଲ ହୋଇଥିଲେ। ଜିଲ୍ଲା ସଭାପତି ପ୍ରଦୀପ କୁମାର ପଣ୍ଡା, ଯୁବ ମୋର୍ଚ୍ଚା ରାଜ୍ୟ ସଂଯୋଜକ ଦେବବ୍ରତ ସାମଲ, ଜଳେଶ୍ୱର ନିର୍ବାଚନୀ ମଣ୍ଡଳୀର ବିଜେପି ନେତା ବ୍ରଜମୋହନ ପ୍ରଧାନ, ବସ୍ତାର ବିଜେପି ନେତା, ରବୀନ୍ଦ୍ର ନାଥ ଆଣ୍ଡିଆ, ଜିଲ୍ଲା ସାଧାରଣ ସମ୍ପାଦିକା ସୁମତୀ ରାଣୀ ଦେ ଙ୍କ ସହ ଶତାଧିକ ଯୁବକର୍ମୀ ମହିଳା କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇ ବିରୋଧୀ ଦଳ ବିରୋଧରେ ନାରାବାଜି କରି ଜଳେଶ୍ୱର ସହର ପରିକ୍ରମା କରିଥିଲେ।

# ଶେରଗଡ଼ ବ୍ଲକରେ ରାଜନେତା ଚଳଚଂଚଳ, ଜନତା ଶିଥିଳ

ଗଞ୍ଜାମ,୨୪/୦୪(ନି.ପ୍ର) : ଗତ ସାଧାରଣ ନିର୍ବାଚନ ପରଠାରୁ ଏଠାରେ ରାଜନୈତିକ ଶିଥିଳତା ଲାଗି ରହିଥିବା ବେଳେ ବର୍ତମାନ ଆଗକୁ ଆସୁଥିବା ପଂଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ବିଭିନ୍ନ ଦଳର ନେତୃବୃନ୍ଦ ସକ୍ରିୟ ହୋଇ ଜନସାଧାରଣଙ୍କ ନିକଟତର ହ୍ୱୋରେ ଲାଗିଛନ୍ତି। ଗ୍ରାମାଚଂଳରେ ସରକାରଙ୍କ କୌଣସି ଉନ୍ନତିମୂଳକ କାର୍ଯ୍ୟକ୍ରମ ହେଉନଥିବାରୁ ଲୋକେ ରାଜନୈତିକ ଦଳମାନଙ୍କ ପ୍ରତି ବିମୁଖ ହୋଇପଡିଛନ୍ତି। ତେବେ ଆଜିଠାରୁ ଭୋଟର ତଥା ଲୋକ ମାନଙ୍କୁ ଆପଣାର କରି ରଖିବା ପାଇଁ ବିଭିନ୍ନ ଦଳର ନେତୃବୃନ୍ଦ ବିଭିନ୍ନ ଗାଁ କୁ ଯାଇ ମଠମନ୍ଦିର ପ୍ରତିଷ୍ଠା ଉତ୍ସବରେ ଯୋଗଦ୍ୱୋ, ଯାତ୍ରା ନାଟକ, କ୍ରିକେଟ ଓ ଭଲିବଲ ପ୍ରତିଯୋଗୀତାମାନ କରାଇ ଦକ୍ଷିଣା ଦେବା ମଧ ଆରମ୍ଭ କରିଦେଇଛନ୍ତି ।

# ନିଆରା ଢଙ୍ଗରେ ବିବାହ ବାର୍ଷିକୀ ପାଳିଲେ ଆଦର୍ଶ ଦମ୍ପତି



ବସ୍ତା,୨୪/୦୪(ନି.ପ୍ର) : ପୁରୀର ଅଗ୍ରଣୀ ସ୍ୱେଚ୍ଛାସେବୀ ସାମାଜିକ ସଙ୍ଗଠନ ' ଜୟ ମା' ଦକ୍ଷିଣ କାଳୀ ଗ୍ରୁପ୍ ' ପକ୍ଷରୁ ବାଲେଶ୍ୱର ସଦର ବ୍ଲକର ରୁପ୍ସା ସାମିଲ୍ ହସନପୁର ପଞ୍ଚାୟତ ଅନ୍ତର୍ଗତ ପିଞ୍ଚାବଣିଆଁ ଗ୍ରାମରେ ଅବସ୍ଥିତ ବୈଦିକ ଗୁରୁକୁଳ ଆଶ୍ରମରେ ଆଶ୍ରମର ମୁଖ୍ୟ ପରିଚାଳକ ଆଚାର୍ଯ୍ୟ ବିଜୟୀ ଜୀ ଙ୍କ ପୌରହିତ୍ୟ ରେ ଧାର୍ମିକ, ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟମାନ ଅନୁଷ୍ଠିତ ହୋଇଯାଇଅଛି । 'ଜୟ ମା' ଦକ୍ଷିଣ କାଳୀ' ଗ୍ରୁପ୍ ର ମୁଖ୍ୟ ଶ୍ରୀମତୀ କବିତା ପଣ୍ଡା ଓ ଶ୍ରୀଯୁକ୍ତ ମୈତ୍ରଜିତ୍ ମିଶ୍ର ଙ୍କ ବିବାହ ବାର୍ଷିକୀ ମଧ ପାଳନ ହୋଇଥିଲା। ଏହି ଅବସରରେ ଶ୍ରଦ୍ଧେୟା କବିତା ଓ ଶ୍ରଦ୍ଧେୟ ମୈତ୍ରଜିତ୍ ଙ୍କ ଯଜମାନତ୍ୱରେ ଗୁରୁକୁଳରେ ବୃକ୍ଷ ରୋପଣ, ଗୋମାତା ସେବା ଓ ବିଶ୍ୱକଲ୍ୟାଣ ଦେବଯଜ୍ଞ ସହିତ ସଙ୍ଗଠନ ପକ୍ଷରୁ ଆଶ୍ରମର ପିଲାମାନଙ୍କୁ ଅନ୍ନ, ବସ୍ତ୍ର ଓ ପାଠ୍ୟ ଉପକରଣ ସାମଗ୍ରୀମାନ ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ସଙ୍ଗଠନ ପକ୍ଷରୁ ସାମ୍ବାଦିକ ନୈବେଦ୍ୟ ସାହୁ, ଶ୍ରୀତମ୍ ମଲ୍ଲିକ, ପ୍ରକାଶ ବେହେରା, ବର୍ଷା ବେହେରା ଓ ଲକ୍ଷ୍ମୀ ପ୍ରିୟା ନାୟକ ଆଦି ସଦସ୍ୟ ସଦସ୍ୟାଗଣ ଯୋଗଦେବା ସହ ଆୟଗଡ଼ିଆ ବିକାଶ ପରିଷଦର ମୁଖ୍ୟ ଶ୍ରୀ ଅନ୍ତର୍ଯ୍ୟାମି ମହାପାତ୍ର ଯୋଗଦାନ କରିଥିଲେ । ଗୁରୁକୁଳର ଅନନ୍ୟ ଶୁଭେଚ୍ଛୁ ଓଡ଼ିଶା ରିଲ୍ ଭାଇରାଲ୍ ମ୍ୟାନ୍ ପୁର୍ଣ୍ଣ ମଉଷା ସଙ୍ଗଠନର କର୍ମକର୍ତ୍ତାଙ୍କୁ ଗୁରୁକୁଳରେ ପହଞ୍ଚିବାରେ ଅନନ୍ୟ ପ୍ରୟାସ କରିଥିଲେ । ସଂପ୍ରତି ସମାଜରେ ଯୁବସମାଜ ଓ ଦାମ୍ପତ୍ୟ ଜୀବନ ଯେତେବେଳେ ବିପଥ ଗାମୀ ଦିଗରେ ଗତି କରୁଛି ସେତେବେଳେ ଜୟମା' ଦକ୍ଷିଣ କାଳୀ ଗ୍ରୁପ୍ ର ଆଦର୍ଶ ଯୁବ ଦମ୍ପତି ନିଜର ବିବାହ ବାର୍ଷିକୀ ନିଆରା ଢଙ୍ଗରେ ପାଳନ କରିବା ସହ ନିଜର ଦାମ୍ପତ୍ୟ ଜୀବନ ସହିତ ସଙ୍ଗଠନର ମାନ ବଢ଼ାଇ ସମାଜ ପାଇଁ ଉଦାହରଣ ସୃଷ୍ଟି କରିଥିବାରୁ। ଆଦର୍ଶ ଦମ୍ପତି ଶ୍ରଦ୍ଧେୟା କବିତା ଓ ଶ୍ରଦ୍ଧେୟ ମୈତ୍ରଜିତ୍ (ଜିତୁ) ତଥା ସେବା ଓ ଦାନ କ୍ଷେତ୍ରରେ ମାନବ ? ସେବା ଓ ମାଧବ ସେବା ଉକ୍ତିକୁ ଚରିତାର୍ଥ କରିଥିବାରୁ ଜୟ ମା' ଦକ୍ଷିଣ କାଳୀ ଗ୍ରୁପ୍ କୁ ଗୁରୁକୁଳ ପକ୍ଷରୁ ସ୍ଥାନୀୟ ସରପଞ୍ଚ ମାନନୀୟା ମାଳତୀ ପ୍ରଧାନଙ୍କ ଦ୍ୱାରା କୃତଜ୍ଞତା ପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ପରିଶେଷରେ ଗୁରୁକୁଳରେ ମୁଖ୍ୟ ଆଚାର୍ଯ୍ୟ ବିଜୟୀ ଜୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida